# ସଂଚାର
THE SANCHAR

Website: sanchar.live    mail Id: sancharodisha@gmail.com
RNI NO :ODIODI/2001/04811   Postal Regd No : BN/249/15-17

Vol. 33 | ISSUE 249 | ଭାଗ ୩୩ | ସଂଖ୍ୟା ୨୪୯    Tuesday 2 December 2025 | Page 8 Rs. 5.00    ● ଭୁବନେଶ୍ୱର ମଙ୍ଗଳବାର ୨ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଇମ୍ରାନଙ୍କ ଚେହେରା ଦେଖାଇବେନି ଟିଭି ଚ୍ୟାନେଲ୍

ପୃଷ୍ଠା ୫

## ଡାକ୍ତର ଲକ୍ଷ୍ମୀ ବାଈ: ସେବା ମନୋଭାବର ଅପୂର୍ବ ନିଦର୍ଶନ

### ଏମ୍ସକୁ ଦାନକଲେ ୩.୪ କୋଟି



**କର୍କଟ ରୋଗୀଙ୍କ ଉପଶମ ଉଦ୍ଦେଶ୍ୟରେ ଉପଯୋଗ ହେବ**

ବ୍ରହ୍ମପୁର,୧।୧୨(ସଂଚାର ବ୍ୟୁରୋ): ସାମ୍ପ୍ରତିକ ସମୟରେ ମାନବିକ ମୂଲ୍ୟବୋଧର ଅହେତୁକ ଅବକ୍ଷୟ ଘଟିଥିଲେ ହେଁ ଜନୈକା ବର୍ଷିୟାନ୍ ଡାକ୍ତର ଯେପରି ସେବା ମନୋଭାବ ଦେଖାଇଛନ୍ତି, ତାହା ନିଶ୍ଚିତ ଭାବେ ଅପୂର୍ବ ବୋଲି କହିପାରିବା। ନିଜର ଜୀବନ ବ୍ୟାପୀ ସଞ୍ଚିତ ଅର୍ଥକୁ ସେ କର୍କଟ ରୋଗୀଙ୍କ ଉପଶମ ଉଦ୍ଦେଶ୍ୟରେ ଦାନ କରିଦେଇଛନ୍ତି। ଏହି ମହିୟସୀ ଡାକ୍ତର ଜଣଙ୍କ ହେଉଛନ୍ତି ପ୍ରଫେସର ଲକ୍ଷ୍ମୀ ବାଈ। ଏହି ଶତାୟୁ ଡାକ୍ତର ଜଣଙ୍କ ଜୀବନର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଅର୍ଥଲୋଭଠାରୁ ଦୂରେଇ ରହି ଏପରି ମହନୀୟ କାର୍ଯ୍ୟ କରିଛନ୍ତି। ବୟସାଧିକ୍ୟ ଯୋଗୁଁ ଏବେ ଡାକ୍ତର ଲକ୍ଷ୍ମୀ ବାଈ ସଠିକ୍ ଭାବେ କଥା କହିପାରୁନାହାନ୍ତି କି ତାଙ୍କ କାନକୁ ବି ଠିକ୍ ଭାବେ ଶୁଭୁନାହିଁ। ତଥାପି ସମାଜ ପାଇଁ କିଛି କରିବା ସକାଶେ ତାଙ୍କ ମନରେ ଥିବା ଝୁଙ୍କକୁ ସେ ଆଜି ସାକାର କରିଛନ୍ତି। ଆସନ୍ତା ୫ ତାରିଖରେ ଶହେତମ ଜନ୍ମଦିନ ପାଳନ କରିବାକୁ ଯାଉଥିବା ଏହି ମହିଳା ଡାକ୍ତର ଜଣଙ୍କ ଏକ ବଡ଼ ନିଷ୍ପତ୍ତି ନେଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି।

ମିଳିଥିବା ସୂଚନାନୁସାରେ, ପ୍ରଫେସର ଲକ୍ଷ୍ମୀ ବାଈ କଟକ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଥମ ବ୍ୟାଚ୍ ଏମବିବିଏସ୍ ଛାତ୍ରୀ ହୋଇଥିବା ବେଳେ ସେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରୁ ଅବସର ନେଇଥିଲେ। ପରେ ବ୍ରହ୍ମପୁର ଭାବାନଗରସ୍ଥିତ ଘରେ ରହିଆସୁଥିବା ଡାକ୍ତର ଲକ୍ଷ୍ମୀ ବାଈ

ନିଜର ଜୀବନ ଯାକର ସଞ୍ଚିତ ଅର୍ଥକୁ ସ୍ୱାସ୍ଥ୍ୟସେବାରେ ଉପଯୋଗ କରିବା ସକାଶେ ଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏପରି ନିଷ୍ପତ୍ତିରେ ସେ ଅତ୍ୟନ୍ତ ଖୁସି ବୋଲି ଡାକ୍ତର ଲକ୍ଷ୍ମୀ ବାଈ ପ୍ରତିକ୍ରିୟାରେ କହିଛନ୍ତି। ଟଙ୍କା ପଇସା ପଛରେ ନ ଦୌଡ଼ି ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ସକାଶେ ମଧ୍ୟ ସେ ଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି। ୧୯୨୬ ଡିସେମ୍ବର ୫ରେ ଡାକ୍ତର ଲକ୍ଷ୍ମୀ ବାଈଙ୍କ ଜନ୍ମ ହୋଇଥିବା ବେଳେ ୧୯୪୫ରୁ ୧୯୫୦ ମଧ୍ୟରେ ସେ ଏସ୍‌ସିବି ମେଡିକାଲ କଲେଜରେ ଏମବିବିଏସ୍ ପଢ଼ିବା ପରେ ୧୯୫୮ରେ ମାଡ୍ରାସ୍ ମେଡିକାଲ କଲେଜ ଡିଜିଓ ଆଣ୍ଡ୍ ଏମ୍‌ଡି ଇନ୍ 'ଓଏସ୍‌ଜି' ପଢ଼ିଥିଲେ। ୧୯୫୦ରେ ସୁନ୍ଦରଗଡ଼ ଜିଲ୍ଲା ହସ୍ପିଟାଲରେ ସେ ତାଙ୍କର ଡାକ୍ତରୀ ଜୀବନ ଆରମ୍ଭ କରି ➪ପୃଷ୍ଠା-୬

## 'ରାଜ ଭବନ' ଏବେ 'ଲୋକ ଭବନ'

**ପ୍ରକାଶ ପାଇଲା ବିଜ୍ଞପ୍ତି**

**ପ୍ରଶାସନିକ ପରିଚୟରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ**



ଭୁବନେଶ୍ୱର,୧।୧୨(ସଂଚାର ବ୍ୟୁରୋ): ଆନୁଷ୍ଠାନିକ ଭାବେ 'ରାଜ ଭବନ'ର ନାମ ପରିବର୍ତ୍ତନ କରାଯାଇ 'ଲୋକ ଭବନ' ନାମରେ ନାମିତ କରାଯାଇଛି। ଏହି ପରିବର୍ତ୍ତନ ସମ୍ପର୍କରେ ରାଜ ଭବନ ପକ୍ଷରୁ ଆଜି ଏକ ବିଜ୍ଞପ୍ତି ଜାରି କରାଯାଇଛି। ଏହା ଓଡ଼ିଶାର ପ୍ରଶାସନିକ ପରିଚୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ। କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଆଧାରରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଏହି ନାମକରଣକୁ ଅନୁମୋଦନ କରିଛନ୍ତି। ଗତ ୨୦୨୪ରେ ରାଜ୍ୟପାଳଙ୍କ ସମ୍ମିଳନୀ ସମୟରେ ହୋଇଥିବା ସୁପାରିସ୍ ପରେ ଏହି ନିଷ୍ପତ୍ତି ନିଆଯାଇଛି, ଯେଉଁଥିରେ ଉପନିବେଶ ଯୁଗର ଶବ୍ଦରୁ ଦୂରେଇ ଯାଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସମଗ୍ର ➪ପୃଷ୍ଠା-୬

### ବିଧାନସଭାରେ ଜନବିଶ୍ୱାସ ବିଲ-୨୦୨୫ ଉପସ୍ଥାପିତ

## ହ୍ରାସ ପାଇବ ଛୋଟ ଅପରାଧର ଦଣ୍ଡ ଜଟିଳତା

- ରାଜ୍ୟରେ ବ୍ୟାବସାୟିକ ପରିବେଶକୁ ପ୍ରୋତ୍ସାହିତ କରିବ
- ୧୬ ଆଇନର ବିଭିନ୍ନ ଧାରାରେ ହେବ ସଂଶୋଧନ
- କମିବ ଫୌଜଦାରୀ ନ୍ୟାୟ ବ୍ୟବସ୍ଥା ବୋଝ
- ଜେଲଦଣ୍ଡ ବଦଳରେ ବଢ଼ିବ ଜରିମାନା ଦଣ୍ଡ



ଭୁବନେଶ୍ୱର,୧।୧୨(ସଂଚାର ବ୍ୟୁରୋ): ରାଜ୍ୟରେ ସମାନତା ସୂଚକ ଓ ବ୍ୟବସାୟ ଅନୁକୂଳ ପରିବେଶକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଛୋଟ ଛୋଟ ଅପରାଧର ଦଣ୍ଡବିଧାନ ଜଟିଳତାରୁ ଲୋକଙ୍କୁ ମୁକ୍ତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ଓଡ଼ିଶା ସରକାର। ଏନେଇ ରାଜ୍ୟ ସରକାର ଆଜି ବିଧାନସଭାରେ ଜନ ବିଶ୍ୱାସ ବିଲ ଆଗତ କରିଛନ୍ତି। ପୂର୍ବରୁ ସରକାର ଏ ସମ୍ପର୍କିତ ଅଧ୍ୟାଦେଶ ଆଣିଥିଲେ।

କେନ୍ଦ୍ର ସରକାରଙ୍କ ଜନ ବିଶ୍ୱାସ ଆଇନ-୨୦୨୩ ଆଧାରରେ ରାଜ୍ୟ ସରକାର ଏହି ବିଲ ଆଣିଛନ୍ତି। ରାଜ୍ୟରେ ବ୍ୟବସାୟ କରିବା ଏବଂ ଜୀବନଧାରଣର ସୁଗମତାକୁ ବାଧା ଦେଉଥିବା ବ୍ୟବସ୍ଥାଗୁଡ଼ିକୁ ସରଳ କରିବାର ଲକ୍ଷ୍ୟ ବି ରହିଛି। କୌଣସି ଠକେଇ କିମ୍ବା ମନ୍ଦ ଉଦ୍ଦେଶ୍ୟ ନ ଥିବା ସତ୍ତ୍ୱେ ରାଜ୍ୟରେ ଅନେକ ଆଇନରେ ତଦାରଖର ଅଭାବ କିମ୍ବା ପ୍ରକ୍ରିୟାଗତ ତ୍ରୁଟି ପାଇଁ କଠୋର ଜରିମାନା, ଏପରିକି କାରାଦଣ୍ଡ ବ୍ୟବସ୍ଥା ରହିଛି। ଏପରି କଠୋର ବ୍ୟବସ୍ଥା ବ୍ୟକ୍ତି ଓ ବ୍ୟବସାୟ ପାଇଁ ଅଯଥା ପ୍ରତିବନ୍ଧକ ସୃଷ୍ଟି କରିବା ସହ ଆଇନଗତ ବିବାଦ ସୃଷ୍ଟି କରୁଛି। ଏହି ସଂସ୍କାର ପଦକ୍ଷେପରେ ପ୍ରାଥମିକ ସ୍ତରରେ ୧୬ଟି ଆଇନର ➪ପୃଷ୍ଠା-୬

### ସଂକଳ୍ପପତ୍ର ଚିରିଲେ ରାଜା

ଆଜି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଓଡ଼ିଶା ଜଳ (ପ୍ରଦୂଷଣ ଓ ନିବାରଣ) ସଂଶୋଧନ ଆଇନ ସଂକଳ୍ପପତ୍ର ଆଣିଥିଲେ। ଏଥିରେ ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବାକୁ ଜଳ ପ୍ରଦୂଷଣ ଆଇନରେ ଦଣ୍ଡବିଧାନ ହାରକୁ କୋହଳ କରାଯାଇଛି। ତେବେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହାକୁ ବିରୋଧ କରିବାକୁ ଯାଇ ସଂକଳ୍ପପତ୍ରକୁ ଗୃହ ମଧ୍ୟରେ ଚିରିଦେଇଥିଲେ। ତାଙ୍କ ଅଭିଯୋଗ ଥିଲା ଯେ ସରକାର ଏହି ସଂଶୋଧନ ➪ପୃଷ୍ଠା-୬

### କୋଣାର୍କ ମହୋତ୍ସବକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

## ମହୋତ୍ସବ ସାଂସ୍କୃତିକ ଅସ୍ମିତାର ଉଜ୍ଜ୍ୱଳ ପରିଚୟ



**ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା ଆରମ୍ଭ**

ଭୁବନେଶ୍ୱର,୧।୧୨(ସଂଚାର ବ୍ୟୁରୋ): ଆଜି ୩୬ତମ ବିଶ୍ୱ ପ୍ରସିଦ୍ଧ କୋଣାର୍କ ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିଶ୍ୱ ପ୍ରସିଦ୍ଧ କୋଣାର୍କ ମନ୍ଦିରର ପୃଷ୍ଠଭୂମିରେ ଏହି ଉତ୍ସବ ଦେଶ ବିଦେଶର କଳାପ୍ରେମୀଙ୍କ ପାଇଁ ଆକର୍ଷଣର ଅନ୍ୟତମ କେନ୍ଦ୍ର। ଶାସ୍ତ୍ରୀୟ ନୃତ୍ୟଗୁଡ଼ିକ କେବଳ ଆର୍ଟ ଫର୍ମ ନୁହେଁ, ବରଂ କଳା ମାଧ୍ୟମରେ ଆଧ୍ୟାତ୍ମିକତାର ଏକ ମହାନ ଅନୁଭବ, ଈଶ୍ୱର ପ୍ରାପ୍ତିର ଏକ ମାର୍ଗ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ କୋଣାର୍କ ଉତ୍ସବ ହେଉଛି ଆମ ଓଡିଶାର ସାଂସ୍କୃତିକ ଅସ୍ମିତାର ଏକ ଉଜ୍ଜ୍ୱଳ ପରିଚୟ। ଏହି ଉତ୍ସବ କେବଳ ଓଡିଶାର କଳା ନୁହେଁ, ବରଂ ଓଡିଶାର ସାମଗ୍ରିକ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଚଳିତ ବର୍ଷ ଓଡ଼ିଶୀ ସହ ଭାରତନାଟ୍ୟମ, କଥକଳୀ, ମଣିପୁରୀ ଓ କଥକ ଆଦି ନୃତ୍ୟ ପରିବେଷଣ ପାଇଁ ବିଭିନ୍ନ ରାଜ୍ୟରୁ ନୃତ୍ୟ ଶିଳ୍ପୀମାନେ ଆସିଛନ୍ତି। ଏହି ➪ପୃଷ୍ଠା-୬

**● ବଢ଼ିଲା ମନରେଗା ଅତିରିକ୍ତ ସହାୟତା ଅବଧି**

## ୨୦୨୮-୨୯ ପର୍ଯ୍ୟନ୍ତ ଲାଗୁ ହେବ

ଭୁବନେଶ୍ୱର,୧।୧୨(ସଂଚାର ବ୍ୟୁରୋ): ଗ୍ରାମାଞ୍ଚଳରେ ଜୀବିକା ସୁଦୃଢ଼ କରିବା ଓ ଶ୍ରମିକମାନଙ୍କ ଆର୍ଥିକ ସ୍ଥିରତା ବୃଦ୍ଧି କରିବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା (ମନରେଗା) ଅଧୀନରେ ପ୍ରଦାନ କରାଯାଉଥିବା ଅତିରିକ୍ତ ଆର୍ଥିକ ସହାୟତାକୁ ଆଜି ଓଡ଼ିଶା ସରକାର ବୃଦ୍ଧି କରିଛନ୍ତି। ଏହି ଆର୍ଥିକ ସହାୟତା ଆସନ୍ତା ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ସୂଚନା ମିଳିଛି। ଏହାଦ୍ୱାରା ରାଜ୍ୟର ୯ଟି ଜିଲ୍ଲାର ୩୦ଟି ବ୍ଲକ୍‌ରେ ପ୍ରାୟ ୫.୫୭ ଲକ୍ଷ ପରିବାର ଉପକୃତ ହେବେ। ଯୋଗ୍ୟ ଗ୍ରାମୀଣ ପରିବାରକୁ ବର୍ଷକୁ ୩୦୦ ଦିନ ପାଇଁ ନିଯୁକ୍ତି ମିଳିବ। ପ୍ରଥମ ୧୦୦ ଦିନ ପାଇଁ ରାଜ୍ୟ ସରକାର ପ୍ରଚଳିତ ମନରେଗା ମଜୁରୀ ସହ ଅତିରିକ୍ତ ଦୈନିକ ୯୮ ଟଙ୍କା ପ୍ରଦାନ କରିବେ। ବାକି ୨୦୦ ଦିନ ପାଇଁ ଶ୍ରମିକମାନେ ନିୟମିତ ମନରେଗା ମଜୁରୀ ସହ ରାଜ୍ୟର ଅତିରିକ୍ତ ସହାୟତା ପାଇବା ଜାରି ରଖିବେ। ସରକାରୀ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଏହି ପଦକ୍ଷେପ ଦ୍ୱାରା ଦାଦନ ରୋକିବା, ସ୍ଥାୟୀ ଜୀବିକା ସୁନିଶ୍ଚିତ କରିବା ଓ ଗ୍ରାମାଞ୍ଚଳରେ ମୌଳିକ ବିକାଶକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ ମିଳିବ।

## ଜଙ୍ଗଲ୍ ମେଁ ଏଡିଜିଙ୍କ ମଙ୍ଗଲ୍



ବରିଷ୍ଠ ଆଇପିଏସ। କେସ ଡିଟେକ୍ସନରେ ସେ କୁଆଡ଼େ ଭାରୀ ଧୁରନ୍ଧର। ପୂର୍ବ ସରକାରରେ ସେ ଥିଲେ କ୍ରାଇସିସ ମ୍ୟାନେଜର। କିନ୍ତୁ ନୂଆ ସରକାର ଆସିବା ପରେ ସେ ଏବେ କୋଣଠେସା। ସାର୍‌ଙ୍କୁ ନେଇ କିଛି ଦିନର ନୀରବତା ପରେ ଏବେ ପୁଲିସ ମହଲରେ ଆରମ୍ଭ ହୋଇଛି ଚର୍ଚ୍ଚା। ଏଠାରେ ଆମେ ଯାହା କଥା କହୁଛୁ ସେ ଜଣେ ଏଡିଜି ପାହ୍ୟା ଅଫିସର। ଖବର ମୁତାବକ ଦୁଇ ଦିନ ତଳେ ଏଡିଜି ଓ ଜଣେ ମହିଳା ଡିଏସପି କୋଣାର୍କ ମେରାଇନ ଡ୍ରାଇଭସ୍ଥିତ ଏକ ରିସୋର୍ଟକୁ ଯାଇଥିଲେ। ପ୍ରାଇଭେଟ କାରରେ ସନ୍ଧ୍ୟାରେ ପହଞ୍ଚି ପୂର୍ବରୁ ବୁକିଂ ହୋଇଥିବା ରୁମରେ ରହିଥିଲେ। ସି'ଫୁଡ୍ ଅର୍ଡର କରିବା ସାଙ୍ଗକୁ ରୁମକୁ ମଗାଇଥିଲେ ଦୁଇଟି ୱାଇନ ଗ୍ଲାସ। ସୁସ୍ୱାଦୁ ଖାଦ୍ୟ ଓ ସୁନ୍ଦରୀ ମ୍ୟାଡାମଙ୍କ ସହ ରାତି ସାରା ସାର୍ କୁଆଡେ କ୍ୱାଲିଟି ଟାଇମ୍ ବିତାଇଥିଲେ। ଏକଥାକୁ ନେଇ ପୁଲିସ ମହଲରେ ଚାଲିଥିବା ଚର୍ଚ୍ଚାରୁ ଜଣାପଡ଼ିଛି ଯେ ସାର୍‌ଙ୍କ ସହ ମ୍ୟାଡାମଙ୍କର ରହିଛି ଭାରୀ ଗଭିରିଆ ସମ୍ପର୍କ। ମ୍ୟାଡାମ ଆଇଆଇସି ଥିବା ବେଳୁ ତାଙ୍କୁ କୁଆଡେ ଏସ୍‌ପି, ଡିଏସ୍‌ପି ଡରନ୍ତି। କାରଣ ମ୍ୟାଡାମଙ୍କ ଇସାରା ମିଳୁ ମିଳୁ ଏଡିଜି ସାର ନିଅନ୍ତି ଆକ୍ସନ୍। କାହାକୁ ଗାଳି ତ ଆଉ କାହାକୁ ବଦଳି। କଟକରେ ଗୋଟିଏ ଫ୍ଲୋରରେ ପୂର୍ବରୁ ଏଡିଜି ଓ ମ୍ୟାଡାମଙ୍କ ଚ୍ୟାମ୍ବର ଥିବା ବେଳେ ସେଇଠି କଣ' ଚାଲୁଥିଲା, ତାହା ଉଣା ଅଧିକେ ସମସ୍ତଙ୍କୁ ଜଣା। ହେଲେ ଏବେ ସାର୍ ଦୂରରେ। ଅଲଗା ଦାୟିତ୍ୱରେ। ତେଣୁ ସାର ଆଉ କେତେ ଲୁଚି ଛପି ଭେଟିବେ! ତେଣୁ ନିଜ ଲକି ଚ୍ୟାମ୍ପ ମ୍ୟାଡାମଙ୍କୁ ନିଜ ପାଖକୁ ନେଇଯିବାକୁ ପୂରା ଦମରେ ଲାଗିପଡ଼ିଛନ୍ତି ସାର୍। ମ୍ୟାଡାମ ମଧ୍ୟ ସାରଙ୍କ ପାଖକୁ ଯିବାକୁ କୁଆଡ଼େ ଚାହିଁ ବସିଛନ୍ତି। ତେବେ ଦେଖିବାକୁ ବାକି ରହିଲା କେବେ ଏହି ଗୋଟିଚାଳନାରେ ସଫଳ ହେଉଛନ୍ତି ଏହି ରୋମିଓ-ଜୁଲିଏଟ୍।

## ବାଂଲାଦେଶୀଙ୍କୁ ନିସ୍ତାର ନାହିଁ, ୪୯ ତଡ଼ିପାର

- ଓଡ଼ିଶା ଇତିହାସରେ ପ୍ରଥମ ଘଟଣା
- ବିଧାନସଭାରେ ସୂଚନା ଦେଲେ ମୁଖ୍ୟମନ୍ତ୍ରୀ
- ଜାଲ ପାସ୍‌ପୋର୍ଟ ପାଇଁ ଦୁଇ କୋର୍ଟ ଚାଲାଣ



ଭୁବନେଶ୍ୱର,୧।୧୨(ସଂଚାର ବ୍ୟୁରୋ): ଏଣିକି ରାଜ୍ୟରେ ବେଆଇନ ଭାବେ ରହୁଥିବା ବାଂଲାଦେଶୀଙ୍କୁ କୌଣସି ପ୍ରକାରେ ନିସ୍ତାର ମିଳିବ ନାହିଁ। କାରଣ ରାଜ୍ୟ ସରକାର ଏମାନଙ୍କୁ ତଡ଼ିବା ସକାଶେ ସମସ୍ତ ପ୍ରକାର ଉଦ୍ୟମ ଚଳାଇଛନ୍ତି। ଏହି କ୍ରମରେ ପ୍ରଥମ ଥର ପାଇଁ ଓଡ଼ିଶାରୁ ତଡ଼ିପାର ହୋଇଛନ୍ତି ବାଂଲାଦେଶୀ। ବିଜେପି ସରକାର କ୍ଷମତାକୁ ଆସିବା ପରେ ତଡ଼ିପାର ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଚିହ୍ନଟ ହୋଇଛନ୍ତି ମୋଟ ୫୧ ଜଣ ବାଂଲାଦେଶୀ। ଏନେଇ ବିଧାନସଭାରେ ତଥ୍ୟ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ୫୧ ଜଣଙ୍କ ମଧ୍ୟରୁ ୪୯ ଜଣଙ୍କୁ ବାଂଲାଦେଶ ପଠାଇ ଦିଆଯାଇଛି। ସେହିପରି ଅବଶିଷ୍ଟ ଦୁଇ ଜଣଙ୍କୁ ଜାଲ୍ କାଗଜପତ୍ରରେ ଭାରତୀୟ ପାସପୋର୍ଟ ପ୍ରସ୍ତୁତ ➪ପୃଷ୍ଠା-୬

## ନିମ୍ବଗଛ ମୂଳେ କ୍ଷୀର ଦେଇ ପସ୍ତଉଛନ୍ତି ନବୀନ

**ବହକାଲିଆଙ୍କୁ ଛାଡ଼ି ଅନୁଗତଙ୍କୁ ଦେଲେ ଦାୟିତ୍ୱ**

**ଭଦ୍ରକରେ ଅସନ୍ତୁଷ୍ଟଙ୍କୁ ମନାଇବେ ପ୍ରଫୁଲ୍ଲ**



ଭୁବନେଶ୍ୱର,୧।୧୨(ସଂଚାର ବ୍ୟୁରୋ): ବର୍ଷ ବର୍ଷ ଧରି ବିଜେଡି କ୍ଷମତାରେ ଥିବା ସମୟରେ କ୍ରୀତଦାସଙ୍କ ବଳରେ ବଳୀୟାନ ନେତାମାନେ ଭଦ୍ରକ ରାଜନୀତିର ମଙ୍ଗ ଧରିଥିଲେ। ତେବେ ସଂଗଠନ ତାଙ୍କ ହାତରେ, କର୍ମୀ ଓ ଭୋଟର ବି ତାଙ୍କ ହାତରେ ବୋଲି ଦାବି କରୁଥିବା କେତେକ ବହକାଲିଆ ନେତାଙ୍କ ଅସଲ ମୁଖା ଏବେ ଖୋଲିଯାଇଛି। ଏହି ନେତାମାନେ କେବଳ ଅର୍ଥ ବଳରେ ବଳୀୟାନ ଥିଲେ ତାହା ପ୍ରମାଣିତ ହୋଇଛି। ଜଣଙ୍କ ପରେ ଜଣେ ବ୍ଲକ ଅଧ୍ୟକ୍ଷ ଦଳ ଛାଡି ପଳାଉଛନ୍ତି।

ଭଦ୍ରକରେ ଆରମ୍ଭ ହୋଇଥିବା ଏହି ରାଜନୈତିକ ଭୂସ୍ଖଳନ ପରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଭଦ୍ରକ ଜିଲ୍ଲାର ସବୁ ବିଜେଡି ବିଧାୟକ ଓ ବିଧାୟକ ପ୍ରାର୍ଥୀଙ୍କୁ ଡାକି ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ନବୀନ ବୁଝିଯାଇଥିଲେ ଯେ କ୍ରୀତଦାସଙ୍କ ଛାତ୍ରଛାୟା ତଳେ କେତେକ ବହକାଲିଆ ନେତାଙ୍କ ହାତରେ ସେ ବର୍ଷ ବର୍ଷ ଧରି ଭଦ୍ରକ ଜିଲ୍ଲା ବିଜେଡି ସଂଗଠନର ମଙ୍ଗ ଧରାଇଥିଲେ। ଯଦିଓ ପ୍ରଫୁଲ୍ଲ ସାମଲ ବରିଷ୍ଠ ➪ପୃଷ୍ଠା-୬

## ଜେଲ୍‌ରେ ବିକ୍ରମ ଆଣ୍ଡ କୋ: ମୂରବୀ ଛେଉଣ୍ଡ ଗଞ୍ଜାମ

**ଘରୁ ଗୋଡ଼ କାଢୁନାହାନ୍ତି ଚ୍ୟାଉ କି ଚନ୍ଦ୍ର**

**ହାରୁ ନେତା ବି ପଦାରେ ଦିଶୁନାହାନ୍ତି**

**ଆମଦାନୀ ନେତାଙ୍କୁ ଭରସୁନାହାନ୍ତି କର୍ମୀ**



ଭୁବନେଶ୍ୱର,୧।୧୨(ସଂଚାର ବ୍ୟୁରୋ): ଦିନ ଥିଲା ରାଜ୍ୟ ରାଜନୀତିକୁ ଗଞ୍ଜାମ ନିୟନ୍ତ୍ରଣ କରୁଥିଲା। ଜିଲ୍ଲା ନେତା ସବୁଠୁ ଅଧିକ ଶକ୍ତିଶାଳି ମନ୍ତ୍ରୀ ପଦ ପାଉଥିଲେ। ବାଚସ୍ପତି ପଦ ବି ପାଇଛି ଗଞ୍ଜାମ। ନବୀନ ପଟ୍ଟନାୟକ ଏ ଜିଲ୍ଲାରୁ ଜିତି କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିରୋଧୀଦଳ ନେତା ହେଲେ। ଅଥଚ ଏବେ ବିଜୁ, ନବୀନଙ୍କ ଜିଲ୍ଲା ଗଞ୍ଜାମରେ ରାଜନୈତିକ କୋଳାହଳ ନାହିଁ। ବିଜେପିରୁ ୨ ଜଣ ମନ୍ତ୍ରୀ ଥିଲେ ବି ସେମାନଙ୍କୁ କାଉଣ୍ଟର କରିବାକୁ ଜିଲ୍ଲାରେ କେହି ଜଣେ ବିଜେଡି ନେତା ନାହାନ୍ତି। ଜିଲ୍ଲା ସଭାପତି ବିକ୍ରମ ପଣ୍ଡା ପୂରା ଟିମ୍ ସହ ଗିରଫ ହୋଇ ଜେଲ୍ ଯିବା ପରେ ଏହି ଜିଲ୍ଲା ମୂରବୀ ଛେଉଣ୍ଡ ହୋଇପଡ଼ିଛି।

୨୦୨୪ ନିର୍ବାଚନ ପରେ ଗଞ୍ଜାମ ତା'ର ପୂର୍ବ ଶିର ହରାଇସାରିଛି। ନବୀନ କଣ୍ଟାବାଞ୍ଜିରୁ ହାରିଗଲେ ପଛେ ହିଞ୍ଜିଳିବାସୀ କୃତଘ୍ନ ହୋଇନଥିଲେ। ନବୀନଙ୍କ ଅନୁପସ୍ଥିତି, ବିଜେପିର ପ୍ରବଳ ହାୱା ସତ୍ତ୍ୱେ ଅଳ୍ପ ମାର୍ଜିନରେ ହେଉ ପଛେ ବିଜେଡି ଏକମାତ୍ର ହିଞ୍ଜିଳି ଆସନ ଜିତିଲା। ତଥାପି ନବୀନ କୃତଜ୍ଞତା ଜଣାଇବାକୁ ଆସିଲେନି। ଫଳାଫଳର ବର୍ଷେ ପରେ ଆସିଲେ ଯେ ଅଧାବାଟରୁ ପଳାଇଗଲେ। ଦୀର୍ଘଦିନ ପରେ ବିକ୍ରମ ପଣ୍ଡାଙ୍କୁ ଜିଲ୍ଲା ସଭାପତି କରିଥିଲା ଦଳ। ବିକ୍ରମଙ୍କୁ ଯଦିଓ ଗୋଟିଏ ଗୋଷ୍ଠୀ ଚାହୁଁନଥିଲା, ତଥାପି ଅନ୍ୟ ଉପାୟ ନ ଥିଲା। ବଡ଼ ନେତାଙ୍କ ପିଲାଙ୍କୁ ଧରି ବିକ୍ରମ ଯୁବନେତାଙ୍କ କରିଡର ତିଆରି କରିଥିଲେ। ବିଭିନ୍ନ ପ୍ରସଙ୍ଗରେ ଶାସକ ଦଳକୁ ଅଣନିଃଶ୍ୱାସୀ କରୁଥିଲେ ଜିଲ୍ଲାରେ। ହେଲେ ଆଇନଜୀବୀ ପୀତବାସ ହତ୍ୟାକାଣ୍ଡରେ ତାଙ୍କୁ ଜେଲ୍ ଯିବାକୁ ପଡ଼ିଛି। ତାଙ୍କ ସହ ଡାହାଣ, ବାମ ହାତ ମଦନ ଦଳେଇ ଓ ମଳୟ ବିଷୋୟୀ ବି ଏବେ ଜେଲରେ। ଫଳରେ ଏବେ ବିକ୍ରମଙ୍କ ଆବାସିକ କାର୍ଯ୍ୟାଳୟ ଶୂନଶାନ ହୋଇଯାଇଛି।

ବଡ଼ ନେତାମାନେ ଏହି ଘଟଣା ପରେ ମାପିଚୁପି କଥା ହେଉଛନ୍ତି। ସାମ୍ବାଦିକଙ୍କ ସହ ଫୋନ୍‌ରେ କଥା ହେବାକୁ ବି ସେମାନେ ଡରୁଛନ୍ତି। କଂଗ୍ରେସରୁ ଆସି ବିକ୍ରମଙ୍କ ବଳରେ ବଳୀୟାନ ହୋଇଥିବା ଚନ୍ଦ୍ରଶେଖର ସାହୁ ଏବେ ଏକଦମ ନିରବ। ବିକ୍ରମଙ୍କ ବିରୋଧୀ ଭାବେ ସହରରେ ପରିଚିତ ବର୍ଷୀୟାନ୍ ନେତା ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ବି ଥଣ୍ଡା ପଡ଼ିଯାଇଛନ୍ତି। ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଦେହାନ୍ତ ପରେ ଦିଗପହଣ୍ଡିରେ ପୁଅ ପିଣ୍ଟୁ ଗ୍ରହଣୀୟ ହୋଇପାରୁନାହାନ୍ତି। ଚିକିଟିରେ ଉଷା ଦେବୀଙ୍କୁ ଲୋକେ ଭୋଟ ➪ପୃଷ୍ଠା-୬

## ବିଧାୟକ ଅନନ୍ତ ଜେନାଙ୍କୁ ସୁପ୍ରିମ୍ ଝଟ୍‌କା

- ଶୁଣାଣି ନ କରିବା ସକାଶେ ଆବେଦନ ଖାରଜ
- ଅଭିଯୋଗ ଦାଖଲ କରିଛନ୍ତି ଜଗନ୍ନାଥ ପ୍ରଧାନ ଓ ପ୍ରସ୍ତାବକ
- ୧୦ରେ ପରବର୍ତ୍ତୀ ଶୁଣାଣି



ଭୁବନେଶ୍ୱର,୧।୧୨ (ସଂଚାର ବ୍ୟୁରୋ): ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ଚରଣ ଜେନାଙ୍କୁ ଆଜି ଲାଗିଛି ଜବରଦସ୍ତ ଝଟ୍‌କା। ଗତ ୨୦୨୪ ନିର୍ବାଚନରେ ଶ୍ରୀ ଜେନା ବିଜୟୀ ହୋଇଥିଲେ ହେଁ ଉକ୍ତ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ସହ ପୁନଃ ଗଣତି ଓ ସାନି ନିର୍ବାଚନ ଦାବି ନେଇ ପରାଜିତ ବିଜେପି ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଓ ତାଙ୍କର ପ୍ରସ୍ତାବକ ଗୋରାଚନ୍ଦ ମଙ୍ଗରାଜ ଦୁଇଟି ପୃଥକ ନିର୍ବାଚନ ମାମଲା ଓଡ଼ିଶା ହାଇକୋର୍ଟରେ ଦାଖଲ କରିଥିଲେ। ସେହି ଦୁଇଟି ନିର୍ବାଚନ ମାମଲାକୁ ବିନା ଶୁଣାଣିରେ ପତ୍ରପାଠରେ ଖାରଜ କରିବା ପାଇଁ ଶ୍ରୀ ଜେନା ହାଇକୋର୍ଟରେ ଦୁଇଟି ଅନ୍ତରୀଣ ଦରଖାସ୍ତ କରିଥିଲେ, ଯାହାକୁ ଓଡ଼ିଶା ହାଇକୋର୍ଟ ଖାରଜ କରି ମୂଳ ନିର୍ବାଚନ ମାମଲା ଶୁଣାଣି ନିମନ୍ତେ ➪ପୃଷ୍ଠା-୬

## ଜମ୍ବୁ, ବତୀଘର ସେତୁ ନିର୍ମାଣ ପାଇଁ ଦାବି ରଖିଲେ ବିଧାୟକ

### ଜମ୍ବୁ-ମାର୍ଶାଘାଇ କେନାଲ ପୁନଃ ଉଦ୍ଧାର ହେଉ



**ମହାକାଳପଡା,୧।୧୨(ସଂଚାର ବ୍ୟୁରୋ):** ଆଜି ବିଧାନସଭାର ପବିତ୍ର ଗୃହରେ ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ୍ନ ନାୟକ ନିର୍ବାଚନ ମଣ୍ଡଳୀର ତିନି ପ୍ରମୁଖ ପ୍ରସଙ୍ଗ ଉପରେ ପ୍ରସ୍ତାବ ରଖିଛନ୍ତି। ସେ କହିଛନ୍ତି ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ନଦୀନାଳ ଘେରା ଅଞ୍ଚଳ। ଆଜି ବି ଏମିତି କିଛି ଅଞ୍ଚଳ ରହିଛି ଯେଉଁଠି ଲୋକମାନେ ଯାତାୟତ ପାଇଁ ଡ଼ଙ୍ଗା ଉପରେ ନିର୍ଭର କରନ୍ତି। ସେଠାରେ ଯଥାସମ୍ଭବ ପୋଲଟିଏ ନିର୍ମାଣ କରାଗଲେ ଏହି ପଞ୍ଚାୟତ ବାସୀଙ୍କ ଯାତାୟତ ସୁଗମ ହୋଇପାରିବ। ଏଥିସହିତ ଜମ୍ବୁ ସେତୁ ନିର୍ମାଣ ପାଇଁ ତ୍ୱରିତ ପ୍ରକ୍ରିୟା ଆରମ୍ଭ କରିବାକୁ ସେ ନିବେଦନ କରିଥିଲେ। ସେହିପରି ମାର୍ଶାଘାଇ - ଜମ୍ବୁ କେନାଲ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ଏହି ଦଳ ଭର୍ତ୍ତି କେନାଲର ଯଥାଶୀଘ୍ର ପୁନଃ ଉଦ୍ଧାର କରାଗଲେ ଏହା ଜନସାଧାରଣ ଓ ଚାଷୀମାନଙ୍କ କ୍ଷେତ୍ରରେ ବେଶ୍ ସହାୟକ ହେବ ବୋଲି ବିଧାନସଭାର ପବିତ୍ର ଗୃହରେ ସେ ଦାବି ରଖିଥିଲେ।

# ଆବାସ ଯୋଜନାରୁ ବଞ୍ଚିତ ବିଧବା 'ବନିତା'

**ମହାକାଳପଡ଼ା,୧।୧୨(ସଂଚାର ବ୍ୟୁରୋ):** ଜଣେ ବିଧବା ମହିଳା ଦୁଇ ସନ୍ତାନଙ୍କ ସହିତ ଚାଳ ଛପର ଘରେ ଜୀବନ ଯାପନ କରୁଛନ୍ତି। ଆଜି ପର୍ଯ୍ୟନ୍ତ ତାଙ୍କୁ ଆବାସ ଯୋଜନାରେ ପକ୍କାଘର ଖଣ୍ଡିଏ ମିଳି ପାରିଲା ନାହିଁ। ପକ୍କାଘର ଖଣ୍ଡିଏ ପାଇଁ କେତେ କାହାକୁ ଗୁହାରି କରି ଥକି ପଡ଼ିବା ପରେ ଭାଗ୍ୟକୁ ଆଦରି ସେହି ଚାଳ ଛପର ଘରେ ବସବାସ କରିବାକୁ ବାଧ ହେଉଛନ୍ତି।

ମହାକାଳପଡ଼ା ବ୍ଲକ ଅଧୀନ ବଡକୁଳ ପଞ୍ଚାୟତ ଅନ୍ତର୍ଗତ ଦହିମାଛ ଗ୍ରାମର ୪୩ ବର୍ଷୀୟ ମହିଳା ହେଉଛନ୍ତି ବନିତା ମଲ୍ଲିକ।ସ୍ୱାମୀ ରଞ୍ଜିତ ମଲ୍ଲିକ ୨୦୧୫ ରୁ ମୃତ୍ୟୁବରଣ କରି ସାରିଛନ୍ତି। ସ୍ୱାମୀଙ୍କ ଦେହାନ୍ତ ପରେ ବନିତାଙ୍କ ଉପରେ ପରିବାର ପ୍ରତିପୋଷଣ ଚିନ୍ତା ସହିତ ପିଲାମାନଙ୍କ ପାଠପଢ଼ା ଦାୟିତ୍ୱ ବଢ଼ିଗଲା। ସରକାରୀ ସହାୟତା କହିଲେ ମାସକୁ ମିଳୁଥିବା ଏକ ହଜାର ଭତ୍ତା ଟଙ୍କା ଓ ୧୫ କିଲୋ ରାସନ୍ ଚାଉଳ। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ସରକାରଙ୍କ ଆବାସ



ଯୋଜନାରେ ପକ୍କା ଘର ଖଣ୍ଡିଏ ମିଳି ପାରିଲା ନାହିଁ। ନିର୍ବାଚନ ଆସିଲେ ସେଇ ପକ୍କାଘର ପିଣ୍ଡାରେ ପାଦ ପଡ଼େ ରାଜନେତା ଓ ଗାଁ କୁଜିନେତା ମାନଙ୍କର। ମାଟିକାନ୍ଥକୁ

### କୁଡ଼ିଆରେ ବଞ୍ଚୁଛନ୍ତି ତିନି ପ୍ରାଣୀ

### ନିରବଦ୍ରଷ୍ଟା ଜନପ୍ରତିନିଧି ଓ ପ୍ରଶାସନ

ପକ୍କାଘର ରେ ପରିଣତ କରିବାକୁ ମିଳେ ବଡ଼ବଡ଼ ପ୍ରତିଶ୍ରୁତି। ହେଲେ ଭୋଟ୍ ପାଇ ନେତା ହେବା ପରେ ଦେଇଥିବା ପ୍ରତିଶ୍ରୁତି ସବୁ କୁଆଡେ ମିଳେଇଯାଏ। ସ୍ଥାନୀୟ ସରପଞ୍ଚ ଙ୍କୁ ମଧ ଘର ଖଣ୍ଡିଏ ପାଇଁ ଗୁହାରି କରିଛନ୍ତି ହେଲେ ସରପଞ୍ଚ ବି ଅସହାୟତା ପ୍ରକାଶ କରିଥିବା ବନିତା ପ୍ରକାଶ କରିଛନ୍ତି। ଏବେ ରାଜ୍ୟରେ ସରକାର ବଦଳିଛି। ସରକାର ସାଧାରଣ ଲୋକଙ୍କ ମୁଣ୍ଡ ଉପରେ ଛାତ ଦେବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ନୂଆ ସରକାରରେ ତାଙ୍କର ଦୀର୍ଘ ବର୍ଷର ଅପେକ୍ଷାର ଅନ୍ତ ଘଟିବ ଓ ପ୍ରଶାସନ ତାଙ୍କୁ ପକ୍କାଘର ଖଣ୍ଡିଏ ପ୍ରଦାନ କରିବ ବୋଲି ଆଶା ରଖିଛନ୍ତି ବନିତା।

## ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଳ୍କୀ ଅବତାରଙ୍କ ବାର୍ଷିକ ଉତ୍ସବ

**ପଟ୍ଟାମୁଣ୍ଡାଇ,୧।୧୨(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତ ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଳ୍କୀ ଅବତାରଙ୍କ ପ୍ରଥମ ବାର୍ଷିକ ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ବାଲୁଙ୍କେଶ୍ୱର ମହାରୁଦ୍ର ପୀଠର ପିଠାଧୀଶ ତପନ କୁମାର ଓଝାଙ୍କ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ନେମାଳ ଅଚ୍ୟୁତଙ୍କ ପୀଠରୁ ଆଜ୍ଞାମାଳ ଆସିଥିଲା। ଆଜ୍ଞା ମାଳ ପହଂଚିବା ପରେ ସ୍ଥାନୀୟ ଅଂଚଳର ଶହ ଶହ ଶ୍ରଦ୍ଧାଳୁ ଭକ୍ତମାନେ ଭକ୍ତିରେ ତଲ୍ଲିନ ହୋଇ ପ୍ରତ୍ୟେକ ଦେବା ଦେବୀ ମନ୍ଦିର ପରିକ୍ରମା କରିଥିଲେ । ପଣ୍ଡିତ ପ୍ରଫୁଲ୍ଲ ପଣ୍ଡା, ଶ୍ରୀବକ୍ତ ପଣ୍ଡା, ଅଭିରାମ ପଣ୍ଡା, ପ୍ରଶାନ୍ତ ପଣ୍ଡା ପୂଜାର ସମସ୍ତ ପୂଜା ବିଧି ଓ ନୀତିକ୍ରାନ୍ତି ସମ୍ପନ୍ନ କରିଥିଲେ ଶେଷରେ ପୂର୍ଣ୍ଣାହୂତି ପ୍ରଦାନ କରାଯାଇଥିଲା ।

# ଧାନମଣ୍ଡି ନଥିବାରୁ ବଢ଼ୁଛି ଚାଷୀଙ୍କ ଦୁଃଖ



**କେନ୍ଦ୍ରାପଡ଼ା,୧।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ନଦୀନାଳ ଘେରା ଦଶିପୁର ଗ୍ରାମ ପଞ୍ଚାୟତରେ ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏକ ମିନି ଧାନମଣ୍ଡି ଖୋଲିବାକୁ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ପଞ୍ଚାୟତବାସୀ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଆଳି ବ୍ଲକର ଦଶିପୁର ପ୍ରାୟତ ହେଉଛି ଏକ ନଦୀନାଳ ଘେରା ପଞ୍ଚାୟତ। ପୂର୍ବରୁ ସେମାନେ ଦେମାଳ ଗ୍ରାମପଞ୍ଚାୟତ ଅଧିନରେ ଥିବାରୁ ଦେମାଳ ପ୍ରାଥମିକ କୃଷି ସମବାୟ ସମିତି ଅଧିନରେ ରହିଥିଲା । ସେତେବେଳେ ଚାଷୀମାନେ ଦେମାଳ ସମିତି ମଣ୍ଡିରେ ଧାନ ବିକିବାର ସୁବିଧା ପାଉନଥିବା ବେଳେ ଏବେ ମଧ ସେମାନେ ଏହି ସୁଯୋଗରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି ।

### ଦଶିପୁରରେ ଧାନମଣ୍ଡି ଖୋଲିବାକୁ ପଞ୍ଚାୟତବାସୀଙ୍କ ଦାବି

କାରଣ ନଦୀ ନାଳ ପାରି ହୋଇ ସେମାନଙ୍କ ଧାନ ଦେମାଳ ସମବାୟ ସମିତିକୁ ଆଣି ବିକ୍ରୀ କରିବା ପାଇଁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି । ସେମାନଙ୍କ ଧାନ ବିକ୍ରୀ ହୋଇପାରୁନଥିବାରୁ ବାଧହୋଇ ସେମାନେ ବ୍ୟବସାୟୀଙ୍କୁ ଅଦର ଦରରେ ଧାନ ବିକ୍ରୀ କରି କ୍ଷତିଗ୍ରସ୍ତ ହେଉଛନ୍ତି।

ତେଣୁ ଚଳିତ ବର୍ଷ ଦଶିପୁର ପଞ୍ଚାୟତରେ ଚାଷୀମାନଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏକ ମିନି ଧାନମଣ୍ଡି ଦଶିପୁରରେ ଖୋଲାଯିବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇବା ସହ ଦାବି କରିଛନ୍ତି। ଜିଲ୍ଲାପାଳ ଏହି ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମବାୟ ସମିତି ସମୂହ ଉପନିବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ବିଧାନସଭାରେ ଉଠିଲା ପଟ୍ଟାମୁଣ୍ଡାଇ ରିଂ ରୋଡ ଓ ଭିତରକନିକା ପ୍ରସଙ୍ଗ

**ପଟ୍ଟାମୁଣ୍ଡାଇ,୧।୧୨(ସଂଚାର ବ୍ୟୁରୋ):** ରାଜ୍ୟ ବିଧାନସଭାରେ ପଟ୍ଟାମୁଣ୍ଡାଇ ରିଂ ରୋଡ଼ ଓ ବିଶ୍ୱ ପ୍ରସିଦ୍ଧ ଭିତରକନିକା ରାସ୍ତା ନିର୍ମାଣ ପ୍ରସଙ୍ଗ ଉତଥାପିତ ହୋଇଛି । ପଟ୍ଟାମୁଣ୍ଡାଇ ଆଳି ରାଜନଗର ଓ ରାଜକନିକା ବ୍ଲକର କେନ୍ଦ୍ରସ୍ଥଳ ଓ ବିଶ୍ୱ ପ୍ରସିଦ୍ଧ ଭିତରକନିକାର ପ୍ରବେଶ ଦ୍ୱାର ପଟ୍ଟାମୁଣ୍ଡାଇରେ ଟ୍ରାଫିକ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ପଟ୍ଟାମୁଣ୍ଡାଇ ସମେତ ଆଖ ପାଖ ବିଭିନ୍ନ ଅଂଚଳର ଲୋକମାନଙ୍କୁ ଉତ୍କଟ ଟ୍ରାଫିକ ସମସ୍ୟାରୁ ମୁକ୍ତି ଦେବା ପାଇଁ ରାଜନଗର ବିଧାୟକ ଧ୍ରୁବ ସାହୁ ଆଜି ରାଜ୍ୟ ବିଧାନସଭାରେ ପଟ୍ଟାମୁଣ୍ଡାଇ ରିଂ ରୋଡ ନିର୍ମାଣ ପ୍ରସଙ୍ଗ ଉତଥାପନ କରି ସରକାର ଓ ବିଭାଗୀୟ ମନ୍ତ୍ରୀଙ୍କ ଠାରୁ ଜବାବ ମାଗି ଥିଲେ। ଏଥି ସହିତ ପଟ୍ଟାମୁଣ୍ଡାଇ - ଡ଼ାଙ୍ଗମାଳ - ଭିତରକନିକା ୫୪କିମି ରାସ୍ତା ନିର୍ମାଣ ତ୍ୱରାନ୍ୱିତ କରିବାକୁ ସରକାର କଣ ପଦକ୍ଷେପ ନେଇଛନ୍ତି ସରକାର ଓ ବିଭାଗୀୟମନ୍ତ୍ରୀଙ୍କ ଠାରୁ ଜବାବ ମାଗି ଥିଲେ । ବିଧାୟକ ଶ୍ରୀ ସାହୁଙ୍କ ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ସରକାର ଏହି ଦୁଇଟି ପ୍ରସଙ୍ଗରେ ସଚେତନ ଅଛନ୍ତି ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ପ୍ରକାଶ କରିଥିଲେ ।

## କଂଗ୍ରେସ ପକ୍ଷରୁ ଜାତୀୟ ମେଧା ଅନ୍ୱେଷଣ ଆହ୍ୱାନ




**ଆଳି,୧।୧୨(ସଂଚାର ବ୍ୟୁରୋ):** ଜାତୀୟ କଂଗ୍ରେସ ପକ୍ଷରୁ ଜାତୀୟ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ ସମଗ୍ର ଦେଶରେ ଆରମ୍ଭ ହୋଇଥିବା ବେଳେ ଏଥିରେ ଭାଗ ନେବା ନିମନ୍ତେ ଜିଲ୍ଲା ସ୍ତରରେ କଂଗ୍ରେସ କର୍ମୀ ମାନଙ୍କୁ ଆହ୍ୱାନ କରାଯାଉଛି । ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଡାକ୍ତର ଦେବସ୍ମିତା ଶର୍ମା ନିଆଳ ହାଟ ସ୍ଥିତ ବାସଭବନ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ କରି ଜିଲ୍ଲାର କଂଗ୍ରେସ କର୍ମକର୍ତ୍ତାଙ୍କୁ ଅବଗତ କରିଛନ୍ତି । କଂଗ୍ରେସ ପକ୍ଷରୁ ଦକ୍ଷ ଉପସ୍ଥାପକ,ମୁଖପାତ୍ର,ଗଣମାଧ୍ୟମ ସଂଯୋଜକ, ଗବେଷଣାତ୍ମକ ସମୀକ୍ଷକ ନିମନ୍ତେ ଜାତୀୟ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହା କଂଗ୍ରେସ ଦଳର ନୀତି ଆଦର୍ଶ, କଂଗ୍ରେସକୁ ଭଲ ପାଉଥିବା ବ୍ୟକ୍ତି ବିଶେଷ ଓ ତୃଣମୂଳ ସ୍ତରରୁ କଂଗ୍ରେସ ଦଳ ନିମନ୍ତେ କିଛି କରିବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ପାଇଁ ବଡ଼ ସୁଯୋଗ ରହିଛି । ଏଥିରେ ଭାଗ ନେବାକୁ ସେ କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ କଂଗ୍ରେସ କର୍ମକର୍ତ୍ତାଙ୍କୁ ନିବେଦନ କରିଛନ୍ତି ।

# କେନ୍ଦ୍ରାପଡ଼ାରେ ବିଶ୍ୱ ଏଡ୍ସ ଦିବସ ପାଳିତ




**କେନ୍ଦ୍ରାପଡା,୧।୧୨(ସଂଚାର ବ୍ୟୁରୋ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ଏଡ଼ସ ଦିବସ ପାଳିତ ହୋଇଯାଇଛି। 'ବ୍ୟାଘାତକୁ ଅତିକ୍ରମ କରି ଏଡ଼ସ ପ୍ରତିକ୍ରିୟା ପରିବର୍ତ୍ତନ କରିବା' ବିଷୟ ବସ୍ତୁ ଉପରେ ଆଲୋଚନା ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼.ମନୋରଞ୍ଜନ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ ।

କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଅଧକ୍ଷା ଜିଲ୍ଲା ପରିଷଦ ଲିଳିତା ଦାସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼.ଗୌରାଙ୍ଗ ଚରଣ ଗିରି,ଏଡିଏମଓ ଡ଼. ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିବାରଣ) ଡ଼. ଶ୍ୟାମ ସୁନ୍ଦର ଟୁଡୁ, ମେଡିକାଲ ଅଫିସର ଏ. ଆର. ଟି ସେଣ୍ଟର ଡ଼. ପ୍ରୀତିକାନ୍ତ ସାହୁ, ପ୍ରମୁଖ ମଂଚାସୀନ ଥିଲେ । ବୈଠକରେ ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ ସଚେତନତାକୁ ଗୁରୁତ୍ୱ ଦେବା ସହିତ ଅନ୍ୟ ବିଭାଗ ଗୁଡିକ ସହିତ ମିଶି ଏହି ସଚେତନତା କାର୍ଯ୍ୟକ୍ରମ ବ୍ୟାପକ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଗୋଷ୍ଠୀ ଏବଂ ଅନ୍ୟ ବିଭିନ୍ନ ସଂଗଠନକୁ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି। ଏଚଆଇଭିର କାରଣ ଏବଂ ନିରାକରଣ ବିଷୟରେ ଅନ୍ୟ ଅତିଥି ବକ୍ତବ୍ୟ ଦେଇଥିଲେ ।

ସ୍ୱାସ୍ଥ୍ୟ ବିଭାଗର ସୂଚନା ମୁତାବକ ଜିଲ୍ଲାରେ ବର୍ତ୍ତମାନ ୭୬୪ ଜଣ ଏଚଆଇଭି ପଜିଟିଭ ଅଛନ୍ତି। ଏଚଆଇଭି ପଜିଟିଭଙ୍କ ମଧରେ ୫୮୩ ଜଣ ମଧୁବାବୁ ପେନସନ ଯୋଜନାରେ ସାମିଲ ହୋଇଥିବା ବେଳେ ୧୭୫ ଜଣ ଭତ୍ତା ଦେବାକୁ ମନା କରିଛନ୍ତି ।

## ଶ୍ରୀ ବଳଦେବଜୀଉ ମେଳା ବ୍ୟବସାୟୀ ସଂଘ ତରଫରୁ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡା,୧।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ପଞ୍ଜିକରଣ ଅନୁଷ୍ଠାନ ଶ୍ରୀ ବଳଦେବଜୀଉ ମେଳା ବ୍ୟବସାୟୀ ସଂଘ ତରଫରୁ ଏକ ୫ଦଫା ଦାବିପତ୍ର ସଂଘର ସଂପାଦକ ଚିତରଂଜନ ମହାନ୍ତିଙ୍କ ତତ୍ୱାବଧାନରେ ପ୍ରଦାନ କରାଯାଇଛି। ସଂଘ ତରଫରୁ ପ୍ରଦାନ କରାଯାଇଥିବା ଏହି ଦାବିପତ୍ରରେ ଜିଲ୍ଲାର ବିଭିନ୍ନ ଅଂଚଳରେ ପୂଜା ପର୍ବାଣୀରେ ମେଳା ବ୍ୟବସାୟୀମାନଙ୍କୁ ସମ୍ପୃକ୍ତ ଅଂଚଳର ଅନୁଷ୍ଠାନ ସହିତ ସାମିଲ୍ କରାଇବା, ମେଳାବ୍ୟବସାୟୀମାନଙ୍କର ବିମା କରିବା, ମେଳା ବ୍ୟବସାୟୀମାନଙ୍କୁ ମାସିକ ୭ହଜାର ୫ଶହ ଭା ପ୍ରଦାନ କରାଯାଉ, ମେଳା ବ୍ୟବସାୟୀମାନଙ୍କୁ ୩ ଲକ୍ଷ ଟଙ୍କାର ଋଣ ବିନା ସୁଧରେ ପ୍ରଦାନ କରାଯିବା, ମେଳା ବ୍ୟବସାୟୀମାନଙ୍କୁ ଷ୍ଟ୍ରିଟ୍‌ଭେଣ୍ଡର ଭାବେ ଗ୍ରହଣ କରାଯାଉ, ରାଜ୍ୟସରକାରଙ୍କ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀମେଳା ଏହି ମେଳା ବ୍ୟବସାୟୀଙ୍କୁ ସାମିଲ୍ କରାଯାଉ, ମେଳା ଚାଲୁଥିବା ବେଳେ କୌଣସି ବ୍ୟବସାୟୀ ଯଦି ମୃତ୍ୟୁବରଣ କରନ୍ତି ତାଙ୍କ ପରିବାରକୁ ମୃତକାଳୀନ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯିବା ଆଦି ଦାବିଗୁଡିକ ରହିଛି । ଏହି ଦାବିଗୁଡିକ ପ୍ରଦାନ ସମୟରେ ସଭାପତି ମହମ୍ମଦ ଇଲିୟାସ, କାର୍ଯ୍ୟକାରୀ ସଭାପତି ରମଣୀରଂଜନ ରାଉତରାୟ, ରାଜେଶ କୁମାର ଦାସ, ଉପସଭାପତି ଦିଲ୍ଲୀପ କୁମାର ବେହେରାଙ୍କ ସମେତ ସୁନାକର ସାହୁ, ବାବାଜି ମଳିକ ପ୍ରମୁଖ ଉପସ୍ଥିତ ଥିଲେ ।

### ଯନ୍ତ୍ରୀ ଓ ଠିକାଦାରଙ୍କ ମନମାନିରେ ନିର୍ମାଣାଧୀନ କଟରପଡ଼ା ଗ୍ରାମ୍ୟ ଉନ୍ନୟନ ରାସ୍ତା

# ୬ ମାସ ନପୂରୁଣୁ ରାସ୍ତାରୁ ଉଠିଲାଣି ପିଚୁ





**ନିଶ୍ଚିନ୍ତକୋଇଲି,୧।୧୨(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଯନ୍ତ୍ରୀ ଓ ଠିକାଦାରଙ୍କ ମର୍ଜିରେ ଗ୍ରାମ ଉନ୍ନୟନ ରାସ୍ତା କାମ ହେଉଥିବାରୁ ଏହାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ବ୍ଲକ କଟରପଡା ପଞ୍ଚାୟତରେ ଗତ ୬ମାସ ତଳେ ନିର୍ମାଣ ହୋଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାରୁ ପିଚୁ ଉଠି ଗୋଡି ବାହାରି ଯାଇଥିବା ଦେଖିବାକୁ ମିଳୁଥିବା ବେଳେ କଂକ୍ରିଟ ରାସ୍ତାର ଦୁଇ ପାର୍ଶ୍ୱରେ ଗୋଡି ମାଟି ପଡ଼ିନଥିବାରୁ ପଥଚାରୀମାନେ ଛୋଟବଡ ଦୁର୍ଘଟଣାର ଶିକାର ହେଉଥିବା ନଜିର ରହିଛି।

ଗତ ୨୦୨୨ ମସିହାରେ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନାଙ୍କ କରକମଳରେ ପଟ୍ଟନାୟକ ଛକ ଠାରୁ କୁଳବଡକ୍ଷୀର କଟରପଡା ଭାୟା ମାଳିଆ ଛକ ରାସ୍ତାର ଶୁଭ ଶିଳାନ୍ୟାସ ହୋଇଥିଲା। ଠିକାଦାର ବହୁ ବିଳମ୍ବରେ ମନ୍ଥର ଗତିରେ କାର୍ଯ୍ୟ କରି କିଛି ମାସ ତଳେ ରାସ୍ତାକାର୍ଯ୍ୟ ଶେଷ କରିଛନ୍ତି। ରାସ୍ତା କାମ ସମୟରେ ଯନ୍ତ୍ରୀଙ୍କ ଅନୁପସ୍ଥିତତାର ସୁଯୋଗ ନେଇ ଠିକାଦାର ମନଇଚ୍ଛା କାର୍ଯ୍ୟ କରିଥିଲେ। ରାସ୍ତାର ଦୁଇ ପାର୍ଶ୍ୱରେ ମାଟି ଗୋଡି ପକାଇବା ନିୟମ ଥିବା ବେଳେ କଂକ୍ରିଟ ରାସ୍ତାର ଦୁଇ ପାର୍ଶ୍ୱରେ ଗୋଡି ମାଟି ନ ପଡ଼ି ଯନ୍ତ୍ରୀଙ୍କୁ ହାତ କରି ଠିକାଦାର ବିଲ୍ କରିନେଇଥିବା କଥା ଜଣା ପଡ଼ିଛି। କଟରପଡା ପଞ୍ଚାୟତ ପିଠାପଡା ତଥା କେତେକ ସ୍ଥାନରେ ରାସ୍ତାରୁ ପିଚୁ ଉଠିଯାଇଥିବା ଦେଖିବାକୁ ମିଳିଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଅଟଳ ସେନା ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ



**ସାଲେପୁର,୧।୧୨(ସଂଚାର ବ୍ୟୁରୋ):** ଅଟଳ ସେନା, ଓଡ଼ିଶା ତରଫରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କର ୧୦୧ ତମ ଜୟନ୍ତୀ ଓ ଅଟଳ ସେନା, ଓଡ଼ିଶାର ୨୬ ତମ ପ୍ରତିଷ୍ଠା ଦିବସ ଆସନ୍ତା ତା ୨୫ ଡ଼ିସେମ୍ବର ୨୦୨୫ ରିଖରେ ପାଳନ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ସାଲେପୁର ସ୍ଥିତ ଶାରଳା ମଣ୍ଡପ, ସପନପୁର ଠାରେ ଅଟଳ ବୁଦ୍ଧିଜୀବୀ ସଙ୍ଘର ରାଜ୍ୟ ସଭାପତି ଡଃ ଉମେଶ ଚନ୍ଦ୍ର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉପରୋକ୍ତ କାର୍ଯ୍ଯକ୍ରମର ସଫଳ ରୂପାୟନ ପାଇଁ ଏକ କୋର୍ କମିଟି ଗଠନ କରାଯାଇଅଛି। ଉକ୍ତ ବୈଠକରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା ପ୍ରତିଯୋଗୀତା କରାଯିବା ସହ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ଅଟଳ ରତ୍ନ, ଅଟଳ ସାରସ୍ୱତ ସମ୍ମାନ, ଅଟଳ ଜ୍ୟୋତି,ଅଟଳ କ୍ରୀଡ଼ା ସମ୍ମାନ ସହ ଅଟଳ ସହିଦ୍ ସମ୍ମାନ ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଛି।

### କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସମ୍ମାନ

# ଭାରତୀୟ ଦର୍ଶନ ବ୍ୟବସ୍ଥାରେ ଭଗବତ ଗୀତାର ଗୁରୁତ୍ୱ



**କେନ୍ଦ୍ରାପଡ଼ା,୧।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗ ଓ ଆଭ୍ୟନ୍ତରୀଣ ଗୁଣବତ୍ତା ଆଶ୍ୱାସନା କମିଟିର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ "ଭାରତୀୟ ଶିକ୍ଷା ଓ ଦର୍ଶନ ବ୍ୟବସ୍ଥାରେ ଭଗବତଗୀତାର ଗୁରୁତ୍ୱ" ଶୀର୍ଷକ ଜାତୀୟ ସମ୍ମାନ ସୋମବାର ଅନୁଷ୍ଠିତ ହୋଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମାନରେ ଧାନବାଦସ୍ଥିତ ଆଇଆଇଟି (ଆଇଏସଏମ) ର ଦର୍ଶନ ବିଭାଗ ମୁଖ୍ୟ ପ୍ରଫେସର ଡ. ଅଜିତ କୁମାର ବେହୁରା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଭାରତୀୟ ଶିକ୍ଷା ବ୍ୟବସ୍ଥା ଓ ଦର୍ଶନଶାସ୍ତ୍ରରେ ଭଗବତଗୀତାର ଗୁରୁତ୍ୱ ରହିଛି । ଯାହାଫଳରେ ଭାରତୀୟ ଦର୍ଶନ ଉପରେ ଗବେଷଣା କରିବା ପାଇଁ ବିଦେଶରୁ ଗବେଷକମାନେ ଭାରତ ଆସୁଛନ୍ତି। ଭାରତୀୟ ସଂସ୍କୃତି ମଧ ଅତ୍ୟନ୍ତ ମହାନ। ଏହି ସଂସ୍କୃତି ବିଦେଶୀ ବିଦ୍ୱାନମାନଙ୍କୁ ଆକୃଷ୍ଟ କରିଛି। ଫଳରେ ସେମାନେ ଆମ ସଂସ୍କୃତି ଉପରେ ଗବେଷଣା କରିବାକୁ ବ୍ୟାକୁଳ ହେଉଛନ୍ତି।

ସମ୍ମାନିତ ଅତିଥି ଭାବେ ଖଲିକୋଟ ବିଶ୍ୱବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗ ମୁଖ୍ୟ ଡ. (ଲେଫ୍ଟନା) ଜତୀନ ବିଶୋଇ ଯୋଗଦେଇ ଭାରତୀୟ ସଂସ୍କୃତିରେ ଭଗବତଗୀତାର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। କଲେଜ ପରିଚାଳନା ସମିତି ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଭାରତୀୟ ଦର୍ଶନଶାସ୍ତ୍ରର ଏତେ ଗଭିରତା ରହିଛି ଯାହାର ପ୍ରମାଣ ମିଳିଥିଲା ୧୮୯୩ ମସିହାରେ ଯେତେବେଳେ ଚିକାଗୋରେ ଅନୁଷ୍ଠିତ ବିଶ୍ୱ ଧର୍ମ ସମ୍ମିଳନୀରେ ସ୍ୱାମୀ ବିବେକାନନ୍ଦ ଭାଷଣ ଦେଇଥିଲେ । ଅଧକ୍ଷ ପ୍ରଫେସର ଜେନା ସ୍ୱାଗତଭାଷଣ ପ୍ରଦାନ କରିଥିବା ବେଳେ ଦର୍ଶନଶାସ୍ତ୍ର ବିଭାଗ ମୁଖ୍ୟ ତଥା ସଂଗଠନ ସମ୍ପାଦକ ଅଧାପକ ସତ୍ୟରଞ୍ଜନ ମିଶ୍ର ସମ୍ମାନର ବିଷୟବସ୍ତୁ ଉପରେ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ଏହି ଅବସରରେ ସ୍ମରଣୀକା 'ଗୀତାରମୂଳତ୍ୱ ଉନ୍ମୋଚିତ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ବୈଷୟିକ ସେସନରେ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରୁ ଆସିଥିବା ଅଧାପକ ଓ ବିଦ୍ୟାର୍ଥୀମାନେ ସେମାନଙ୍କ ସନ୍ଦର୍ଭ ଉପସ୍ଥାପନ କରିଥିଲେ ।

### ଶିକ୍ଷକଙ୍କୁ ପେନସନ ବଦଳରେ ଦେଉଥିଲେ ନିର୍ଯାତନା

# ନିଲମ୍ବିତ ହେଲେ ଶିକ୍ଷା ବିଭାଗ କିରାଣି

**କେନ୍ଦ୍ରାପଡ଼ା,୧।୧୨(ସଂଚାର ବ୍ୟୁରୋ):** ଅବସରପ୍ରାପ୍ତ ଶିକ୍ଷକଙ୍କ ପେନସନ ଓ ଅନ୍ୟାନ୍ୟ କାର୍ଯ୍ୟରେ ସହ ଯୋଗ ପରିବର୍ତ୍ତେ ତାଙ୍କୁ ମାନସିକ ନିର୍ଯ୍ୟାତନା ଦେବା ଅଭିଯୋଗରେ ଶିକ୍ଷା ବିଭାଗର କନିଷ୍ଠ କିରାଣୀ ଭାସ୍କର ଚନ୍ଦ୍ର ଗାହାଣଙ୍କୁ ନିଲମ୍ବନ କରାଯାଇଛି। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୁତ୍ରରୁ ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରେଶ ଚନ୍ଦ୍ର ଲେଙ୍କା ଅବସର ନେବାର ପ୍ରାୟ ୫ମାସ ବିତିଗଲାଣି। ସେ ପେନସନ ପାଇବା ପାଇଁ ଆବଶ୍ୟକ କାଗଜପତ୍ର ମାର୍ଶାଘାଇ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିଥିଲେ। କିନ୍ତୁ ସଂପୃକ୍ତ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପେନସନ ପ୍ରଦାନ ପାଇଁ କନିଷ୍ଠ କିରାଣୀ ଶ୍ରୀ ଗାହାଣ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ ନକରିବା, ବାରମ୍ବାର ତାଙ୍କୁ କାର୍ଯ୍ୟାଳୟକୁ ଦୌଡାଇବା ଓ ଜାଣିଶୁଣି ପେନସନ ପାଇଁ ଅସଂପୂର୍ଣ୍ଣ କଗଜପତ୍ର ଉପରିସ୍ଥ କାର୍ଯ୍ୟାଳୟକୁ ପଠାଇବା ଭଳି କାର୍ଯ୍ୟ କରୁଥିଲେ । ଯାହାଫଳରେ ଶିକ୍ଷକ ଶ୍ରୀ ଲେଙ୍କା ପେନସନ ଓ ଅନ୍ୟାନ୍ୟ ସୁବିଧା ପାଇବାରୁ ବଞ୍ଚିତ ହୋଇଥିଲେ । ଏନେଇ ଶ୍ରୀ ଲେଙ୍କା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ସେହି ଅଭିଯୋଗର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳ ରଘୁରାମ ଆର. ଆୟାର ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାଶିକ୍ଷାଧିକାରୀ ଶ୍ରୀ ବାରିକ ଅଭିଯୋଗର ତଦନ୍ତ କରି ଜାଣିବାକୁ ପାଇଲେ ଯେ ଶ୍ରୀ ଗାହାଣ ଉଦେଶ୍ୟମୂଳକ ଭାବେ ଶିକ୍ଷକ ଶ୍ରୀ ଲେଙ୍କାଙ୍କୁ ମାନସିକ ନିର୍ଯ୍ୟାତନା ଦେଉଥିଲେ । ଏହା ଜଣାପଡିବା ପରେ ଜିଲ୍ଲାଶିକ୍ଷାଧିକାରୀ ଶ୍ରୀ ବାରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶ୍ରୀ ଗାହାଣଙ୍କୁ ନିଲମ୍ବିତ କରିଛନ୍ତି । ନିଲମ୍ବନ ଅବଧି ମଧରେ କନିଷ୍ଠ କିରାଣୀ ଶ୍ରୀ ଗାହାଣ ରାଜକନିକା ମଣ୍ଡଳ ଶିକ୍ଷାଧିକାରୀଙ୍କ ନିକଟରେ ହାଜିରା ପକାଇବେ ବୋଲି ନିର୍ଦେଶ ରହିଛି ।

# ମରଣଯନ୍ତା ପାଲଟିଛି କେନାଲ ବନ୍ଧ



### ପିଚୁ ଉଠି ରାସ୍ତାସାରା ଗଡୁଛି କଳା ମେଟାଲ୍

**ଡେରାବିଶ,୧।୧୨(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ୍ ଅଞ୍ଚଳରେ ମୁଖ୍ୟରାସ୍ତା ସହ ଗ୍ରାମାଞ୍ଚଳର ରାସ୍ତାଘାଟ କିଛିବର୍ଷ ତଳେ ବେଶ୍ ଚିକ୍କଣ ଦେଖାଯାଉଥିଲା। ହେଲେ, ବର୍ତ୍ତମାନ ଗ୍ରାମାଞ୍ଚଳର ରାସ୍ତା ଅଞ୍ଚଳର ମୁଖ୍ୟରାସ୍ତାଗୁଡ଼ିକ ବିପର୍ଯ୍ୟସ୍ତ ହୋଇଯାଇଥିବା ଦେଖିବାକୁ ମିଳିଛି । ଏହାର ଜ୍ୱଳନ୍ତ ଉଦାହରଣ ହଉଛି କେନ୍ଦ୍ରାପଡ଼ା ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନ ୯ନମ୍ବର କେନାଲ୍‌ବନ୍ଧ ରାସ୍ତା।

ଗୋଲରାହାଟରୁ କଟକ-ଚାନ୍ଦାବାଲି ରାଜ୍ୟ ରାଜପଥର ସୁକରପଡ଼ା ପର୍ଯ୍ୟନ୍ତ ଯାତାୟାତ ପାଇଁ ଅଞ୍ଚଳବାସୀଙ୍କ ଏହି ମୁଖ୍ୟରାସ୍ତା ବର୍ତ୍ତମାନ ଅତ୍ୟନ୍ତ ବିପର୍ଯ୍ୟନ୍ତ ଅବସ୍ଥାରେ ରହିଛି। ବିଶେଷ କରି, ଗତ ୨୦୧୯ରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ଗୋଲରାହାଟରୁ ଜାଗୁଳାଇପଡ଼ା ପର୍ଯ୍ୟନ୍ତ ରାସ୍ତାବସ୍ଥା ଶୋଚନୀୟ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ପ୍ରାୟ ୩.୩୫୬କିମି ଲମ୍ବ ଏହି ରାସ୍ତାରୁ ପିଚୁ ଉଠି କଳା ମେଟାଲ୍ ରାସ୍ତାସାରା ଗଡ଼ୁଥିବା ଦେଖାଯାଉଛି। ରାସ୍ତାସାରା ବଡ଼ବଡ଼ ଖାଲିଖମା ସୃଷ୍ଟି ହୋଇ ବାଟୋଇଙ୍କ ପାଇଁ ବିପଦ ସାଜିଛି। ସ୍କୁଲ, କଲେଜ ପିଲାଙ୍କ ସମେତ ଛତା ତହସିଲ ଅଫିସ ଓ ଛତା ମେଡିକାଲ ଯାଉଥିବା ଲୋକମାନେ ରାସ୍ତାର ଏଭଳି ଦୁରବସ୍ଥା ଯୋଗୁଁ ପ୍ରତିଦିନ ଗାଡ଼ି ଦୁର୍ଘଟଣାରେ ଖଣ୍ଡିଆଖାବରା ହେଉଛନ୍ତି।

ଚାନ୍ଦୋଳ ଦେଇ କଟକ-ଚାନ୍ଦବାଲି ରାଜପଥ ବଦଳରେ କଟକ କିମ୍ବା ଭୁବନେଶ୍ୱର ଯିବା ପାଇଁ ଏହି କେନାଲବନ୍ଧ ରାସ୍ତାରେ ପ୍ରାୟ ୯ରୁ ୧୦କିମି କମ୍ ହୋଇଥାଏ। ବାଲିଆ, ଗୋଲରାହାଟ, ପଲେଇ, ନରସିଂହପୁର, ଲକ୍ଷ୍ମୀନାରାୟଣପୁର, ଚାଟରାଚକଡ଼ା ଆଦି ପଞ୍ଚାୟତବାସୀ କେନାଲବନ୍ଧ ରାସ୍ତାରେ ଯାଇଥାନ୍ତି। ହେଲେ, ରାସ୍ତା ମରଣଯନ୍ତା ପାଲଟି ଯାଇଥିବାରୁ ଅଞ୍ଚଳବାସୀ ହୀନସ୍ତା ହେଉଥିବା ଦେଖିବାକୁ ମିଳୁଛି।

ବିପର୍ଯ୍ୟସ୍ତ ରାସ୍ତା ସମ୍ପର୍କରେ ଅଞ୍ଚଳବାସୀ ବହୁବାର ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଗୁହାରୀ କରିଥିଲେ ମଧ ଏଯାବତ କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି ସ୍ଥାନୀୟ ଲୋକ କହିଛନ୍ତି। ତୁରନ୍ତ ଉକ୍ତ କେନାଲ ବନ୍ଧର ଗୋଲରାହାଟରୁ ଜାଗୁଳାଇପଡ଼ା ଓ ସୁକରପଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

### ୨୦୬ ଅଭିଯୋଗ ମଧ୍ୟରୁ ୧୮୪ଟି ବ୍ୟକ୍ତିଗତ ୨୨ଟି ସାମୂହିକ

**କେନ୍ଦ୍ରାପଡ଼ା, ୧।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ। ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତି ରଞ୍ଜନ ଗୌଡ଼,କେନ୍ଦ୍ରାପଡ଼ା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ,ଡେପୁଟି କଲେକ୍ଟର ତୃପ୍ତି ମହାନ୍ତିଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଅଭିଯୋଗ ଶୁଣାଣିରେ ମୋଟ ୨୦୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ୧୮୪ ଟି ବ୍ୟକ୍ତିଗତ ଏବଂ ୨୨ ଟି ସାମୂହିକ ଅଭିଯୋଗ ରହିଥିଲା । ସେହିପରି ୬୩ ହଜାର ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରିଛନ୍ତି । ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ କରିବାକୁ ପଦକ୍ଷେପ ଗ୍ରହଣ କରବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକାଶଥାଉ କି ଡିସେମ୍ବର ମାସର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆସନ୍ତା ସୋମବାର ଅର୍ଥାତ ୮ତାରିଖ ଦିନ ମହାକାଳପଡ଼ା ବ୍ଲକ, ୧୫ ତାରିଖରେ ଡେରାବିଶ ବ୍ଲକ, ୨୨ ଡିସେମ୍ବରରେ ଗରଦପୁର ବ୍ଲକ ଏବଂ ୨୯ ତାରିଖରେ ରାଜନଗର ବ୍ଲକ କାର୍ଯ୍ୟାଳୟଠାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ।

## ମୋଦିଙ୍କ 'ଡ୍ରାମା' ବୟାନ ପରେ ଜବାବ ଦେଲେ ପ୍ରିୟଙ୍କା

# ଜନତାଙ୍କ ପ୍ରସଙ୍ଗ ଆଲୋଚନାରୁ ବର୍ତ୍ତିବା ଅସଲ ନାଟକ



ନୂଆଦିଲ୍ଲୀ, ୧।୧୨: ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଡ୍ରାମା' ବୟାନକୁ ନେଇ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପ୍ରିୟଙ୍କା କହିଛନ୍ତି ବାସ୍ତବରେ ମହଙ୍ଗା, ବେକାରି ଓ ପ୍ରଦୂଷଣ ଭଳି ଆଲୋଚନାରୁ ବର୍ତ୍ତିବା ହିଁ ଅସଲ ଡ୍ରାମା। ଉଲ୍ଲେଖଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ମୋଦି ସଂସଦ ଆରମ୍ଭରେ ବିରୋଧୀ ଦଳଙ୍କୁ ଟାର୍ଗେଟ କରି କହିଥିଲେ ଯେ, 'ସଂସଦ ହଙ୍ଗାମାର ସ୍ଥାନ ନୁହେଁ, ଏଠାରେ ଡ୍ରାମା ନୁହେଁ ଡେଲିଭରୀ ହେବା ଦରକାର।'

ଏହି ଟିପ୍ପଣୀ ଉପରେ ପ୍ରିୟଙ୍କା ଗାନ୍ଧି ପାଲଟା ଜବାବ ଦେଇ କହିଛନ୍ତି ଯେ, ସଂସଦରେ ଜନତାଙ୍କ ପ୍ରସଙ୍ଗ ଉଠାଇବାକୁ ଡ୍ରାମା କିପରି କହିବା? ମହଙ୍ଗା, ପ୍ରଦୂଷଣ, ଏସଆଇଆର ଭଳି ଜରୁରି ପ୍ରସଙ୍ଗରେ କଥା ହେବା ଡ୍ରାମା ନୁହେଁ। ସଂସଦ ଏହି କାମ ପାଇଁ। ଅସଲ ଡ୍ରାମା ତ ହେଉଛି ଏଥିପାଇଁ ଆଲୋଚନାକୁ ଅନୁମତି ନ ଦେବା। ସେ କହିଛନ୍ତି ଯେ, ଗଣତନ୍ତ୍ରରେ ଲୋକଙ୍କ ସମ୍ପର୍କିତ ପ୍ରଶ୍ନ ଉପରେ ବିତର୍କ ରୋକିବା ଅସଲ ନାଟକ। ବିରୋଧୀଙ୍କ କାମ ହେଉଛି ପ୍ରଶ୍ନ କରିବା ଓ ସରକାର ଏହାର ଜବାବ ଦେବାକୁ ବାଧ୍ୟ। ପ୍ରିୟଙ୍କା ଗାନ୍ଧିଙ୍କ ବ୍ୟତୀତ ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଟିପ୍ପଣୀ ଉପରେ କଡ଼ା ବିରୋଧ କରିଛନ୍ତି।

ଅଭିଷେକ ବାନାର୍ଜୀ କହିଛନ୍ତି ଯେ, ବିରୋଧୀ ଯଦି ଏସଆଇଆର ଉପରେ ବିତର୍କ ଦାବି କରୁଛନ୍ତି ଏଥିରେ ଡ୍ରାମାର କଥା ଉଠୁଛି କେଉଁଠି? ଯଦି ଜନତାଙ୍କ ସ୍ୱର ଉଠାଇବା ଡ୍ରାମା ତେବେ ଆଗାମୀ ନିର୍ବାଚନରେ ଜନତା ଏହାର ଜବାବ ଦେବେ। ଅଭିଷେକ ବାନାର୍ଜୀ ନିର୍ବାଚନ ଆୟୋଗଙ୍କ ଉପରେ ମଧ୍ୟ ଗୁରୁତର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ, ବିଏଲଓଙ୍କ ସମେତ ଏସଆଇଆରରେ ଏ ପର୍ଯ୍ୟନ୍ତ ୪୦ ଜଣଙ୍କ ମୃତ୍ୟୁ ହେଲାଣି। ଏଥି ପାଇଁ କେବଳ ନିର୍ବାଚନ କମିଶନ ଦାୟୀ, ଏଥିରେ ସରକାରଙ୍କ ଉତ୍ତରଦାୟିତ୍ୱ ମଧ୍ୟ ନାହିଁ ବୋଲି ସେ କହିଛନ୍ତି। ଆମେ ଏସଆଇଆରର ବିରୋଧ କରୁନାହୁଁ, ତେବେ ଏହାକୁ ଯେପରି କାର୍ଯ୍ୟାନ୍ୱୟନ କରାଯାଉଛି ଏହାକୁ ବିରୋଧ କରୁଛୁ।

ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭରେ ବିରୋଧୀ ଦଳ ଲୋକସଭାରେ ଜୋରଦାର ବିରୋଧ କରିଛନ୍ତି। କଂଗ୍ରେସ ଓ ଅନ୍ୟ ପାର୍ଟିମାନେ ବେକାରୀ, ମୂଲ୍ୟବୃଦ୍ଧି, ପ୍ରଦୂଷଣ ଓ ଏସଆଇଆରକୁ ନେଇ ଜୋରଦାର ହଙ୍ଗାମା କରିଛନ୍ତି। ସଂସଦ ହଙ୍ଗାମା ହଇଗୋଳ ଯୋଗୁ ଗୃହ କାର୍ଯ୍ୟରେ ବ୍ୟବଧାନ ସୃଷ୍ଟି ହୋଇଥିବା ବେଳେ ବାଚସ୍ପତି ଗୃହ କାର୍ଯ୍ୟକୁ ସ୍ଥଗିତ କରିଦେଇଛନ୍ତି।

## ପାକିସ୍ତାନ ସରକାରଙ୍କ ବଡ଼ ଆକ୍ସନ

# ଇମ୍ରାନଙ୍କ ଚେହେରା ଦେଖାଇବେନି ଟିଭି ଚ୍ୟାନେଲ୍

ଇସଲାମାବାଦ, ୧।୧୨: ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଦେଢ଼ ବର୍ଷରୁ ଅଧିକ ସମୟ ଧରି ଜେଲରେ ଅଛନ୍ତି। କିନ୍ତୁ ଗତ କିଛି ସପ୍ତାହ ଧରି ଇମ୍ରାନଙ୍କୁ ନେଇ ହେଉଥିବା ଚର୍ଚ୍ଚା ତାଙ୍କ ପରିବାରକୁ ମଧ୍ୟ ଚିନ୍ତିତ କରିଛି। ଏବେ ପାକିସ୍ତାନ ଟିଭି ଚ୍ୟାନେଲଗୁଡ଼ିକ ତାଙ୍କ ନାମ କିମ୍ବା ଫଟୋ ଦେଖାଇ ପାରିବେ ନାହିଁ ଇଣ୍ଟରନେଟରେ ଇମ୍ରାନ ଖାନଙ୍କ କୌଣସି ଝଲକ ଦେଖିବାକୁ ମିଳିବ ନାହିଁ। ଏହି ସମୟରେ ତାଙ୍କ ପୁଅମାନେ ପ୍ରଥମ ଥର ପାଇଁ ଖୋଲାଖୋଲି ଭାବରେ ମନ୍ତବ୍ୟ ଦେଇଛନ୍ତି। ଲଣ୍ଡନରେ ରହୁଥିବା କାସିମ ଖାନ କହିଛନ୍ତି ଯେ, ସେ ତାଙ୍କ ବାପାଙ୍କୁ ଶେଷ ଥର ପାଇଁ ନଭେମ୍ବର ୨୦୨୨ରେ ଦେଖିଥିଲେ। ସେତେବେଳେ ଇମ୍ରାନ ଖାନଙ୍କ ଉପରେ ଆକ୍ରମଣ ହୋଇଥିଲା। ପରିବାର ମଧ୍ୟ ଅନ୍ତର୍ଜାତୀୟ ମାନବାଧିକାର ସଂଗଠନଗୁଡ଼ିକଠାରୁ ସହାୟତା ଲୋଡ଼ୁଛି। ସେମାନେ ଦାବି କରୁଛନ୍ତି ଯେ, କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ତୁରନ୍ତ ସାକ୍ଷାତ ଲାଗି ଅନୁମତି ଦିଆଯାଉ। ଡାକ୍ତରଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଅନୁମତି ଦିଆଯାଉ ଏବଂ ଇମ୍ରାନ ଖାନଙ୍କ ଅବସ୍ଥା ବିଷୟରେ ଏକ ସରକାରୀ ଅପଡେଟ୍ ପ୍ରଦାନ କରାଯାଉ। ଇମ୍ରାନ ଖାନଙ୍କ ପୁଅ କାସିମ ଖାନ ରଏଟର୍ସଙ୍କୁ କହିଛନ୍ତି ଯେ, ଇମ୍ରାନ ଖାନଙ୍କ ପରିବାରକୁ ତିନି ସପ୍ତାହ ଧରି କୌଣସି ପ୍ରମାଣ ମିଳିନାହିଁ। ବାପା ସୁରକ୍ଷିତ, ଆହତ କିମ୍ବା ଜୀବିତ ଅଛନ୍ତି କି ନାହିଁ



ତାହା ନଜଣାଇବା ଏକ ପ୍ରକାର ମାନସିକ ନିର୍ଯାତନା ବୋଲି ସେ କହିଛନ୍ତି।

କାସିମଙ୍କ ଅନୁଯାୟୀ, କୋର୍ଟ ସପ୍ତାହକୁ ଗୋଟିଏ ଥର ଭେଟିବାକୁ ଅନୁମତି ଦେଇଥିଲେ। କିନ୍ତୁ ଜେଲ ପ୍ରଶାସନ ସେମାନଙ୍କୁ ସାକ୍ଷାତ କରାଇ ଦେଉନାହାନ୍ତି। ତାଙ୍କ ବ୍ୟକ୍ତିଗତ ଡାକ୍ତରଙ୍କୁ ମଧ୍ୟ ଏକ ବର୍ଷ ଧରି ଇମ୍ରାନଙ୍କୁ ଦେଖା କରିବାକୁ ଅନୁମତି ଦିଆଯାଉନାହିଁ। ଜେଲ ପ୍ରଶାସନ ଦାବି କରିଛି ଯେ, ଇମ୍ରାନ ଖାନ ସୁସ୍ଥ ଅଛନ୍ତି। କିନ୍ତୁ ଏଥିରେ କେତେ ସତ୍ୟତା ଅଛି ତାହା ଜଣା ନାହିଁ। ପରିବାର, ବିଶେଷକରି କାସିମ, ଇମ୍ରାନ ଖାନଙ୍କ ସାର୍ବଜନୀନ ସ୍ଥାନରୁ ସମ୍ପୂର୍ଣ୍ଣ ନିଖୋଜ ହେବାକୁ ନେଇ ବେଶ ଚିନ୍ତିତ।

ସେପଟେ ଟିଭି ଚ୍ୟାନେଲଗୁଡ଼ିକୁ ତାଙ୍କ ନାମ ଏବଂ ଛବି ଦେଖାଇବାକୁ ନିଷେଧ କରାଯାଇଛି। ପାକିସ୍ତାନୀ ଚ୍ୟାନେଲ ଇମ୍ରାନ ଖାନଙ୍କ ନାମ, ଫଟୋ କିମ୍ବା ଭିଡିଓ, ବିବୃତ୍ତି କିମ୍ବା ପ୍ରତିକ୍ରିୟା ପ୍ରସାରଣ କରିପାରିବେ ନାହିଁ। ଖାନଙ୍କର ଶେଷ ସ୍ପଷ୍ଟ ପ୍ରତିଛବି ହେଉଛି ଅନଲାଇନରେ ପ୍ରସାରିତ ଏକ ପୁରୁଣା, ଅସ୍ପଷ୍ଟ କୋର୍ଟ ପିନ୍ଧା ଫଟୋ। ଇମ୍ରାନ ଖାନ ଅଗଷ୍ଟ ୨୦୨୩ ରୁ ଜେଲରେ ଅଛନ୍ତି। ତାଙ୍କୁ ତୋଶାଖାନା ମାମଲା, ଗୁପ୍ତ କେବୁଲ ଲିକ୍ ମାମଲା (୧୦ ବର୍ଷ ଜେଲଦଣ୍ଡ) ଏବଂ ଅଲ-କାଦିର ଟ୍ରଷ୍ଟ ମାମଲା (୧୪ ବର୍ଷ ଜେଲଦଣ୍ଡ) ସମେତ ଅନେକ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି। ଇମ୍ରାନ ଖାନ ଏବଂ ତାଙ୍କ ଦଳ, ପିଟିଆଇ ଦାବି କରିଛନ୍ତି ଯେ, ଏହି ସମସ୍ତ ମାମଲା ତାଙ୍କୁ ରାଜନୀତି ଏବଂ ନିର୍ବାଚନରୁ ଦୂରେଇ ରଖିବା ପାଇଁ ଏକ ରାଜନୈତିକ ପ୍ରତିଶୋଧ ସ୍ୱରୂପ କରାଯାଇଥିଲା।

## ● ପୁଟିନଙ୍କ ଭାରତ ଗସ୍ତ ଉପରେ ବିଶ୍ୱର ନଜର

# ହୋଇପାରେ ବଡ଼ ପ୍ରତିରକ୍ଷା ଚୁକ୍ତି



ନୂଆଦିଲ୍ଲୀ, ୧।୧୨: ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଗସ୍ତ ପୂର୍ବରୁ ଦୁଇ ଦେଶ ମଧ୍ୟରେ ହେବାକୁ ଥିବା ପ୍ରତିରକ୍ଷା ଚୁକ୍ତିକୁ ନେଇ କଳ୍ପନାଜଳ୍ପନା ଜୋର ଧରିଛି। କ'ଣ ଭାରତ ରୁଷ ସୁ-୫୭ ଯୁଦ୍ଧ ବିମାନ ଖରିଦ ସମ୍ପର୍କରେ ଏକ ବଡ଼ ନିଷ୍ପତ୍ତି ନେବାକୁ ଯାଉଛି? ନିକଟରେ ସମାପ୍ତ ଦୁବାଇ ଏୟାର ଶୋ ସମୟରେ, ରୁଷର ରୋଷୋବୋରୋନ୍ ଏକ୍ସପୋର୍ଟ କମ୍ପାନୀ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ଅଧୀନରେ ଭାରତରେ ସୁ-୫୭ ନିର୍ମାଣ କରିବାକୁ ପ୍ରସ୍ତୁତ ଥିବା ଘୋଷଣା କରିଥିଲା। ଏହି ବର୍ଷ ପ୍ରାରମ୍ଭରେ, ବେଙ୍ଗାଲୁରୁରେ ଅନୁଷ୍ଠିତ ଏରୋ ଇଣ୍ଡିଆ ପ୍ରଦର୍ଶନୀ ସମୟରେ, ରୋଷୋବୋରୋନ୍ ଏକ୍ସପୋର୍ଟ ମଧ୍ୟ ଏହାର ପଞ୍ଚମ ପିଢ଼ିର ଯୁଦ୍ଧ ବିମାନ (ସୁ-୫୭) ର ପ୍ରଯୁକ୍ତିବିଦ୍ୟା ଭାରତକୁ ହସ୍ତାନ୍ତର କରିବାକୁ ପ୍ରସ୍ତାବ ଦେଇଥିଲା। ସେବେଠାରୁ ସୁ-୫୭ କ୍ରୟ ଭାରତର ବିଚାରାଧୀନ ଅଛି। ସୁ-୫୭ ଗୋଟିଏ କିମ୍ବା ଦୁଇଟି ସ୍କ୍ୱାଡ୍ରନ କିଣିବ କି ଭାରତରେ ସେଗୁଡ଼ିକୁ ବହୁଳ ପରିମାଣରେ ନିର୍ମାଣ କରିବ ସେ ବିଷୟରେ ବିଚାର କରାଯାଉଛି। ସେହିପରି ରୁଷର ସର୍ବାଧୁନିକ ତଥା ଘାତକ ଏସ-୫୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଖରିଦ ବିଷୟରେ ଘୋଷଣା ହୋଇପାରେ। କୁହାଯାଉଛି ଯେ, ରୁଷର ଏସ-୫୦୦ ମହାକାଶରେ ଅଳ୍ପ ଉଚ୍ଚତାରେ ଉଡ଼ୁଥିବା ସାଟେଲାଇଟକୁ ମଧ୍ୟ ନଷ୍ଟ କରିବାକୁ ସକ୍ଷମ।

## ଡିଜିଟାଲ୍ ଆରେଷ୍ଟ ଉପରେ ସୁପ୍ରିମକୋର୍ଟଙ୍କ ବଡ଼ ରାୟ

# ଦେଶର ସମସ୍ତ ମାମଲାର ତଦନ୍ତ କରିବ ସିବିଆଇ

ନୂଆଦିଲ୍ଲୀ, ୧।୧୨: ଡିଜିଟାଲ୍ ଆରେଷ୍ଟ ମାମଲାରେ ସୁପ୍ରିମକୋର୍ଟ ଏକ ବଡ଼ ଆଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ ସାରା ଦେଶରେ ଡିଜିଟାଲ୍ ଆରେଷ୍ଟ ମାମଲାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିଛନ୍ତି। ସବୁ ରାଜ୍ୟର ପୁଲିସକୁ କେନ୍ଦ୍ରୀୟ ଏଜେନ୍ସିକୁ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆଇବିଆଇକୁ ନୋଟିସ୍ ଜାରି କରି ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଛି। ସୁପ୍ରିମକୋର୍ଟ ଦୁଇ ସପ୍ତାହ ପରେ ପୁଣି ଥରେ ମାମଲାର ଶୁଣାଣି କରିବେ। ଏହା ବ୍ୟତୀତ ଆଇଟି ମଧ୍ୟସ୍ଥି ନିୟମ ୨୦୨୧ ଅଧୀନରେ ଅଧିକାରୀ ସିବିଆଇକୁ ପୂର୍ଣ୍ଣ ସହଯୋଗ ପ୍ରଦାନ କରିବେ।

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଆଦେଶ ଦେଇ କହିଛନ୍ତି ଯେ, ଅଧିକାଂଶ ରାଜ୍ୟ ଗୋଟିଏ ସ୍ୱରରେ କହିଛନ୍ତି ଅଧିକାଂଶ ବରିଷ୍ଠ ନାଗରିକଙ୍କୁ ବିଭିନ୍ନ ଉପାୟରେ ଟାର୍ଗେଟ୍ କରାଯାଉଛି। ସିଜେଆଇ କହିଛନ୍ତି କୋର୍ଟଙ୍କୁ ଅବଗତ କରାଯାଇଥିବା ଘଟଣାରେ ପ୍ରାଥମିକ ତଦନ୍ତ ପରେ ଏମାଇକସ୍ ସ୍କାମକୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇଛି। ଏଥିରେ



ଡିଜିଟାଲ୍ ଆରେଷ୍ଟ, ନିବେଶ ଦୁର୍ନୀତି ଓ ସାମୟିକ ନିଯୁକ୍ତି ଜାଲିଆତି ସାମିଲ ରହିଛି। ଏହା ସାଇବର ଅପରାଧର ଗମ୍ଭୀର କ୍ଷେତ୍ର ମଧ୍ୟରୁ ଗୋଟିଏ, ଯେଉଁଥିରେ ଜୋରଜବରଦସ୍ତ ଟଙ୍କା ଆଦାୟ କରାଯାଇଥାଏ କିମ୍ବା ମୋଟ ଅର୍ଥରାଶି ଜମା କରିବା ଲାଗି ପ୍ରଲୋଭିତ କରି ଠକେଇ କରିଥାନ୍ତି।

ଆଦେଶ ଅନୁସାରେ ଯେଉଁ ରାଜ୍ୟଗୁଡ଼ିକ ସିବିଆଇକୁ ସହମତି ଦେଇନାହାନ୍ତି, ସେମାନେ ନିଜ ଅଧିକାର କ୍ଷେତ୍ରରେ ଆଇଟି ଅଧିନିୟମ ୨୦୨୧ ଅନ୍ତର୍ଗତରେ ତଦନ୍ତ ପାଇଁ ସହମତି ପ୍ରଦାନ କରିବେ। ଯାହା ଦ୍ୱାରା ସିବିଆଇ ସାରା ଭାରତରେ ବ୍ୟାପକ ତଦନ୍ତ ହୋଇପାରିବ। ଏହାସହ ଅପରାଧର ଗମ୍ଭୀରତା ଓ କ୍ଷେତ୍ରୀୟ ଅଧିକାର ଆମ ସୀମା ବାହାରେ ରହିଥିବାରୁ ଆବଶ୍ୟକ ସ୍ଥଳେ ସିବିଆଇକୁ ଇଣ୍ଟରପୋଲଠାରୁ ସହାୟତା ନେବା ପାଇଁ କୁହାଯାଇଛି। ସିମ୍ ଜାରି କରିବା ବେଳେ ଅବହେଳା ଓ ସତର୍କତା ଅବଲମ୍ବନ କରା ନଯିବା କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ପାଇଁ ଦୂରସଂଚାର ବିଭାଗକୁ କୋର୍ଟଙ୍କ ସାମନାରେ ଏକ ପ୍ରସ୍ତାବ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଆଦେଶ ପରେ ସିମ୍ କାର୍ଡ ଦୁରୁପଯୋଗକୁ ରୋକିବା ପାଇଁ ସମସ୍ତ ଦୂରସଂଚାର ସେବା ପ୍ରଦାନକାରୀଙ୍କୁ ଏହା ଲାଗୁ କରିବାକୁ ପଡ଼ିବ। ଏହା ବ୍ୟତୀତ ସିବିଆଇକୁ ପିସିଏ ଅଧିନରେ ସେହି ବ୍ୟାଙ୍କରଙ୍କ ଭୂମିକା ଯାଞ୍ଚ ପାଇଁ ପୂରା ଅଧିକାର ଦେଇଛନ୍ତି, ଯେଉଁଥିରେ ଡିଜିଟାଲ୍ ଆରେଷ୍ଟ ଦୁର୍ନୀତି ପାଇଁ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି। ସୁପ୍ରିମକୋର୍ଟ କହିଛନ୍ତି ଯେ ଆରବିଆଇକୁ ଏହି ନ୍ୟାୟାଳୟର ସହାୟତା କରିବା ପାଇଁ ପକ୍ଷଭୁକ୍ତ କରାଯାଇଛି। ସେହିପରି ଦୁର୍ନୀତିରେ ବ୍ୟବହୃତ ଆକାଉଣ୍ଟ ଓ ଅପରାଧିକ ଆୟ ରୋକିବା ପାଇଁ ଏଆଇ/ ମେସିନ ଲର୍ଣ୍ଣିଂ ଲାଗୁ କରିବା ପାଇଁ ଆରବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି।

# ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣ

## ୬ ସୈନିକ ମୃତ

ଇସଲାମାବାଦ, ୧।୧୨: ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶର ନୋକୁଣ୍ଡି ଅଞ୍ଚଳରେ ଅବସ୍ଥିତ ଚାଗାଇରେ ଫ୍ରଣ୍ଟିୟର୍ କର୍ପସ୍ ମୁଖ୍ୟାଳୟର ମୁଖ୍ୟ ଫାଟକରେ ସୋମବାର ସକାଳେ ଏକ ଆତ୍ମଘାତୀ ଆକ୍ରମଣ ହୋଇଛି। ଏଥିରେ ଛଅ ଜଣ ସେନା କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ନିଶ୍ଚିତ କରାଯାଇଛି। ଏହି ଆକ୍ରମଣ ବେଲୁଚିସ୍ତାନ ଲିବରେସନ୍ ଫ୍ରଣ୍ଟର ସାଦଓ ଅପରେସନାଲ୍ ବାଟାଲିଅନ୍ ଦ୍ୱାରା କରାଯାଇଥିଲା। ବାଲୁଚିସ୍ତାନ ଲିବରେସନ ଆର୍ମି ସମ୍ପ୍ରତି ପାକିସ୍ତାନୀ ସୁରକ୍ଷା ସ୍ଥାନଗୁଡ଼ିକ ଉପରେ ଆକ୍ରମଣକୁ ଜୋରଦାର କରିଛି। ଏହା ମାର୍ଚ୍ଚ ୧୧ରେ ଆରମ୍ଭ ହୋଇଥିଲା। ଯେତେବେଳେ ଆତଙ୍କବାଦୀମାନେ ୪୪୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଟ୍ରେନ୍ ଉପରେ ଏକ ବଡ଼ ଧରଣର ଆକ୍ରମଣ କରିଥିଲେ। ସେବେଠାରୁ ଆକ୍ରମଣ ଜାରି ରହିଛି। ଜୁନ୍, ଅଗଷ୍ଟ, ସେପ୍ଟେମ୍ବର ଏବଂ ଅକ୍ଟୋବରରେ ଟ୍ରେନ୍‌ଗୁଡ଼ିକୁ ଲକ୍ଷ୍ୟ କରି ଅନେକ ବୋମାମାଡ଼ ଏବଂ ରକେଟ ଆକ୍ରମଣ କରାଯାଇଥିଲା। ସୋମବାର ସକାଳେ ହୋଇଥିବା ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ମୁଖ୍ୟ ଫାଟକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ପାଖରେ ଥିବା କାନ୍ଥଗୁଡ଼ିକ ମଧ୍ୟ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିଲା। ପାକିସ୍ତାନୀ ଅଧିକାରୀମାନେ ସୂଚନା ଦେଇଛନ୍ତି, ମୁଖ୍ୟ ଫାଟକ ଉପରେ ଆକ୍ରମଣ ପରେ ତୁରନ୍ତ ସଶସ୍ତ୍ର ଆକ୍ରମଣକାରୀମାନେ ନୋକୁଣ୍ଡିରେ ଥିବା ଏଫସି ମୁଖ୍ୟାଳୟରେ ପ୍ରବେଶ କରିଥିଲେ। ମୁଖ୍ୟାଳୟ ପରିସରରେ ଗୁଳି ବିନିମୟ ଏବଂ ଆକ୍ରମଣ ପରେ ଡାକ୍ତରଖାନାଗୁଡ଼ିକରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି।

## ବିରୋଧୀଙ୍କୁ ନଡ୍ଡାଙ୍କ କଟାକ୍ଷ

# ଅସୁବିଧା ଥିଲେ ଡାକ୍ତରଙ୍କ ପରାମର୍ଶ ନିଅ

ନୂଆଦିଲ୍ଲୀ, ୧।୧୨: ସଂସଦର ଶୀତକାଳୀନ ଅଧିବେଶନର ପ୍ରଥମ ଦିନରେ ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ହଠାତ୍ ଇସ୍ତଫାକୁ ନେଇ ରାଜ୍ୟସଭାରେ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଜେପି ନଡ୍ଡାଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ବିଜେପି ସାଂସଦମାନଙ୍କ ବିରୋଧ ମଧ୍ୟରେ ଖାର୍ଗେ କହିଛନ୍ତି, ମୁଁ ଆଶା କରୁଛି ଯେ, ଆପଣ ଖରାପ ଭାବିବେ ନାହିଁ । ମୁଁ ପୂର୍ବରୁ ଗୃହର ଅଧ୍ୟକ୍ଷଙ୍କ ହଠାତ୍ ଇସ୍ତଫା ବିଷୟରେ ଉଲ୍ଲେଖ କରିବାକୁ ବାଧ୍ୟ ହୋଇଛି। ମୁଁ ଦୁଃଖୀତ ଯେ ଗୃହ ତାଙ୍କୁ ବିଦାୟ ଦେବାର ସୁଯୋଗ ପାଇଲା ନାହିଁ। ସମଗ୍ର ବିରୋଧୀ ଦଳ ପକ୍ଷରୁ ମୁଁ ତାଙ୍କର ସୁସ୍ଥ ଜୀବନ କାମନା କରୁଛି।



ଜେପି ନଡ୍ଡାଙ୍କୁ ଖାର୍ଗେଙ୍କ ବକ୍ତବ୍ୟ ପସନ୍ଦ ଆସି ନଥିଲା। ସେ ଏହି ପ୍ରସଙ୍ଗରୁ ବାହାରି ଆସି କହିଥିଲେ। ଆମକୁ ସ୍ୱାଗତ ସମାରୋହର ମର୍ଯ୍ୟାଦା ବଜାୟ ରଖିବାକୁ ପଡିବ। ଯଦି ଏପରି ହୁଏ, ତେବେ ଆମେ ଧନଖଡ଼ଙ୍କ ବିରୋଧରେ ଦୁଇଥର ଅନାସ୍ଥା ପ୍ରସ୍ତାବ ଆଣିବା ବିଷୟରେ ମଧ୍ୟ ଆଲୋଚନା କରିବୁ। ମୁଁ ଭାବୁଛି ଆମର ବିରୋଧୀ ନେତାମାନେ ବହୁତ ସମ୍ମାନଜନକ। ବିହାର, ହରିୟାଣା ଏବଂ ମହାରାଷ୍ଟ୍ରରେ ପରାଜୟ ଆପଣଙ୍କୁ ବହୁତ ଯନ୍ତ୍ରଣା ଦେଇଛି। ଆପଣ ଆପଣଙ୍କର ଯନ୍ତ୍ରଣା ଡାକ୍ତରଙ୍କ ନିକଟରେ କହିବା ଉଚିତ। ସମୟ ହେଲେ ଆପଣଙ୍କର ଯନ୍ତ୍ରଣା ଡାକ୍ତରଙ୍କ ନିକଟରେ କୁହନ୍ତୁ। ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଆବଶ୍ୟକ।

## ହସିନାଙ୍କ ପ୍ରତ୍ୟାର୍ପଣ ନେଇ ବାଂଲାଦେଶର ମନ୍ତବ୍ୟ

# ଉତ୍ତମ ରହିବ ଢାକା-ନୂଆଦିଲ୍ଲୀ ସମ୍ପର୍କ

ନୂଆଦିଲ୍ଲୀ, ୧।୧୨: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୁଦ୍ଧରେ ହିଂସାତ୍ମକ ମାମଲାରେ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍ ମୃତ୍ୟୁଦଣ୍ଡ ଦେଇଥିଲେ। ପୂର୍ବରୁ ବାଂଲାଦେଶର ଏକ କୋର୍ଟ ତାଙ୍କୁ ପଳାତକ ଘୋଷଣା କରିଥିଲେ। କିନ୍ତୁ ହସିନା ବର୍ତ୍ତମାନ ଭାରତର ଶରଣରେ ଅଛନ୍ତି। ଏବେ ହସିନାଙ୍କୁ ପ୍ରତ୍ୟାର୍ପଣ ପାଇଁ ଚାଲିଛି ଚର୍ଚ୍ଚା ଏବଂ ବିତର୍କ।

ବାଂଲାଦେଶ କହିଛି ଯେ, ପଳାତକ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ପ୍ରତ୍ୟାର୍ପଣ କରିବ ବୋଲି ଆଶା କରୁଛି ଢ଼ାକା। କିନ୍ତୁ ଏହି ପ୍ରସଙ୍ଗକୁ ନୂଆଦିଲ୍ଲୀ ସହିତ ଦ୍ୱିପାକ୍ଷିକ ସମ୍ପର୍କରେ ବାଧା ସୃଷ୍ଟି କରିବାକୁ ଦେବ ନାହିଁ। ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ବୈଦେଶିକ ବ୍ୟାପାର ପରାମର୍ଶଦାତା ମହମ୍ମଦ ତୌହିଦ ହୋସେନ ଗଣମାଧ୍ୟମ ପ୍ରତିନିଧିଙ୍କ ସହ କଥାବାର୍ତ୍ତା ସମୟରେ ଏହି ବିବୃତ୍ତି ଦେଇଛନ୍ତି।



ହସିନାଙ୍କ ପ୍ରତ୍ୟାର୍ପଣ ବିନା ଭାରତ ଭଲ ସମ୍ପର୍କ ଆଶା କରିପାରିବ କି ବୋଲି ପଚରାଯିବାରୁ, ହୋସେନ କହିଥିଲେ, ଆମର ଦ୍ୱିପାକ୍ଷିକ ସମ୍ପର୍କ କେବଳ ଗୋଟିଏ ପ୍ରସଙ୍ଗରେ ଅଟକି ରହିବ ନାହିଁ। ଯେହେତୁ ହସିନା ବର୍ତ୍ତମାନ ଜଣେ ଘୋଷିତ ଅପରାଧୀ, ତେଣୁ ବାଂଲାଦେଶ ଯଥାଶୀଘ୍ର ଭାରତଠାରୁ ତାଙ୍କର ପ୍ରତ୍ୟାର୍ପଣ ଆଶା କରୁଛି। ଚଳିତ ବର୍ଷ ନଭେମ୍ବର ୧୭ ତାରିଖରେ ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ଅନୁପସ୍ଥିତିରେ ମୃତ୍ୟୁଦଣ୍ଡ ଦେଇଥିଲେ। ପୂର୍ବରୁ, ବାଂଲାଦେଶର ଏକ କୋର୍ଟ ତାଙ୍କୁ ପଳାତକ ଘୋଷଣା କରିଥିଲେ। ଢାକାରେ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ଅଧୀନରେ ଭାରତ ସହିତ ସମ୍ପର୍କ ବିଷୟରେ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ହୁସେନ କହିଛନ୍ତି ଯେ, ଭାରତକୁ ନୂତନ ବାସ୍ତବତା ସହିତ ଖାପ ଖୁଆଇବା ପାଇଁ କିଛି ସମୟ ଆବଶ୍ୟକ। ସେ କହିଛନ୍ତି, ଆମେ ପାରସ୍ପରିକ ସ୍ୱାର୍ଥ ଉପରେ ଆଧାରିତ ଭାରତ ସହିତ ଉତ୍ତମ ସମ୍ପର୍କ ରଖିବାକୁ ଚାହୁଁଛୁ। ଭାରତ ହସିନାଙ୍କ ପ୍ରତ୍ୟର୍ପଣ ପାଇଁ ପୂର୍ବ ଅନୁରୋଧର ଉତ୍ତର ଦେଇନାହିଁ। କିନ୍ତୁ ଢାକା ଏବେ ନୂଆଦିଲ୍ଲୀଠାରୁ ପ୍ରତିକ୍ରିୟା ଆଶା କରୁଛି। କାରଣ ନ୍ୟାୟିକ ପ୍ରକ୍ରିୟା ସମାପ୍ତ ହେବା ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ପରେ ପରିସ୍ଥିତି ଏବେ ଭିନ୍ନ।

# ଲୋକସଭାରେ ଆଗତ ହେଲା ୩ ବିଧେୟକ

## ବିରୋଧ କଲେ ଟିଏମସି ସାଂସଦ ସୌଗତ ରାୟ

**ନୂଆଦିଲ୍ଲୀ, ୧।୧୨:** ସଂସଦରେ ଶୀତକାଳୀନ ଅଧିବେଶନର ଆରମ୍ଭ ସହିତ କେନ୍ଦ୍ର ସରକାର ଆଜି ଲୋକସଭାରେ ତିନୋଟି ବିଧେୟକ ଆଗତ କରିଛନ୍ତି। ଏହି ବିଧେୟକ ହେଲା 'ମଣିପୁର ବସ୍ତୁ ଓ ସେବା କର (ଦ୍ୱିତୀୟ ସଂଶୋଧନ) ବିଧେୟକ, ୨୦୨୫', 'କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ (ସଂଶୋଧନ) ବିଧେୟକ, ୨୦୨୫' ଏବଂ 'ସ୍ୱାସ୍ଥ୍ୟ ସୁରକ୍ଷା ଜାତୀୟ ସୁରକ୍ଷା ଉପକର ବିଧେୟକ, ୨୦୨୫'। ହେଲେ ଟିଏମସି ସାଂସଦ ସୌଗତ ରାୟ ଏହି ବିଧେୟକକୁ ବିରୋଧ କରିଛନ୍ତି। ମଣିପୁର ବସ୍ତୁ ଓ ସେବା କର (ଦ୍ୱିତୀୟ ସଂଶୋଧନ) ବିଧେୟକ, ୨୦୨୫ ରାଜ୍ୟରେ ଜିଏସଟି ବ୍ୟବସ୍ଥାକୁ ଅଧିକ ସୁଚାରୁ ଓ ସହଜ କରିବା ପାଇଁ ଆଣାଯାଇଛି। କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ (ସଂଶୋଧନ) ବିଧେୟକ, ୨୦୨୫ ଉତ୍ପାଦ ଶୁଳ୍କର ସୁଧାର ଓ ସମନ୍ୱୟ ପାଇଁ ପ୍ରସ୍ତୁତ କରାଯାଇଛି। ସ୍ୱାସ୍ଥ୍ୟ ସୁରକ୍ଷା ଜାତୀୟ ସୁରକ୍ଷା ଉପକର ବିଧେୟକ, ୨୦୨୫ ସ୍ୱାସ୍ଥ୍ୟ ସୁରକ୍ଷା ଓ ଜାତୀୟ ସୁରକ୍ଷା।ଇଁ ନିର୍ଦ୍ଦିଷ୍ଟ ଉପକର ଆରୋ କରିବାକୁ ଆଇନ ଭିତ୍ତିକ ଶକ୍ତି ଦେବା ପାଇଁ ଅଣାଯାଇଛି। ହେଲେ ବିରୋଧୀ ଦଳର ହୋହଲ୍ଲା ଯୋଗୁଁ ଗୃହକାର୍ଯ୍ୟ ଠିକଭାବେ ଚାଲିପାରି ନଥିଲା।

# ଏସଆଇଆର ଉପରେ ଆଲୋଚନା ଚାହୁଁନାହାନ୍ତି ସରକାର: ଗୌରବ

**ନୂଆଦିଲ୍ଲୀ, ୧।୧୨:** ସଂସଦର ଶୀତକାଳୀନ ଅଧିବେଶନର ପ୍ରଥମ ଦିନ ସୋମବାର ଲୋକସଭାର କାର୍ଯ୍ୟକୁ ବିରୋଧୀ ଦଳର ହଙ୍ଗାମା କାରଣରୁ ପ୍ରଥମେ ଦୁଇଥର ଏବଂ ପରେ ମଙ୍ଗଳବାର ପର୍ଯ୍ୟନ୍ତ ସ୍ଥଗିତ କରିବାକୁ ପଡ଼ିଛି। ଏହା ପରେ ଲୋକସଭାରେ କଂଗ୍ରେସର ଉପନେତା ଗୌରବ ଗୋଗୋଇ ଅଭିଯୋଗ କରିଛନ୍ତି ଯେ, ସରକାର ଭୋଟର ତାଲିକାର ବିଶେଷ ଗଭୀର ପୁନଃସମୀକ୍ଷା (ଏସଆଇଆରଜ) ବିଷୟରେ ଚର୍ଚ୍ଚା କରିବାକୁ ଚାହୁଁନାହାନ୍ତି। ଗୋଗୋଇ ପାର୍ଲାମେଣ୍ଟ ଭବନ ପରିସରରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ସଂସଦ ଭିତରେ ଶାସକ ଏବଂ ବିରୋଧୀ— ଦୁହିଁଙ୍କର ପ୍ରସଙ୍ଗ ଉଠିବା ଉଚିତ୍। କିନ୍ତୁ ଆଜି ପ୍ରଥମ ଦିନରୁ ଶାସକ ଦଳ କେବଳ ନିଜ ପ୍ରସଙ୍ଗ ଉପରେ ହିଁ ଚର୍ଚ୍ଚା କରିବାକୁ ଚାହୁଁଛି। ଶାସକ ପକ୍ଷର ଲୋକମାନେ ନିଜେ ଆଣିଥିବା ବିଧେୟକମାନଙ୍କୁ ନେଇ ଚର୍ଚ୍ଚା ଚାହୁଁଛନ୍ତି। ସମସ୍ତ ବିରୋଧୀ ଦଳମାନଙ୍କର ଗୋଟିଏ ମାତ୍ର ଦାବି ନିର୍ବାଚନ ପ୍ରକ୍ରିୟାକୁ ନେଇ ଚର୍ଚ୍ଚା ହେଉ। କିନ୍ତୁ ସରକାର ଏହା ସ୍ପଷ୍ଟ ଭାବେ କହିପାରୁନାହାଁନ୍ତି ଯେ, କେଉଁ ଦିନ ଏହି ଚର୍ଚ୍ଚା କରାଯିବ। ଗୋଗୋଇ କହିଛନ୍ତି ଯେ, ସରକାର ନିଜ ଇଚ୍ଛାଅନୁଯାୟୀ ସଂସଦ ଚଲାଇବାକୁ ଚାହୁଁଛନ୍ତି । ଯେଉଁଥିରେ ବିରୋଧୀଙ୍କର କୌଣସି ପ୍ରସଙ୍ଗର ସ୍ଥାନ ନାହିଁ। ଶାସକ ପକ୍ଷ ସମୁଦାୟ ସଂସଦ ଓ ଗଣତନ୍ତ୍ରର ସମ୍ମାନକୁ 'ହାଇଜାକ୍' କରିନେଇଛି।

# ଅନମ୍ୟାନ୍‌ଡ ଫାଇଟର ଜେଟ୍‌ର ସଫଳ ପରୀକ୍ଷଣ

ଅଙ୍କାରା ୧।୧୨: ଡ୍ରୋନ ସୁପରପାୱାର ପାଲଟିଥିବା ତୁର୍କି ବିଶ୍ୱରେ ଇତିହାସ ରଚିଛି। ତୁର୍କି ନିର୍ମିତ ମାନବ ରହିତ ଫାଇଟରଜେଟ୍ 'କିଜିଲେଲ୍ମା' ଆକାଶରେ ସଠିକ ଓ ସଫଳତା ପୂର୍ବକ ଏକ ବିମାନକୁ ମିଜାଇଲ ଯୋଗେ ଧ୍ୱଂସ କରିଛି। ଏହି ସମୟରେ କିଜିଲେଲ୍ମା ବିମାନକୁ

## 'କିଜିଲେଲ୍ମା'କୁ ନେଇ ଇତିହାସ ରଚିଲା ତୁର୍କୀ

ଖସାଇବା ପାଇଁ ରାଡାର ଗାଇଡାନ୍ସ ଉପଯୋଗ କରିଛି। ଏପରି ଯୁଦ୍ଧକୌଶଳ ହାସଲ କରିବାରେ ବିଶ୍ୱରେ ତୁର୍କି ପ୍ରଥମ ଦେଶ ପାଲଟିଛି। ତୁର୍କି ସିନୋପ ଉପକୂଳରେ ଏହି ପରୀକ୍ଷଣ କରିଛି।

କିଜିଲେଲ୍ମା ମୁରାଦ ଏଇଏସଏ ରାଡାର ଯୋଗେ ଲକ୍ଷ୍ୟ ଚିହ୍ନଟ କରିଥିଲା ଓ ବିୟଣ୍ଡ ଭିଜୁଆଲ ରେଞ୍ଜ ମିଜାଇଲ ଗୋକଦୋଗନ ଜରିଆରେ ଶତ୍ରୁ ବିମାନକୁ ଆକାଶରୁ ଖସାଇଛି । ଫଳରେ ମାନବବିହୀନ ଯୁଦ୍ଧ ଦୁନିଆରେ ଏହା ନୂଆ ଯୁଗ ଆରମ୍ଭ କରିଛି। ତୁର୍କିର ଏହି ବିମାନ ଭବିଷ୍ୟତରେ ପାକିସ୍ତାନ ହାତରେ ମଧ୍ୟ ପଡିପାରେ।



ଏଣୁ ଭାରତ ନିମନ୍ତେ ବିପଦ ପାଲଟିପାରେ। କିଜିଲେଲ୍ମାକୁ ତୁର୍କିର ଦିଗ୍ଗଜ ଡ୍ରୋନ କମ୍ପାନୀ ବାୟକର ନିର୍ମାଣ କରିଛି। ଏହାର ସିଇଓ ତୁର୍କି ରାଷ୍ଟ୍ରପତି ରେସେପ ତୟପ ଏର୍ଦୋଗାନଙ୍କ ଜ୍ୱାଇଁ। ଏଣୁ ବିଶ୍ୱରେ ଏର୍ଦୋଗାନଙ୍କ ଦବଦବା ପୁଣି ବଢ଼ିଛି। ଏହି ପରୀକ୍ଷଣ କାଳରେ ମିଜାଇଲରେ ଟାର୍ଗେଟ୍ କରି ଡ୍ରୋନକୁ ସିଧା ହିଟ୍ କରିଛି।

ତୁର୍କି ଏହି ପରୀକ୍ଷଣର ଭିଡିଓ ମଧ୍ୟ ଜାରି କରିଛି। ବିଶ୍ଳେଷକଙ୍କ କହିବା କଥା ହେଉଛି ଫାଇଟର ଜେଟ୍ ତୁଳନାରେ କିଜିଲେଲ୍ମା ଡ୍ରୋନ ରାଡାରରେ ଖୁବ୍ କମ୍ ସଂକେତ ଦେଉଛି। ଏହାଛଡା ଏହି ମାନବରହିତ ଯୁଦ୍ଧବିମାନ ଦୀର୍ଘଦୂରତାରୁ ଶତ୍ରୁର ବିମାନକୁ ଚିହ୍ନି ଦେଉଛି। ଏଣୁ ତୁର୍କିଏର ଏହି ଡ୍ରୋନ ବିମାନକୁ ଶତ୍ରୁ ଆକାଶରେ ଚିହ୍ନିବା ପୂର୍ବରୁ ହିଁ ଏହା ବିନାଶ ରଚୁଛି। ଏଣୁ ଯୁଦ୍ଧରେ ଏହାର କ୍ଷତି ହେବାର ସମ୍ଭାବନା ଖୁବ୍ କ୍ୱଚିତ୍। କିଜିଲେଲ୍ମା ବିମାନ ଏବେ ଆକାଶରୁ ଆକାଶରେ ଓ ଆକାଶରୁ ଭୂମି ଉଭୟ ଆକ୍ରମଣ ପାଇଁ ସକ୍ଷମ। ତୁର୍କି କେବଳ ପାକିସ୍ତାନ ନୁହେଁ ଭାରତର ପଡୋଶୀ ମାଲଦ୍ୱୀପ ଓ ବାଂଲାଦେଶକୁ ମଧ୍ୟ ଡ୍ରୋନ ଯୋଗାଣ କରୁଛି। ମାନବ ରହିତ ଯୁଦ୍ଧବିମାନ କିଜିଲିଲ୍ମା ପରୀକ୍ଷଣ କାଳରେ ୫ଟି ଏଫ-୧୬ ଫାଇଟର ଜେଟ୍ ମର୍ଜିଫୋନ ବାୟୁସେନା ଘାଟିରୁ ଉଡାଣ କରିଥିଲେ। ମାନବରହିତ ଫାଇଟର ଜେଟ୍ ରେ ତୋୟଗୁନ ଟାର୍ଗେଟିଂ ସିଷ୍ଟମ ଲାଗିଛି। ଏଣୁ ଏହା ଅନେକ ପ୍ରକାରର ମିଜାଇଲରେ ଆକ୍ରମଣ କରିବାକୁ ସକ୍ଷମ। ଏହି ବିମାନରେ ଏକ ସିଙ୍ଗଲ ଟର୍ବୋଫ୍ୟାନ ଇଞ୍ଜିନ ଲାଗିଛି। ଉଡାଣ ସମୟରେ ଏହାର ସର୍ବାଧିକ ଓଜନ ୬୦୦୦ କେଜି ହୋଇପାରେ। ଏହା ନିଜ ସାଙ୍ଗରେ ୧,୫୦୦ କେଜି ଓଜନର ଅସ୍ତ୍ରଶସ୍ତ୍ର ବହନ କରିପାରୁଛି। ଏଥିରେ ତୁର୍କିର ସ୍ୱଦେଶୀ ରାଡାର ଏଇଏସଏ ଲାଗିଛି। ଏହାକୁ ତୁର୍କି ଯୁଦ୍ଧପୋତ ଟିସିଜି ଆନାଦୋଲୁରେ ବାୟକର ଟିବି-୩ କିଲର ଡ୍ରୋନ ସହ ମୁତୟନ କରାଯିବ।

## ସଂସଦ ପରିସରକୁ କୁକୁର ଆଣି କଂଗ୍ରେସ ସାଂସଦ ହଟହଟା

# ରେଣୁକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା ବିଜେପି

ନୂଆଦିଲ୍ଲୀ ୧।୧୨: ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ଦିନ କଂଗ୍ରେସ ସାଂସଦ ରେଣୁକା ଚୌଧୁରୀ ତାଙ୍କ କାରରେ ଏକ କୁକୁରକୁ ନେଇ ସଂସଦ ପରିସରକୁ ଆସିଥିଲେ। ଏହି କଥାକୁ ନେଇ ସଂସଦରେ ଝଡ ଉଠିଛି। ବିଜେପି ଏହାକୁ ନିୟମର ଉଲ୍ଲଂଘନ କହି ଚୌଧୁରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଏବେ ସଂସଦ ପରିସରରୁ ଆରମ୍ଭ କରି ସୋସିଆଲ ମିଡିଆ ପର୍ଯ୍ୟନ୍ତ ଏହି କଥାକୁ ନେଇ ବିତର୍କ ଆରମ୍ଭ ହୋଇଯାଇଛି। ଏଥିରେ କୌଣସି ସାଂସଦ ତାଙ୍କ ପୋଷା ପଶୁଙ୍କୁ ନେଇ ସଂସଦ ପରିସରକୁ ଆସି ପାରିବେ କି ନା ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ତେବେ ବିବାଦ ଉପରେ ରେଣୁକା ଚୌଧୁରୀ କଡ଼ା ଜବାବ ଦେଇଛନ୍ତି। ଗଣମାଧ୍ୟମ ସହ ଆଲୋଚନାରେ ସେ କହିଛନ୍ତି ଯେ, ଏଥିରେ ସମସ୍ୟା କ'ଣ? ମୁକ ପଶୁଟି ଯଦି ସଂସଦ ପରିସରକୁ ଚାଲି ଆସିଛି ଏଥିରେ ଅସୁବିଧା କେଉଁଠି? ଏତେ ଛୋଟଟିଏ ଓ କାମୁଡିବ ନାହିଁ, କାମୁଡିବା ଯନ୍ତୁତ ସଂସଦ ଭିତରେ ଅଛନ୍ତି। ଯେଉଁମାନେ ଆମକୁ ରିତିମତ କାମୁଡୁଛନ୍ତି।



ତେବେ ବିଜେପି ସାଂସଦ ଜଗଦମ୍ବିକା ପାଲ କହିଛନ୍ତି ଯେ, ଏହା ସିଧାସଳଖ ବିଶେଷାଧିକାରର ଉଲ୍ଲଂଘନ। ସେ କହିଛନ୍ତି ସାଂସଦ ଦେଶର ନୀତି ଉପରେ ଗମ୍ଭୀର ଆଲୋଚନା ଲାଗି ଏକ ସ୍ଥାନ, ନା କି ପୋଷା ଜନ୍ତୁଙ୍କୁ ଆଣିବାର ସ୍ଥାନ। ତାଙ୍କର କହିବା କଥା ହେଉଛି ଏହା ଦ୍ୱାରା ସଂସଦର ଗାରିମାକୁ ଠେସ୍ ଲାଗିଛି। ଏଣୁ ରେଣୁକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ସେହପରି ବିଜେପି ମୁଖପାତ୍ର ଶହଜାଦ ପୁନାୱାଲା ମଧ୍ୟ କଡା ଟିପ୍ପଣୀ ଦେଇଛନ୍ତି। ସେ କହିଛନ୍ତି ଯେ, ରେଣୁକା ଚୌଧୁରୀ ସାଂସଦଙ୍କୁ କାମୁଡା କୁକୁରଙ୍କ ସହ ତୁଳନା କରି ସଂସଦ ଓ ଏହାର କର୍ମଚାରୀଙ୍କୁ ଅପମାନିତ କରିଛନ୍ତି।

ଡିଜେ ସାଉଣ୍ଡ ନେଲା ଜୀବନ

# ଡିଜେ ବନ୍ଦ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି

**ଆନନ୍ଦପୁର,୧।୧୨ (ସଂଚାର ବ୍ୟୁରୋ):** ଡିଜେ ସାଉଣ୍ଡରେ ଅତିଷ୍ଠ ଲୋକେ। ସାଉଣ୍ଡ ଏତେ ଜୋରରେ ହେଉଛି ଯେ, ଜୀବନ ଯିବା ଥୟ । ସେଥିପାଇଁ ବାରମ୍ବାର ବିଭିନ୍ନ ମହଲରେ ଡିଜେ ସାଉଣ୍ଡ ବନ୍ଦ କରିବାକୁ ଦାବି ହେଉଥିବା ବେଳେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛି । ଡିଜେ ପରିଚାଳନା କରୁଥିବା ବ୍ୟକ୍ତି ସରକାରଙ୍କ ଗାଇଡ ଲାଇନକୁ ଖାତିରି ନକରି ଅତ୍ୟାଧିକ ଶବ୍ଦରେ ଡିଜେ ବଜାଇ ବାୟୁ ପ୍ରଦୂଷଣ କରୁଛି । ଫଳରେ ଡିଜେ ସାଉଣ୍ଡ ଦ୍ୱାରା ଲୋକଙ୍କ ଜୀବନ ଯାଉଛି । ବାହାଘର ହେଉ ଅବା ଭସାଣୀ ଉତ୍ସବ ହେଉ ନାଚ ନିଶା ସମସ୍ତଙ୍କୁ ଏମିତି ଘାରିଦେଉଛି ଯେ, କେହି କାହା କଥା ଶୁଣିବା ପରିସ୍ଥିତିରେ ରହୁ ନାହାନ୍ତି ।



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରପାଳିକାର ୭ନଂ ୱାର୍ଡର ବାସିନ୍ଦା ଦିଲ୍ଲୀପ କୁମାର ରଣା ବୟସ ୨୪ ସେ ମଧ୍ୟ ଡିଜେ କବଳୁ ରକ୍ଷା ନପାଇ ପ୍ରାଣ ହରାଇଛନ୍ତି । ଖବର ଅନୁଯାୟୀ ସମ୍ପର୍କୀୟଙ୍କ ପୁଅ ବିବାହ ଉତ୍ସବରେ ଦିଲ୍ଲୀପ ଯୋଗ ଦେବା ପାଇଁ ମୟୂରଭଞ୍ଜ ଜିଲ୍ଲା ବାରିପଦାକୁ ଗତ ଗୁରୁବାର ଦିନ ଯାଇଥିଲେ। ସେଠାରେ ଅତ୍ୟାଧିକ ଡିଜେ ସାଉଣ୍ଡରେ ସେ ପ୍ରାଣ ହରାଇଥିଲେ। ଏମିତି ଅନେକ ସ୍ଥାନରେ ଡିଜେ ସାଉଣ୍ଡ ଦ୍ୱାରା ଅନେକ ଲୋକଙ୍କ ଜୀବନ ଯାଉଛି। ଏଥିପ୍ରତି ସମସ୍ତେ ସଚେତନ ହେବା ଆବଶ୍ୟକତା ରହିଛି। ନଚେତ୍ ଆଗାମୀ ଦିନରେ ମଧ୍ୟ ଏହି ବିକଟାଳ ଡିଜେ ଶବ୍ଦ ଦ୍ୱାରା ଅନ୍ୟ କାହାର ଜୀବନ ଯାଇପାରେ। ସରକାର ଏହି ଡିଜେ ସାଉଣ୍ଡ ବନ୍ଦ କରିବା ପାଇଁ ବିଭିନ୍ନ ମହଲରେ ଦାବୀ ହୋଇଛି।

ନାକ୍ ମାନ୍ୟତା ପାଇଁ ବିଳାସପୂର୍ଣ୍ଣ ଆତିଥ୍ୟ

# ୧୮ ଲକ୍ଷ ଖର୍ଚ୍ଚ ତାଲିକାକୁ ନେଇ ଚର୍ଚ୍ଚା

**ଯାଜପୁର,୧।୧୨ (ସଂଚାର ବ୍ୟୁରୋ):** ଯାଜପୁର ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନାକ୍ ସଦସ୍ୟଙ୍କ ଗସ୍ତକୁ ନେଇ ହୋଇଥିବା "ହାତଖୋଲା ବ୍ୟୟ" ଏବେ ବିବାଦର କେନ୍ଦ୍ରବିନ୍ଦୁ ହୋଇପଡ଼ିଛି। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁଯାୟୀ, କଲେଜର ଅଧ୍ୟକ୍ଷଙ୍କ କକ୍ଷ, ସ୍ମାର୍ଟ କ୍ଲାସ୍, ଟିଚର୍ସ କମନ୍ ରୁମ୍ ସମେତ ଅନ୍ୟାନ୍ୟ ସୁଦୃଢ଼ିକରଣ କାମରେ ୨ ଲକ୍ଷ ୫୦ ହଜାର ଟଙ୍କା, ସୌନ୍ଦର୍ଯ୍ୟକରଣକୁ ୧ ଲକ୍ଷ, ସଫାସୁଫାଇକୁ ୫୦ ହଜାର ଓ ବିଭିନ୍ନ ବିଭାଗ ସଜାଉଥିବା ପାଇଁ ୪ ଲକ୍ଷ ୪୨ ହଜାର ଟଙ୍କା ବ୍ୟୟ ଦର୍ଶାଯାଇଛି। ସବୁଠୁ ଅଧିକ ଚର୍ଚ୍ଚାକୁ ନେଇଛି ନାକ୍ ଟିମ୍‌ର ୪ଜଣ ସଦସ୍ୟଙ୍କ ରହଣି ଓ ଖାଦ୍ୟ ବାବଦରେ ୩ ଲକ୍ଷ ୧୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବିଷୟ।




ଛାତ୍ରମାନେ ପିଇବା ପାଣିକୁ ପାଇଁ ହଇରାଣ ହେଉଥିବାବେଳେ ଏତେ ଆଡମ୍ବର ସଜାପଟା ନେଇ ପ୍ରଶ୍ନ ଉଠିଛି। କଲେଜ ପରିସର ଅଳିଆ ଆବର୍ଜନାରେ ଆଚ୍ଛାଦିତ, ଶୌଚାଳୟର ଦୟନୀୟ ଅବସ୍ଥାରେ ଛାତ୍ରୀମାନେ ଭୋଗୁଥିବା ପରିସ୍ଥିତିକୁ ନେଇ ଛାତ୍ରମାନଙ୍କ ଅସନ୍ତୋଷକୁ ତୀବ୍ର କରିଦେଇଛି। କଲେଜ ଭିତରେ ଗାଈଗୋରୁଙ୍କ ଅବାଧ ବିଚରଣ ଓ ସଫାସୁଫାଇ ବାବଦରେ ବ୍ୟୟ ହୋଇଥିବା ୫୦ ହଜାର ନେଇ ମଧ୍ୟ ଆଙ୍ଗୁଠି ଉଠିଛି। ଏହି ପରିସ୍ଥିତି ବିରୋଧରେ କିଛି ମାସ ପୂର୍ବରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା କଲେଜରେ ତାଲାବନ୍ଦ ବିକ୍ଷୋଭ ମଧ୍ୟ ହୋଇଥିଲା। ସେହିପରି, ଛାତ୍ର କମନ୍‌ରୁମ୍ ପାଇଁ ୩୦ ହଜାର ଖର୍ଚ୍ଚ ଦର୍ଶାଯାଇଥିଲେ ମଧ୍ୟ, ୩ ବର୍ଷ ହେଲା ଏହା ତାଲାବନ୍ଦ ଅବସ୍ଥାରେ ରହିଛି।

ଏହିସବୁ ଅଭିଯୋଗ ସମ୍ପର୍କରେ କଲେଜ ଅଧ୍ୟକ୍ଷ ରଞ୍ଜନ କୁମାର ବେହେରା କହିଛନ୍ତି: "ନାକ୍ ଟିମ୍ ବହୁବର୍ଷ ପରେ ଆସିଥିଲେ। ସେମାନଙ୍କୁ ସକାରାତ୍ମକ ପ୍ରତିଛବି ଦେବା ପାଇଁ ଆବଶ୍ୟକ ଖର୍ଚ୍ଚ ହୋଇଛି। ସମସ୍ତ ବ୍ୟୟ କମିଟିର ଅନୁମୋଦନ ଅନୁସାରେ, କୌଣସି ଅନିୟମିତତା ହୋଇନାହିଁ।" କିନ୍ତୁ ଛାତ୍ର-ଅଭିଭାବକ, ସ୍ଥାନୀୟ ସମାଜ ଏବଂ ଶିକ୍ଷାପ୍ରେମୀମାନଙ୍କ ପ୍ରଶ୍ନ "କଲେଜର ମୂଳ ସମସ୍ୟା ସମାଧାନ ହେବା ପୂର୍ବରୁ ଏତେ ଆଡମ୍ବରମୟ ଖର୍ଚ୍ଚ ଆବଶ୍ୟକ ଥିଲା କି ?"ମାମଲା ଏବେ ଦୃଢ଼ି ଧରୁଛି। ନାକ୍ ରିପୋର୍ଟ ପ୍ରକାଶ ପୂର୍ବରୁ ଏହି ଖର୍ଚ୍ଚକୁ ନେଇ ଯାଜପୁରରେ ତୀବ୍ର ଚର୍ଚ୍ଚା ଚାଲିଛି।

## ନବରଙ୍ଗପୁର ବିଧାୟକଙ୍କ ନୂତନ ସରକାରୀ ଗୃହ ପ୍ରବେଶ



**ନବରଙ୍ଗପୁର,୧।୧୨ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନାଗ ୟୁନିଟ-୮ ସ୍ଥିତ ୪-ଆରଡ଼ ସରକାରୀ (କ୍ୱାର୍ଟର୍ସ)ରେ ରବିବାର ଦିନ ନବରଙ୍ଗପୁର ନବ ନିର୍ବାଚିତ ବିଧାୟକ ଗୌରୀ ଶଙ୍କର ମାଝୀଙ୍କ ଗୃହ ପ୍ରବେଶ ଓ ଉଦ୍‌ଘାଟନ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନରେ ପୂଜା ମଙ୍ଗଳାଚରଣ, ଶାସ୍ତ୍ରୀୟ ବାଦ୍ୟ, ଶୋଭାମୟ ପରିବେଶ ଏବଂ ଶତାଧିକ ଲୋକଙ୍କ ଉପସ୍ଥିତି ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ସରସ, ଗ୍ରହଣୀୟ ଓ ଗୌରବମୟ ଭାବେ ସମାପନ ହେଲା । ଏହି ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଓଡ଼ିଶାର କ୍ୟାବିନେଟ୍ ମନ୍ତ୍ରୀମାନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ସଡ଼କ ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ

**ବାରିପଦା,୧।୧୨ (ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ମୟୁରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ଅଞ୍ଚଳରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଅଛି । ମୃତକ ଜଣକ ହେଲେ ଉକ୍ତ ଥାନା ଅନ୍ତର୍ଗତ ଶଳାଶୁଳ ଗ୍ରାମର ଯାଶାଇ ମୁର୍ମୁ । ମୋରଡ଼ା ପେଟ୍ରୋଲ ପମ୍ପ ନିକଟରେ ଏକ ଟାଟା ଏସି ଗାଡି ଆସି ବାଇକକୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଶବ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ଟାଟା ଏସି ଗାଡିକୁ ଜବତ କରିଅଛି ।

## 'ସୋଲେ' ଚଳଚ୍ଚିତ୍ରର ନୂତନ ସଂସ୍କରଣର କ୍ଲାଇମାକ୍ସରେ ଗବର ସିଂହର ମୃତ୍ୟୁ

**ଭୁବନେଶ୍ୱର,୧।୧୨ (ସଂଚାର ବ୍ୟୁରୋ):** ପ୍ରସିଦ୍ଧ ହିନ୍ଦୀ ବ୍ଲକବଷ୍ଟର ସିନେମା 'ସୋଲେ' ଏହାର କ୍ଲାଇମାକ୍ସରେ ପରିବର୍ତ୍ତନ ସହ ଖୁବ୍ ଶୀଘ୍ର ଭାରତର ବିଭିନ୍ନ ସିନେମା ହଲ୍‌ରେ ରିଲିଜ ହେବାକୁ ଯାଉଥିବା ଶନିବାର ଏଠାରେ ସୂଚନା ଦେଇଛନ୍ତି ପ୍ରଖ୍ୟାତ କବି, ଗୀତିକାର ଓ ସଂଳାପ ଲେଖକ ଜାଭେଦ ଅଖତର। ଅଖତର କହିଛନ୍ତି ଯେ ଏଥର କିନ୍ତୁ 'ସୋଲେ'ରେ



ଦର୍ଶକ ଫିଲ୍ମର କ୍ଲାଇମାକ୍ସରେ ଗବର ସିଂର ମୃତ୍ୟୁ ହେବାର ଦେଖିବାକୁ ପାଇବେ।

ସୋଲେ ଫିଲ୍ମର ନିର୍ମାଣ, ଚରିତ୍ର ପ୍ରସ୍ତୁତି, ସିନ୍ କ୍ରିଏସନ୍ ଏବଂ ସଂଳାପ ଲେଖାରେ ଏକ ବଡ଼ ଭୂମିକା ବହନ କରିଥିବା ଅଖତର କହିଛନ୍ତି ଯେ ୧୯୭୫ ମସିହାରେ ଜରୁରୀକାଳୀନ ପରିସ୍ଥିତି ରହିଥିବା ବେଳେ ସୋଲେର ଶେଷ ସିନ୍‌ରେ ଗବରର ମୃତ୍ୟୁକୁ ନେଇ ସେନ୍‌ସର ବୋର୍ଡ ଅନୁମତି ଦେଇ ନଥିଲା। ସିନେମାର ଶେଷ ଦୃଶ୍ୟରେ ଜଣେ ପୂର୍ବତନ ପୋଲିସ ଅଫିସର ଆଇନ୍‌କୁ ହାତକୁ ନେଇ ଜଣେ ଅପରାଧିକୁ ହତ୍ୟା କରୁଥିବାର ଦୃଶ୍ୟ ଥିବା ବେଳେ ସେନ୍‌ସର ବୋର୍ଡ ଏହି କ୍ଲାଇମାକ୍ସ ସିନ୍‌କୁ ଅନୁମତି ଦେଇ ନଥିଲା। ତେଣୁ ସିନେମାରେ ଏହି ସିନ୍‌କୁ ବଦଳାଇ ଦିଆଯାଇଥିଲା। ତେବେ ରିଲିଜ ହେବାକୁ ଥିବା ଚଳଚ୍ଚିତ୍ରର ମୂଳ କାହାଣୀ ଅନୁସାରେ ଠାକୁର ବଲଦେବ ସିଂ ଗବରକୁ ହତ୍ୟା କରୁଥିବାର ସିନେ ପ୍ରେମୀ ଦେଖିବାକୁ ପାଇବେ ଯାହାକି ସେମାନେ ପୁରୁଣା ସୋଲେରେ ଦେଖି ନଥିଲେ। ଏହି ପ୍ରଖ୍ୟାତ ଚଳଚ୍ଚିତ୍ର ମୁକ୍ତିଲାଭ କରିବାର ୫୦ ବର୍ଷ ପୂର୍ତ୍ତୀ ଉପଲକ୍ଷେ ଏହାର ମୂଳ ସଂସ୍କରଣ ସହ ପୁଣି ଥରେ ସିନେମା ହଲ୍‌ରେ 'ସୋଲେ' ପ୍ରଦର୍ଶିତ ହେବ ବୋଲି ଅଖତର କହିଛନ୍ତି।

ଅଖତରଙ୍କୁ ଶିକ୍ଷା ଓ ଅନୁସନ୍ଧାନ (ସୋଅ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ଅଭିନେତ୍ରୀ ତଥା ପ୍ରଯୋଜିକା ବାନୀ ତ୍ରିପାଠୀ ଟିକୁଙ୍କ ସହ ଆଲୋଚନା କରିବା ଅବସରରେ ଏହି ସୂଚନା ଦେଇଥିଲେ ଜାଭେଦ ଅଖତର।

# ବଉଳାବନ୍ଧରେ ଗ୍ରାମୀଣ ଉନ୍ନତି କାର୍ଯ୍ୟକ୍ରମ

**ଚିଲିକା/ବାଣପୁର,୧।୧୨ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ବଉଳାବନ୍ଧ ଗ୍ରାମର ରଘୁନାଥପୁର ଶାସନସ୍ଥିତ ଆରାଧ ଠାକୁର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ଓ ଠାକୁରାଣୀ ମା'ତାରିଣୀ ମନ୍ଦିର ପରିସରରେ ପ୍ରୟତ୍ନ ସଂସ୍ଥା ଓ ଏଚଡିଏଫସି ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ "ସାମଗ୍ରିକ ଗ୍ରାମୀଣ ଉନ୍ନତି କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଥିଲା। ଗ୍ରାମର ପୂର୍ବତନ ସରପଞ୍ଚ ଦେବାଶିଷ ରଥଙ୍କ ସମେତ ବଉଳବନ୍ଧ ଗ୍ରାମବାସୀଙ୍କ ଉପସ୍ଥିତିରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ତଥା ଆଇନ୍, ପୂର୍ତ୍ତ, ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଯୋଗ ଦେଇ କହିଥିଲେ ଯେ ଏସିଆ ମହାଦେଶର




ବୃହତ ଲବଣ ହ୍ରଦ ନୀଳମ୍ବୁ ଚିଲିକାର ପୁନଃରୁଦ୍ଧାର ପାଇଁ ସମସ୍ତ ପ୍ରଚେଷ୍ଟା ଜାରି ରହିଛି। ସଂକୁଚିତ ଚିଲିକାର ପରିସୀମା ସହିତ ଚିଲିକାର ସୌନ୍ଦର୍ଯ୍ୟ, ସାମୁଦ୍ରିକ ମୁହାଁଣ ଖନନ ଓ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ସରକାରୀ ସ୍ତରରେ ଯୋଜନା ପ୍ରସ୍ତୁତ ହୋଇଛି। ଯାହା ଦ୍ୱାରା ଚିଲିକା ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ତଟବର୍ତ୍ତୀ ଅଧିବାସୀ ମାନଙ୍କୁ ଆଉ ଦାଦନ 'ଖଟିବା ପାଇଁ ବାହାରକୁ ଯିବାକୁ ପଡ଼ିବ ନାହିଁ ।

ଏହି ଅବସରରେ ମନ୍ତ୍ରୀଙ୍କ କରକମଳରେ ସୌର ଷ୍ଟ୍ରିଟ ଲାଇଟ ପ୍ରକଳ୍ପ ସହିତ 'ହୋଲିଷ୍ଟିକ ରୁରାଲ ଡେଭେଲପମେଣ୍ଟ ପ୍ରୋଗ୍ରାମ, ଚିଲିକା'ର ଉଦଘାଟନ ହୋଇଥିଲା । ମତ୍ସ୍ୟଜୀବୀଙ୍କୁ ଜାଲ, ମାଛ ଜାଲ ପାଇଁ ରଶି, ଲାଇଫ ଜ୍ୟାକେଟ, ସିଗନାଲ ଲାଇଟ, ପ୍ରାଥମିକ ଚିକିତ୍ସା କିଟ ଆଦି ବିତରଣ କରାଯାଇଥିଲା। ସେହିପରି ଚିଲିକା ଓ ବାଣପୁର ବ୍ଲକର ୧୮ ଗ୍ରାମରେ ୧୦ଟି ଲେଖାଏଁ ଷ୍ଟ୍ରିଟ ଲାଇଟ ଏପରି ୧୮୦ଟି ଷ୍ଟ୍ରିଟ ଲାଇଟ ସମ୍ପୃକ୍ତ ଚଡ଼ିଏଫସି ବ୍ୟାଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି ।

## ମେଘୁଆ ପାଗକୁ ଦେଖି ଚିନ୍ତାରେ ଚାଷୀ

**ହିଞ୍ଜିଳିକାଟୁ,୧।୧୨ (ସଂଚାର ବ୍ୟୁରୋ):** ଆଜି ଦିନ ତମାମ ହେଲା ପାଗ ମେଘୁଆ ରହିଛି। ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ସ୍ଥାନୀୟ ଅଞ୍ଚଳର ଚାଷୀ। ହିଞ୍ଜିଳିକାଟୁ ସହର ସମେତ ବ୍ଲକ ଅଞ୍ଚଳରେ ହେକ୍ଟର ହେକ୍ଟର ଜମିରେ ଧାନ ଚାଷ ହୋଇଥିବା ଜଣା ପଡିଛି । ବର୍ତ୍ତମାନ ସବୁ ଜମିରେ ଧାନ ପାଚି ଗଲାଣି । କିଛି ଚାଷୀ ଧାନ ଅମଳ କରି ଘରକୁ ଧାନ ନେଇ ଆସିଥିବା ବେଳେ ଅଧିକାଂଶ ଚାଷୀଙ୍କ ଧାନ ଜମିରେ ରହିଥିବା ଦେଖିବାକୁ ମିଳିଛି । ଯଦି ବର୍ଷା ହେଇଯାଏ ତାହେଲେ ପାଚିଲା ଧାନ ନଷ୍ଟ ହୋଇଯିବ, ଏଥିରେ ସନ୍ଦେହ ନାହିଁ। କିଛି ଚାଷୀ ଧାନ କାଟି ଖଳାରେ ଗଦା କରିଛନ୍ତି, ତାହା ମଧ୍ୟ ନଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏଥିସହ ମେଘୁଆ ପାଗ ସାଙ୍ଗକୁ କୋହଲା ପବନ ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି । କାରଣ ପବନ ଅଧିକ ହେଲେ ବିଲରୁ କଟାଯାଇ ନ ଥିବା ଧାନ ଝଡିଯିବ । ଏନେଇ ଚାଷୀକୁଳ ଛାନିଆ ହୋଇ ତରବରିଆ ଭାବେ ଧାନ କାଟି ନେଉଛନ୍ତି। ବର୍ଷାରେ ସଂପୂର୍ଣ୍ଣ କ୍ଷତି ହେବା ପୂର୍ବରୁ ଯାହା ଖର୍ଚ୍ଚ ହେଉ ପଛେ ଧାନ ଗଣ୍ଡେ ଘରକୁ ନେଇଯିବୁ ବୋଲି ଚାଷୀ କହିଛନ୍ତି।

## ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର




**ନବରଙ୍ଗପୁର,୧।୧୨ (ସଂଚାର ବ୍ୟୁରୋ):** ଆଜି ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ କୁମାର ସେନ,ଖଣ୍ଡିୟ ବନ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରା,ଉପ ଜିଲ୍ଲାପାଳ,ନବରଙ୍ଗପୁର ପ୍ରକାଶ କରି କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୨ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୭ଟି ବ୍ୟକ୍ତିଗତ ସମସ୍ୟା ଓ ୦୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୦୫ ଟି ଅଭିଯୋଗର ସମାଧାନ ତତକ୍ଷଣାତ କରାଯାଇଥିଲା।

## ଅଟୋ ଓଲଟି ୯ ଜଣ ଗୁରୁତର

**ଡାବୁଗାଁ,୧।୧୨ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ମୈଦଲପୁର ଠାରୁ ଡାବୁଗାଁ ଦେଇ ଯାଇଥିବା ଦୟାଗୁଡା ଛକ ନିକଟରେ ଓଟୋ ଓଲଟି ୯ ଜଣ ଗୁରୁତର ଆହତ ହୋଇଛନ୍ତି । ସମସ୍ତ ଆହତ ମାନଙ୍କୁ ମୈଦଲପୁର ମେଡିକାଲରେ ଭର୍ତ୍ତି କରାଯାଇଛି । ସୂଚନା ପ୍ରକାରେ ଚନ୍ଦ୍ରପୁର ପଞ୍ଚାୟତ ଟିକ୍ରାପାଲା ଗ୍ରାମରୁ ଏକ ଦଶାହ କାମରେ ମାନିଗାଁ ପଞ୍ଚାୟତ ରାଉଳିଗୁଡା ଯାଉଥିଲେ। ଦୟାଗୁଡା ନିକଟରେ ତିନଟି କୁକୁର ହଠାତ୍ ଅଟୋ ସମ୍ନାକୁ ପଶି ଆସିବାରୁ ଡ୍ରାଇଭର ଭାରସାମ୍ୟ ହରାଇବା ଫଳରେ ଅଟୋଟି ଜମି ଭିତରକୁ ଓଲଟି ପଡିଥିଲା। ଅଟୋରେ ଥିବା ୧୪ ଜଣ ମଧ୍ୟରୁ ୯ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତରେ ଏକ ଗାଡ଼ିରେ ମୈଦଲପୁର ମେଡିକାଲରେ ଭର୍ତ୍ତି କରାଇଥିଲେ। ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ଥିବା ଡାକ୍ତର କହିଛନ୍ତି ।



ରାସ୍ତା କଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

## ଟଙ୍କା ଭାଗବଣ୍ଟାକୁ ନେଇ ସାଙ୍ଗକୁ ହତ୍ୟା

**ବାରିପଦା,୧।୧୨ (ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ ବଡଖୁଣ୍ଟା ଠାରେ ନଭେମ୍ବର ୨୮ ତାରିଖ ଦିନ ରାସ୍ତା କଡରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏକ ଯୁବକର ମୃତଦେହକୁ ପୋଲିସ ଉଦ୍ଧାର କରିଥିଲା । ମୃତ ଯୁବକ ଜଣକ ଉକ୍ତ ଥାନା ଅଞ୍ଚଳର ଗଣେଶ ହେମ୍ବ୍ରମ । ଉକ୍ତ ସ୍ଥାନରୁ ଏକ ବାଇକ ଚାବି ପୋଲିସକୁ ମଳିଥିଲା । ଉକ୍ତ ଚାବିକୁ ନେଇ ପୋଲିସ ଏବଂ ସାଇଣ୍ଟିଫିକ ଟିମ ତଦନ୍ତ ଜାରି ରଖିଥିଲେ । ତେବେ ସଫଳତା ମିଳିଛି ପୋଲିସକୁ । ଅଭିଯୁକ୍ତକୁ ଗିରଫ କରିଛି ପୋଲିସ । ଗଣେଶ ଏବଂ ତାର ସାଙ୍ଗ ଅଭିଯୁକ୍ତ ମଙ୍ଗଲ ମୁର୍ମୁ ଖୁଣ୍ଟା ହାଟକୁ ଯାଇଥିଲେ ମାଂସ ବିକ୍ରୀ କରିବାକୁ । ସାଙ୍ଗରେ ଦୁହେଁ ଘରକୁ ଫେରୁଥିବାବେଳେ ବାଟରେ ଟଙ୍କା ଭାଗବଣ୍ଟାକୁ ନେଇ ଉଭୟଙ୍କ ମଧରେ ଝଗଡା ହୋଇଥିଲା । ତେବେ ନିଶାରେ ଥିବା ମଙ୍ଗଲ ଇଟାରେ ଗଣେଶକୁ ମୁଣ୍ଡରେ ଛେଚି ହତ୍ୟା କରିବା ସହ ତାର ମୋବାଇଲ ଏବଂ ପକେଟରେ ଥିବା ଟଙ୍କା କୁ ନେଇ ପଳାଇ ଯାଇଥିଲା ।

## ବିଶ୍ୱ ଏଡ୍‌ସ ଦିବସ ପାଳିତ

**ନବରଙ୍ଗପୁର,୧।୧୨ (ସଂଚାର ବ୍ୟୁରୋ):** ଏଚ୍.ଆଇ.ଭି/ଏଡସ୍‌ର ବ୍ୟାପକ ଜନସଚେତନତା ତଥା ଏହି ବର୍ଷର ବାର୍ତ୍ତା: 'ବିଭ୍ରାଟକୁ ଦୂର କରିବା, ଏଡସ ପ୍ରତିକ୍ରୟାକୁ ରୂପାନ୍ତରିତ କରିବା' ବିଷୟରେ ଜନ ସଚେତନତା ପାଇଁ, ଏନ୍‌ସିସି, ଏନ୍‌ଏସଏସ, ସ୍କାଉଟ, ଆର୍‌ଆର୍‌ସି, ୱାଇଆର୍‌ସି, ଜେଆର୍‌ସି ତଥା ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସରକାରୀ, ବେସରକାରୀ ଅନୁଷ୍ଠାନର ଅଧିକାରୀ, କର୍ମକର୍ତ୍ତା ଓ ସଖୀ ୟୁନିଟର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ନବରଙ୍ଗପୁର ଜିଲ୍ଲା ମ୍ୟୁନିସିପାଲିଟି ଛକ ଠାରୁ ଆର୍‌ସିଡି ହାଇସ୍କୁଲ୍ ପଡ଼ିଆ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଆରମ୍ଭ କରାଯାଇଥିଲା । ଏଥିରେ ପ୍ରାୟ ୩୦୦ରୁ



ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଯୋଗଦେଇଥିଲେ। ଏହି ଶୋଭାଯାତ୍ରାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା, ସନ୍ତୋଷ କୁମାର ପଣ୍ଡାଙ୍କ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଓ ଅନ୍ୟ ବରେଣ୍ୟ ମଞ୍ଚାସୀନ ଅଧିକାରୀ ଏଚଆଇଭି/ଏଡସକୁ କିପରି ଭାବରେ ରୋକାଯାଇପାରିବ ଏବଂ ପ୍ରତିରୋଧ ପାଇଁ କି ଉପାୟ ଅବଲମ୍ବନ କରାଯାଏ ତା ଉପରେ ନିଜର ମତ ରଖିଥିଲେ।

## ଆନନ୍ଦପୁର ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ

**ଆନନ୍ଦପୁର,୧।୧୨ (ସଂଚାର ବ୍ୟୁରୋ):** ଆନନ୍ଦପୁର ମହାବିଦ୍ୟାଳୟରେ ବିଶ୍ୱ ଏଡ୍ସ ଦିବସ ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ଆନନ୍ଦପୁର ସହର ପରିକ୍ରମା କରି ଜନସାଧାରଣ ମାନଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।




ଏହି ସଭାରେ ବିଶେଷ ଅତିଥି ଭାବେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟର ଅଧିକାରୀ ଡକ୍ଟର କୃଷ୍ଣଚନ୍ଦ୍ର ଦାସ, ମୁଖ୍ୟ ବକ୍ତା ଭାବେ ଡକ୍ଟର ଉଦୟ ଭାସ୍କର ପଣ୍ଡା, ସମ୍ମାନିତ ଅତିଥି ଭାବେ ଡକ୍ଟର ନିମାଇ ଚରଣ ରାଉତ, ଶ୍ରିଲେଖା ସାହୁ, ଅଧ୍ୟାପିକା ଭାରତୀ ସାହୁ, ଅନିତା ଦାସ, ମଧୁସ୍ମିତା ସାହୁ , ଅଧ୍ୟାପକ ପ୍ରକାଶ କୁମାର ସାହୁ, ଓଜେଲ ପଟ୍ଟନାୟକ ଅଧ୍ୟାପିକା ଆରତୀ ଲୁଗୁନ ଯୋଗ ଦେଇ ଏଡ୍‌ସର କାରଣ ନିରାକରଣ ସମ୍ବନ୍ଧରେ ଆଲୋଚନା କରି ସଚେତନତା ଦ୍ୱାରା ଏହାକୁ ରୋକା ଯାଇ ପାରିବ ବୋଲି ମତ ରଖିଥିଲେ।

ଏଥିରେ ମହାବିଦ୍ୟାଳୟର ଯୁବ ରେଡକ୍ରସ୍,ଏନସିସି, ଏନଏସଏସ, ସ୍କାଉଟ୍ ଏବଂ ଗାଇଡ୍‌ର ସ୍ୱେଚ୍ଛାସେବୀମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଶେଷରେ ପ୍ରାଣୀ ବିଜ୍ଞାନ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏଡ୍ସ ସଚେତନତା ଡ୍ରାମା ପରିବେଷଣ କରାଯାଇଥିଲା।

## ଜିଲ୍ଲା ଆଉଟ ସୋର୍ସିଂ ମହାସଂଘର ଜରୁରୀକାଳୀନ ବୈଠକ

**ଫୁଲବାଣୀ,୧।୧୨ (ସଂଚାର ବ୍ୟୁରୋ):** ରାଜ୍ୟରେ ବ୍ଲକ ଠାରୁ ସଚିବାଳୟ ପର୍ଯ୍ୟନ୍ତ ଦୀର୍ଘ ସେବା ଯୋଗାଇ ସରକାରଙ୍କ ବହୁବିଧ ଯୋଜନାର ସଫଳ ରୂପାୟନ କରୁଥିବା ସ୍ୱଳ୍ପ ବେତନ ଭୋଗୀ ଉଚ୍ଚଶିକ୍ଷିତ ବିଭିନ୍ନ ବର୍ଗର ଓଡିଶା ସରକାରୀ ଆଉଟ ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ସମସ୍ୟାର ସମାଧାନ ପାଇଁ ବାରମ୍ବାର ସରକାରଙ୍କୁ ଅବଗତ କରିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିଲା ନାହିଁ ତେଣୁ ରାଜ୍ୟ ସଙ୍ଘର ନିର୍ଦ୍ଦେଶ କ୍ରମେ କନ୍ଧମାଳ ଜିଲ୍ଲା ଆଉଟ ସୋର୍ସିଂ ମହାସଂଘ ତରଫରୁ ସ୍ଥାନୀୟ ଡ଼ିଆରଡ଼ିଏ ଛକ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ସଭାପତି ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଏକ ଜରୁରୀ କାଳୀନ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା ।




ଉକ୍ତ ବୈଠକରେ ମୁଖ୍ୟ ବକ୍ତା ବ୍ରଜ କିଶୋର ପଟ୍ଟନାୟକ ସରକାରୀ ଆଉଟ ସୋର୍ସିଂ ମାନଙ୍କ ବିଭିନ୍ନ ଦାବିକୁ ସରକାରଙ୍କ ନିକଟରେ ଅବଗତ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସରକାର ଆଉଟ ସୋର୍ସିଂ କର୍ମଚାରୀଙ୍କ କୌଣସି ଦାବିକୁ ସମାଧାନ କଲେ ନାହିଁ। ଯଦି ସରକାର ଆମ୍ଭ ମାନଙ୍କ ଦାବି ସମୂହକୁ ଯଥା ଶୀଘ୍ର ପୂରଣ ନ କରନ୍ତି ତାହେଲେ ଆଗାମୀ ଦିନରେ ରାଜଧାନୀର ଲୋୟର ପିଏମଜି ଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସଙ୍ଘ ତରଫରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ । ଉକ୍ତ ବୈଠକରେ କନ୍ଧମାଳ ଜିଲ୍ଲାର ସମସ୍ତ ସଂଗ୍ରାମୀ ଆଉଟ ସୋର୍ସିଂ କର୍ମଚାରୀମାନେ ଉପସ୍ଥିତ ଥିଲେ । ତତ୍‌ସହିତ ଜିଲ୍ଲାର ପ୍ରାୟ ୩୦୦ ରୁ ୪୦୦ ଜଣ ଆଉଟ ସୋର୍ସିଂ କର୍ମଚାରୀ ଯୋଗ ଦେଇଥିଲେ।

## ବିଶ୍ୱ ଏଡ୍‌ସ ଦିବସରେ ରକ୍ତଦାନ ଶିବିର

**ଫୁଲବାଣୀ,୧।୧୨ (ସଂଚାର ବ୍ୟୁରୋ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ଜିଲ୍ଲା ସ୍ୱାସ୍ଥ୍ୟସମିତି, କନ୍ଧମାଳ, ସମ୍ବାଦ ଆମ ଓଡିଶା, ଏଚ୍.ଡି.ଏଫ୍.ସି ବ୍ୟାଙ୍କ, ଫୁଲବାଣୀ ଓ ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତର ମିଳିତ ସହଯୋଗରେ ବିଶ୍ୱ ଏଡସ୍ ଦିବସ-୨୦୨୫ ଅବସରେ ପାବୁରିଆ ଆୟୁଷମାନ ଆରୋଗ୍ୟ ମନ୍ଦିର ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଚାଲିଥିବା ଲକ୍ଷ୍ୟଭେଦି ପ୍ରକଳ୍ପ ଦ୍ୱାରା ଆୟୋଜିତ ଏହି ଶିବିରରେ



ସ୍ଥାନୀୟ ଅଂଚଳରୁ ୨୯ ଜଣ ସ୍ୱେଚ୍ଛାକୃତ ଭାବରେ ରକ୍ତ ଦାନ କରିଥିଲେ । ଶିବିର ଟିକୁ ପାବୁରିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରି ଡାକ୍ତର ମାନସରଞ୍ଜନ ସାହୁ ଉଦ୍ଘାଟନ କରିଥିବା ବେଳେ ଫୁଲବାଣୀ ବ୍ଲଡବ୍ୟାଙ୍କ ତରଫରୁ ଚିକିତ୍ସା ଅଧିକାରି ମାନବେସ ବଡସେଠ୍ ପରିଚାଳନା କରିଥିଲେ ।

# ଶୁଖୁଆରେ ଫର୍ମାଲୀନ ବ୍ୟବହାର ନେଇ ଚିନ୍ତାରେ ଖାଉଟି

ହେଉନି ଚଢ଼ାଉ, ବଢୁଛି ଅସନ୍ତୋଷ



**କାକଟପୁର/ଅସ୍ତରଙ୍ଗ,୧।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ଶୁଖୁଆର ଆଦର ଦେଶ ବିଦେଶରେ ରହିଛି। ଏଠାରେ ଅଧିକ ପରିମାଣ ଉତ୍ପାଦନ ମଧ୍ୟ ହେଉଛି। କିନ୍ତୁ ବାରମ୍ବାର ସତର୍କତା ସତ୍ତ୍ୱେ ଶୁଖୁଆରେ ବ୍ୟବହାର ହେଉଛି କ୍ଷତିକାରକ ଫର୍ମାଲିନ। ଏଥିରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଲଗାମ ରହୁଛି ନାଁ ସଚେତନ କରାଯାଉଛି। ଫଳରେ ଏହା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କା ସୃଷ୍ଟି ହେଉଛି। ପ୍ରଶାସନିକ ଅବହେଳାର ସୁଯୋଗ ନେଇ କିଛି ଶୁଖୁଆ ବେପାରୀ ଏଭଳି ବେନିୟମ କାମ କରିଚାଲିଛନ୍ତି। କିନ୍ତୁ କିଛି ବର୍ଷ ହେବ ଅସ୍ତରଙ୍ଗ ଅଞ୍ଚଳ ଶୁଖୁଆର ମାନ ବିଗିଡିବାରେ ଲାଗିଛି। ଯାହା ସ୍ୱାସ୍ଥ୍ୟ ପକ୍ଷେ ବହୁତ କ୍ଷତିକାରକ ବୋଲି ଖାଉଟିଙ୍କ ମହଲରେ ଅଭିଯୋଗ ହେବା ସହ ଅସନ୍ତୋଷ ପ୍ରକାଶ ପାଇଛି।

ପୂର୍ବରୁ ପ୍ରାକୃତିକ ଉପାୟରେ ଶୁଖୁଆ ଖଳାରେ ଅତି ଉଚ୍ଚ ମାନର ଶୁଖୁଆ ପ୍ରସ୍ତୁତ ହେଉଥିଲା। ଅସ୍ତରଙ୍ଗରୁ ଟନ ଟନ ଶୁଖୁଆ ଟ୍ରକ ମାଧ୍ୟମରେ ରାଜ୍ୟ ତଥା ବାହାର ରାଜ୍ୟ କେରଳ, ଛତିଶଗଡ ଆଦି ରାଜ୍ୟକୁ ଯାଇଥାଏ। ସେଥିରୁ ବୋରେଇ, ଲାଞ୍ଜି, କଣ୍ଟିଆ, ଚିଙ୍ଗୁଡ଼ି, ଖଇଂଗା, କୋକଲି ଆଦି ରପ୍ତାନି କରାଯାଇଥାଏ ବୋଲି ଶୁଖୁଆ ଖଳାର ବ୍ୟବସାୟୀ ଲିଟୁ ବରାଳ କହିଛନ୍ତି। କିନ୍ତୁ ଏବେକାର ଶୁଖୁଆ ବେଶି ଦିନ ପର୍ଯ୍ୟନ୍ତ ରହି ପାରୁନାହିଁ। କାରଣ ଶୁଖୁଆ ପ୍ରସ୍ତୁତ ହେବା ପରେ କ୍ଷତିକାରକ ଫର୍ମାଲୀନ ପକାଯାଉଛି। ଏହା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ କ୍ଷତିକାରକ। ଫୁସଫୁସ, ଖାଦ୍ୟନଳୀ, ପାକସ୍ଥଳୀ ଏପରିକି କୀଡୀନ ଉପରେ ମଧ୍ୟ ଏହାର ପ୍ରଭାବ ପଡିଥାଏ ବୋଲି ଡକ୍ଟର ସୂଚନା ଦେଇଛନ୍ତି।

# ଅବହେଳା ପ୍ରତିବାଦରେ ଆୟୁଷ ଡାକ୍ତରଙ୍କ ବିକ୍ଷୋଭ

**ବ୍ରହ୍ମପୁର,୧।୧୨ (ସଂଚାର ବ୍ୟୁରୋ):** ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଙ୍ଗଠନର ଡାକରାରେ ବ୍ରହ୍ମପୁର ସହରର ଦୁଇ ଆୟୁଷ ଭେଷଜ ମହାବିଦ୍ୟାଳୟ ବିଜୁ ପଟ୍ଟନାୟକ ହୋମିଓପାଥିକ ଓ ଆଙ୍କୁଶପୁର ସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ ଭେଷଜ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ତାଲା ପକାଇ ଗତ କିଛି ଦିନ ଧରି ଆନ୍ଦୋଳନ ଜାରି ରଖିଛନ୍ତି। ଆନ୍ଦୋଳନରତ ଶତାଧିକ ଛାତ୍ରଛାତ୍ରୀ ଅହୋରାତ୍ର ଆନ୍ଦୋଳନ ଆରମ୍ଭ କରିଥିବା ବେଳେ ଆଜି ବିଜୁ ପଟ୍ଟନାୟକ ହୋମିଓପାଥି କଲେଜ ଛାତ୍ରଛାତ୍ରୀ ମାନେ କଲେଜ ନିକଟରୁ ଏକ ଶୋଭାଯାତ୍ରାରେ ଆସି ବ୍ରହ୍ମପୁର ମୁଖ୍ୟ ଡାକ ବିଭାଗ ସମ୍ମୁଖରେ ପହଞ୍ଚି ପ୍ରତିବାଦ କରିବା ସହ ନିଜ ନିଜର ଧଳା ଆପ୍ରନକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଡାକଯୋଗେ ପ୍ରେରଣ କରିଛନ୍ତି । ଦାବି ଗୁଡିକ ହେଉଛି, ରାଜ୍ୟରେ ନୂତନ ଆୟୁଷ ମେଡିକାଲ ଅଧିକାରୀ ପଦବୀ ସୃଷ୍ଟି କରିବା, ଆୟୁଷ ପିଜି ଓ ପିଏଚ୍‌ଡି ପାଠ୍ୟକ୍ରମ ପାଇଁ ସିଟ୍ ବୃଦ୍ଧି କରିବା,ହାଉସ ସର୍ଜନଙ୍କ ଡାଇନାମିକ୍ ଷ୍ଟାଇପେଣ୍ଡ ବୃଦ୍ଧି କରିବା, ସମସ୍ତ ଆୟୁଷ କଲେଜରେ ପରିଚାଳନା କମିଟି ଗଠନ, ଆୟୁଷ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବଜେଟ୍, ଆୟୁଷ ମନ୍ତ୍ରଣାଳୟ ନିର୍ଦ୍ଦେଶକ୍ରମେ ଭିତ୍ତିଭୂମି ସହ ମାନବ ସମ୍ବଳ ଯୋଗାଇଦେବା, ରାଜ୍ୟ ସରକାରଙ୍କ ସମସ୍ତ ସ୍ୱାସ୍ଥ୍ୟ ଯୋଜନା ଆୟୁଷ କ୍ଷେତ୍ରରେ ଲାଗୁ କରିବା ଇତ୍ୟାଦି। ଏହି ଧାରଣା ସମସ୍ତ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଚାଲିବ ବୋଲି କହିଛନ୍ତି ଡାକ୍ତର ଛାତ୍ରଛାତ୍ରୀ।

ନିଜ ଧଳା ଆପ୍ରନକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଡାକଯୋଗେ ପ୍ରେରଣ





ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ସୌଜନ୍ୟ ମୂଳକ ସାକ୍ଷାତକାର କରୁଛନ୍ତି।

# ରାଜାଙ୍କୁ ମନକଥା କହିଲେ ରାଜା

**ଭୁବନେଶ୍ୱର,୧।୧୨(ସଂଚାର ବ୍ୟୁରୋ):** ରବିବାର ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ' କାର୍ଯ୍ୟକ୍ରମରେ ବିଜେଡିର ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ସୃଷ୍ଟି କରିଛି। ଆଜି ପର୍ଯ୍ୟନ୍ତ ବିଜେଡିର ଜଣେ ହେଲେ ବିଧାୟକ କି ସାଂସଦ 'ମନ କୀ ବାତ' କାର୍ଯ୍ୟକ୍ରମରେ ଯୋଗ ଦେଇନଥିଲେ। ପ୍ରଥମ ଥର ପାଇଁ ଆଠଗଡ଼ରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମରେ ପାଟଣାଗଡ଼ ରାଜା ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ଯୋଗଦେଇଥିଲେ ରାଜା ସ୍ୱାଇଁ।

ଦୁହେଁ ପାଖାପାଖି ବସି ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଶୁଣିବା ସହ ନିଜ ଭିତରେ ଦୀର୍ଘ ସମୟ ଧରି ଆଲୋଚନା କରୁଥିବା ଦେଖିବାକୁ ମିଳିଛି। ଆଠଗଡ଼ରେ ଚର୍ଚ୍ଚା ହେଉଛି, ରାଜା ସ୍ୱାଇଁ କୁଆଡେ ନିଜ ପୁଅର ରାଜନୈତିକ ଭବିଷ୍ୟତ ପାଇଁ ଏବେଠୁ

## ବିଜେଡି ଶୁଣିଲାନି 'ଦିଲ କୀ ବାତ'

କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି। ରାଜା ସ୍ୱାଇଁ ସବୁ ବେଳେ ବିଧାନସଭାରେ ବିଜେପିକୁ ବିରୋଧ କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ କଟୁ ସମାଲୋଚନା କରନ୍ତି। ହେଲେ ଗୃହ ବାହାରେ ପ୍ରଧାନମନ୍ତ୍ରୀଙ୍କ 'ମନ କୀ ବାତ' କାର୍ଯ୍ୟକ୍ରମରେ ଯୋଗଦେବା ଅନେକ ସଙ୍କେତ



ଦେଉଛି। ଏମିତି ବି ରାଜା ସ୍ୱାଇଁଙ୍କୁ ବିଜେଡିର ଗୋଟିଏ ଗୋଷ୍ଠୀ ସହିପାରୁନି। ସେମାନେ ରାଜା ସ୍ୱାଇଁଙ୍କୁ ନବୀନ ବିଭିନ୍ନ ଦାୟିତ୍ୱ ଦେବାକୁ ମଧ୍ୟ ଭରସିପାରୁନାହାଁନ୍ତି। ଏନେଇ ରାଜାଙ୍କୁ ଗଣମାଧ୍ୟମ ପ୍ରଶ୍ନ କରିବାରୁ ସେ କହିଥିଲେ ଯେ ମୋର ଦିଲ କୀ ବାତ ତୁମେ ଶୁଣିନ। ତେଣୁ ଆଠଗଡ଼ ଯେଉଁଠି ମୁଁ ସେଇଠି। ରାଜାଙ୍କ ଏଭଳି ବିବୃତ୍ତି ମଧ୍ୟ ଅନେକ କିଛି ବାର୍ତ୍ତା ଦେଉଛି। ଏକଦା ରାଜା ମଧ୍ୟ ବିଜେଡିର ପରିଚାଳନା ଏବଂ ନବୀନଙ୍କ ସହ ବରିଷ୍ଠ ନେତାମାନେ ଭେଟି ନ ପାରିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ତେଣୁ ତାଙ୍କର ପରବର୍ତ୍ତୀ ପଦକ୍ଷେପ କ'ଣ ହେବ, ସେନେଇ ନାନାଦି କଳ୍ପନାଜଳ୍ପନା ଚାଲିଛି।

# ମହିଳାଙ୍କୁ ସରପଞ୍ଚଙ୍କ ମରଣାନ୍ତକ ଆକ୍ରମଣ

■ ଏସ୍‌ପି ଅଫିସ ଆଗରେ ଧାରଣାରେ ବସିଲେ ଦମ୍ପତି

**ପୁରୀ, ୧।୧୨(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ବଳଙ୍ଗା ଥାନା ଅନ୍ତର୍ଗତ ଶାଇଁସ ଶାସନ ସରପଞ୍ଚଙ୍କ ବିରୋଧରେ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଦଳିତ ମହିଳା। ବଳଙ୍ଗା ପୁଲିସ ୩ ଦିନ ହେଲଣି ଅଭିଯୋଗ ପାଇ ମଧ୍ୟ ଚୁପ ବସିଛି। ଦଳିତ ମହିଳା ଓ ତାଙ୍କ ସ୍ୱାମୀ ସୋମବାରଠାରୁ ଏସପି ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ପୀଡିତା ମହିଳାଙ୍କୁ ଜଣେ ବାହୁବଳୀ ସରପଞ୍ଚ ଅତ୍ୟାଚାର କରିଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ବଳଙ୍ଗା ଥାନା ଅଞ୍ଚଳ ଉଗ୍ରେଶ୍ୱର ଦେଉଳିର ଶୈଳବାଳା ବେହେରା (୪୯) ନାମକ ମହିଳାଙ୍କର ଏକ ଗ୍ରୋସରୀ ଦୋକାନ ଗାଁ କେନାଲ ବନ୍ଧ ପାଖରେ ଅଛି। ଗତ ୨୮ ତାରିଖରେ ମହିଳାଙ୍କ ସ୍ୱାମୀ ଧୋବେଇ ବେହେରା ବନ୍ଧୁ ଘରକୁ ଯାଇଥିଲେ। ରାତ୍ରରେ ଘରକୁ ନ ଫେରିବାରୁ ପୀଡ଼ିତା ମହିଳା ଛୋଟ ନାତିକୁ ନେଇ ଦୋକାନ ଘରେ ଶୋଇଥିଲେ। ସ୍ୱାମୀ ନଥିବାର ସୁଯୋଗ ନେଇ ୨୯ ତାରିଖ ରାତ୍ର ପ୍ରାୟ ୩ଟା ସମୟରେ ଦୋକାନ କବାଟକୁ ବାଡ଼େଇବାରୁ କିଏସେ ଦୋକାନ କବାଟ ବାଡଉଛ ବୋଲି ପୀଡ଼ିତା ମହିଳା ପଚାରିଥିଲେ। ସେ ସରପଞ୍ଚ ଟୁଲା ଭାଇନା ପରିଚୟ ଦେଇଥିଲା। ତାଙ୍କ ପାଟି ଶୁଣି ପୀଡ଼ିତା ମହିଳା ଶୋଇଥିବା ଘରର କବାଟ ଖୋଲି ଦେବା ମାତ୍ରେ ଟୁଲା ଘର ଭିତରକୁ ପଶି ହାତରେ ଧରିଥିବା ଏକ ଭୁଜାଲିକୁ ପୀଡ଼ିତାଙ୍କ ବେକରେ ଲଗାଇ ଦେଇ ଅଶ୍ଳୀଳ ଭାଷାରେ ଗାଳିମନ୍ଦ କରି ଧମକ ଦେଇ କହିଲା, ତୋ ସ୍ୱାମୀକୁ କହିଦେବୁ ମୋ ବିରୁଦ୍ଧରେ ଯିବ ନାହିଁ, ନଚେତ ଗାଡି ମଡେଇ ଜୀବନରେ ମାରିଦେବି। ପୀଡ଼ିତା ମହିଳା ପ୍ରତିବାଦ କରିବାରୁ ସେ ଚୁଟିକୁ ଧରି ପକାଇଥିଲା। ତା' ସହିତ ଗାଲକୁ ଦୁଇଚାରି ଚାପୁଡ଼ା ମାରିଥିଲା। ପରେ ଇଜ୍ଜତ ନେଇଯିବି ବୋଲି କହି ଲୁଗାପଟାକୁ ଭିଡା ଓଟରା କରିଥଲା। ପୀଡ଼ିତା ମହିଳା ଡାକ ପକାଇବାରୁ ସେ ତାଙ୍କ ତଣ୍ଟିକୁ ଚିପିଦେଇ ଥିଲା। ଦଳିତ ମହିଳା ଚେତାଶୂନ୍ୟ ହୋଇଯିବାରୁ ମରିଗଲା ବୋଲି ଭାବି ଛାଡି ପଳାଇ ଯାଇଥିଲା। ଦଳିତ ମହିଳା ଥାନାରେ ଏନେଇ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକ ଆସି ପୀଡ଼ିତା ମହିଳାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନେଇଥିଲେ। ଏହି ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଦଳିତ ମହିଳା ଓ ତାଙ୍କ ସ୍ୱାମୀ।

● ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ ଜିଲ୍ଲାରେ ଚଢ଼ାଉ

# ପନିପରିବା ଦରବୃଦ୍ଧି ନିୟନ୍ତ୍ରଣ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୧।୧୨ (ସଂଚାର ବ୍ୟୁରୋ) :** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଚଢ଼ାଉ କରାଯାଇଛି। ରାଜ୍ୟରେ ପନିପରିବା ଦରବୃଦ୍ଧି ନିୟନ୍ତ୍ରଣ କରିବା ଏବଂ ଯୋଗାଣ ଶୃଙ୍ଖଳ



ବଜାୟ ରଖିବା ପାଇଁ ଯାଞ୍ଚ କଡାକଡି କରାଯାଇଛି। ରାଜ୍ୟରେ ଗତ କିଛିଦିନ ଧରି ପନିପରିବା ଦରବୃଦ୍ଧି ହେଉଥିବା ଅଭିଯୋଗକୁ ଭିତ୍ତିକରି ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ନିର୍ଦ୍ଦେଶ କ୍ରମେ, ପନିପରିବାର ଦରବୃଦ୍ଧିକୁ ରୋକିବା ପାଇଁ ବିଭାଗର ବିପଣୀ ଗୁପ୍ତବାର୍ତ୍ତା କ୍ଷେତ୍ର କର୍ମଚାରୀମାନଙ୍କ ଦ୍ୱାରା ରାଜ୍ୟର ପ୍ରମୁଖ ବଜାରରେ ଯାଞ୍ଚ କରଯାଇଥିଲା। ଆଗାମୀ ଦୁଇ ସପ୍ତାହ ମଧ୍ୟରେ ସ୍ଥାନୀୟ ଋତୁକାଳୀନ ଫସଲ ବହୁଳ ମାତ୍ରାରେ ବଜାରକୁ ଆସିବାର ସମ୍ଭାବନା ଥିବାରୁ ପନିପରିବା ଦର ହ୍ରାସ ଘଟିବା ନେଇ ବିଭାଗ ପକ୍ଷରୁ କୁହାଯାଇଛି। ଏପରିକି ଯୋଗାଣ ଶୃଙ୍ଖଳ ନିରବଚ୍ଛିନ୍ନ ଥିବା ଏବଂ ଉଚିତ ମୂଲ୍ୟରେ ଖାଉଟିମାନେ ପନିପରିବା ପାଇବା ନେଇ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି।

● କନଷ୍ଟେବଳ ଶୁଭମିତ୍ରା ହତ୍ୟା ମାମଲା

## ୬୮୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ



**ଭୁବନେଶ୍ୱର,୧।୧୨(ସଂଚାର ବ୍ୟୁରୋ):** କନେଷ୍ଟବଳ ଶୁଭମିତ୍ରା ହତ୍ୟା ଘଟଣାରେ ଦାଖଲ ହୋଇଛି ୬୮୦ ପୃଷ୍ଠା ବିଶିଷ୍ଟ ଚାର୍ଜସିଟ୍। ୩ ଅଭିଯୁକ୍ତଙ୍କ ବିରୋଧରେ ସାକ୍ଷ୍ୟ ଦେଇଛନ୍ତି ୪୨ ଜଣ ସାକ୍ଷୀ। ବହୁଚର୍ଚ୍ଚିତ ମହିଳା କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟା ମାମଲାରେ ଚାର୍ଜସିଟ୍ ଦାଖଲ କରିଛି କ୍ୟାପିଟାଲ ଥାନା ପୁଲିସ। ଦଫା ୧୦୩(୧), ୨୩୮ ଓ ୬୧(୨) ବିଏନ୍‌ଏସରେ ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ତଥା ଶୁଭମିତ୍ରାଙ୍କ ସ୍ୱାମୀ ଦୀପକ ରାଉତ, ମାଉସୀ ପୁଅ ଭାଇ ବିନୋଦ ବିହାରୀ ଭୂୟାଁ, ଜଟିଆ ଓ ଶମ୍ଭୁ ମହନ୍ତକୁ ଅଭିଯୁକ୍ତ ଦର୍ଶାଯାଇଛି। ହତ୍ୟା ପର୍ଯ୍ୟନ୍ତ ବିଭିନ୍ନ ପ୍ରମାଣକୁ ଏକାଠି କରି ତଦନ୍ତକାରୀ ଅଧିକାରୀ ତଥା ଇନ୍ସପେକ୍ଟର ବିପିନ ବିହାରୀ ହୋତା ପ୍ରାୟ ୬୮୦ ପୃଷ୍ଠାର ଚାର୍ଜସିଟ୍ ଆଜି କୋର୍ଟରେ ଏହି ଚାର୍ଜସିଟ୍ ଦାଖଲ କରିଛନ୍ତି।

● କାଳ ହେଲା ଚଳନ୍ତା ଟ୍ରେନରେ ଚଢ଼ିବା

## ଚାଲିଗଲା ଶିକ୍ଷକଙ୍କ ଜୀବନ

**ଝାରସୁଗୁଡା,୧।୧୨(ସଂଚାର ବ୍ୟୁରୋ):** ଝାରସୁଗୁଡା ରେଳ ଷ୍ଟେସନରେ ଆଜି ସକାଳୁ ଚଳନ୍ତା ଟ୍ରେନରେ ଚଢ଼ିବା ବେଳେ ଏକ ଅଘଟଣ ଘଟି ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରଗଡ଼ ଜିଲ୍ଲା ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ନୂଆପାଲିର ଏକ ବିଦ୍ୟାପୀଠରେ ଗୁରୁଜୀ ଭାବେ କାମ କରୁଥିବା ଛତିଶଗଡ଼ର ରାୟପୁରର ବି. ଶିବଶଙ୍କର ବୋଲି ଜଣାପଡ଼ିଛି। ସୂଚନା ପାଇ ଜିଆରପି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଶିବଶଙ୍କର ଆଜି ସକାଳ ସାଢେ ୭ଟା ବେଳେ ଜ୍ଞାନେଶ୍ୱରୀ ଏକ୍ସପ୍ରେସରେ ଚଢ଼ିବାକୁ ଯାଉଥିବା ବେଳେ ଟ୍ରେନଟି ଛାଡ଼ି ଦେଇଥିଲା। ଫଳରେ ତାଙ୍କର ଗୋଡ଼ ଖସି ଯାଇଥିଲା ଓ ସେ ତଳକୁ ଗଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ହେଁ ସେତେବେଳକୁ ସେ ଟ୍ରେନ ତଳକୁ ଗଳି ପଡ଼ିଥିଲେ।

● ଟଙ୍କା ଦେଣନେଣକୁ ନେଇ ଗୁଳିକାଣ୍ଡ

## ୬ ଜଣଙ୍କୁ କୋର୍ଟ ଚାଲାଣ କଲା ପୁଲିସ

**ଜୋଡା,୧।୧୨(ସଂଚାର ବ୍ୟୁରୋ):** ଜୋଡା ବଲାଣି ଥାନା ଅଞ୍ଚଳରେ ଫୁଟିଲା ଗୁଳି। ଟଙ୍କା ଦେଣ ନେଣକୁ ନେଇ ଗୁଳିକାଣ୍ଡ। ଏକ ସିୱେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣର ଟଙ୍କା ନେଣଦେଣକୁ ନେଇ କଣ୍ଟ୍ରାକ୍ଟର ଓ ସବ କଣ୍ଟ୍ରାକ୍ଟରଙ୍କ ବିବାଦ ପରେ ଗୁଳି ଫୁଟିଥିବା ଅଭିଯୋଗ ହୋଇଛି। ସିୱେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣରେ ବିଳମ୍ବ ହେବାକୁ ନେଇ ପ୍ରଥମେ ବିବାଦ ଆରମ୍ଭ ହୋଇଥିଲା ଓ ପରେ ଟଙ୍କା ନେଣଦେଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ସହ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଏତିକିବେଳେ ହଠାତ୍ ମୁଖ୍ୟ କଣ୍ଟ୍ରାକ୍ଟରଙ୍କ ସୁରକ୍ଷା କର୍ମୀ ଫାଙ୍କାରେ ଗୁଳି ଫୁଟାଇଥିଲେ। ତେବେ ସୌଭାଗ୍ୟବଶତଃ ଗୁଳି କାହାକୁ ବାଜିନଥିଲା। ଏନେଇ ବଲାଣି ଥାନାରେ ଏକ ମାମଲା ରୁଜୁ ହୋଇଛି। ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ଗୋଟେ ରାଇଫଲ, ପିସ୍ତଲ ଜବତ କରାଯାଇଛି।

## ଜିଲ୍ଲାପାଳଙ୍କ ଜନଶୁଣାଣିରେ ଆତ୍ମହତ୍ୟା ଉଦ୍ୟମ



**କଟକ, ୧।୧୨(ସଂଚାର ବ୍ୟୁରୋ):** ଆଜି ବାଙ୍କୀ ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି ଚାଲିଥିବା ସମୟରେ ଜଣେ ବିଧବା ମହିଳା ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ମହିଳା ବୈଦେଶ୍ୱର ଗାଁର ସସ୍ମିତା ମାଝୀ ବୋଲି ପରିଚୟ ମିଳିଛି। ସେ ଦୀର୍ଘ ଦିନ ଧରି ନିଜ ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାର ଭତ୍ତା ପାଇବା ଲାଗି ବାରମ୍ବାର ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସସ୍ମିତା ସେଠୀଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ। ମାତ୍ର ଲିଗାଲ ହେୟାର ସାର୍ଟିଫିକେଟରେ ତ୍ରୁଟି ଥିବା ଦର୍ଶାଇ ତାଙ୍କୁ ଫେରାଇ ଦେଉଥିଲେ। ତେଣୁ ସେ ଜିଲ୍ଲାପାଳଙ୍କ ଜନ ଶୁଣାଣି ଅଭିଯୋଗ ଚାଲିଥିବା ସମୟରେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ପୋଲିସ ତାଙ୍କଠାରୁ ପେଟ୍ରୋଲ ବୋତଲ ଛଡାଇ ନେଇଥିଲେ। ଯଦି ତାଙ୍କ ସମସ୍ୟାର ସମାଧାନ ନହୁଏ, ସେ ପୁନର୍ବାର ଆତ୍ମାହୁତି ଦେବେ ବୋଲି ସସ୍ମିତା କହିଛନ୍ତି।

■ ସଂରକ୍ଷଣ ନେଇ ସ୍ୱତନ୍ତ୍ର ଆଲୋଚନା ହେଉ

# ବିଧାନସଭାରେ ଦାବି କଲା କଂଗ୍ରେସ

**ଭୁବନେଶ୍ୱର,୧।୧୨ (ସଂଚାର ବ୍ୟୁରୋ):** ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଓବିସି, ଏସସି, ଏସଟି ବର୍ଗଙ୍କ ସଂରକ୍ଷଣ ପ୍ରସଙ୍ଗରେ ସ୍ୱତନ୍ତ୍ର ଆଲୋଚନା ପାଇଁ ବାଚସ୍ପତିଙ୍କୁ ନୋଟିସ ଦେଇଛି କଂଗ୍ରେସ। ଶୂନ୍ୟକାଳରେ ଏ ନେଇ ଗୃହକୁ ଅବଗତ କଲେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କଦାମ। ରାଜ୍ୟରେ ଏସସି, ଏସଟି ୪୦ ପ୍ରତିଶତ ଏବଂ ଓବିସି ୫୪ ପ୍ରତିଶତକୁ ମିଶାଇ ମୋଟ ୯୪ ପ୍ରତିଶତ। କିନ୍ତୁ ସେମାନଙ୍କୁ ତାଙ୍କ ଅଧିକାର ମିଳୁନାହିଁ। ଏ ପ୍ରସଙ୍ଗରେ ସର୍ବସମ୍ମତି କ୍ରମେ ଆଲୋଚନା କରାଯାଉ ବୋଲି ଦାବି କରିଛନ୍ତି ରାମଚନ୍ଦ୍ର କଦାମ। ଓବିସି ମାନଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଦିଆଯାଉନାହିଁ। ମାତ୍ର ୧୧ପ୍ରତିଶତ ସଂରକ୍ଷଣ ଦିଆଯାଉଛି, ଯାହାକି ସମୁଦ୍ରକୁ ଶଙ୍ଖେ। ଅନ୍ୟପଟେ ଏସସି ଓ ଏସଟି ୪୦ ପ୍ରତିଶତ ଥିବା ବେଳେ ସେମାନଙ୍କୁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ମାତ୍ର ୨୦ ପ୍ରତିଶତ ସଂରକ୍ଷଣ ମିଳୁଛି। ଏଥିରେ ଆଦିବାସୀଙ୍କୁ ମାତ୍ର ୧୨ ପ୍ରତିଶତ ଓ ଦଳିତଙ୍କୁ ୮ ପ୍ରତିଶତ ସଂରକ୍ଷଣ ଦିଆଯାଉଛି। ଏହି ନିୟମ ସରକାର କେଉଁ ଆଧାରରେ କରିଛନ୍ତି ବୋଲି ପ୍ରଶ୍ନ ଉଠାଇଲେ ରାମଚନ୍ଦ୍ର କଦାମ। ତେଣୁ ପଛୁଆ ବର୍ଗଙ୍କୁ ସଂରକ୍ଷଣ ଦେବା ବାବଦରେ ଗୃହରେ ଆଲୋଚନା କରାଯାଉ ବୋଲି ଦାବି କରିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା।

ବାରବାଟୀ ଟି-୨୦ ପାଇଁ ସରିଲା ଅନଲାଇନ୍ ଟିକେଟ ବିକ୍ରି

# ନିମିଷକେ ସରିଗଲା ୨୦୦୦ ଟିକେଟ୍

**ଭୁବନେଶ୍ୱର,୧।୧୨(ସଂଚାର ବ୍ୟୁରୋ) :** ବାରବାଟୀ ଟି-୨୦ ପାଇଁ ସରିଲା ଅନଲାଇନ୍ ଟିକେଟ ବିକ୍ରି। ଅପରାହ୍ଣ ୨ଟାରୁ ବୁକିଂ ଆରମ୍ଭ ହୋଇଥିଲା। ଅନଲାଇନ୍ ରେ ୨୦୦୦ ଟିକେଟ୍ ବିକ୍ରି ହୋଇଛି। ଜଣେ ବ୍ୟକ୍ତି ସର୍ବାଧିକ ୨ଟି ଟିକେଟ କିଣିପାଇଛନ୍ତି। ବାରବାଟୀ ମ୍ୟାଚ୍ ପାଇଁ ଟିକଟ ଦର ଅପରିବର୍ତ୍ତିତ ରହିଛି। କିନ୍ତୁ କମିଯାଇଛି ସିଟ୍ ସଂଖ୍ୟା।

ଗତ ଫେବୃଆରୀ ମ୍ୟାଚରେ ୪୪ ହଜାର ୫୦୦ ସିଟିଂ କାପାସିଟି ଥିଲା। ଏଥର ୪୨ ହଜାର କରାଯାଇଛି। ଏହାସହ ୫୬୦ କମ୍ପ୍ଲିମେଣ୍ଟାରୀ ଟିକେଟ ହ୍ରାସ କରାଯିବ। ଗ୍ୟାଲେରୀ ନଂ-୧, ୩ ପାଇଁ ଟିକେଟ ଦର ୧୧୦୦ ଟଙ୍କା। ଗ୍ୟାଲେରୀ ନଂ-୨, ୪ ପାଇଁ ଟିକେଟ ଦର ୯୦୦ ଟଙ୍କା। ଗ୍ୟାଲେରୀ ନଂ ୫- ୧୨୦୦ ଟଙ୍କା, ଗ୍ୟାଲେରୀ ନଂ ୭- ୭୦୦ ଟଙ୍କା। ସ୍ପେଶାଲ ଏନକ୍ଲୋଜର- ୬ ହଜାର। ଏସି ବକ୍ସ- ୮ ହଜାର ଟଙ୍କା। ନ୍ୟୁ ପାଭିଲିୟନ- ୧୦ ହଜାର, କର୍ପୋରେଟ ବକ୍ସ-୨୦ ହଜାର ଟଙ୍କା ରହିଛି। ଡିସେମ୍ବର ୫ରୁ ଅଫଲାଇନରେ ଟିକେଟ୍ ବିକ୍ରି କରାଯିବ। ଅଫଲାଇନରେ ୧୦ ହଜାର ଟିକେଟ ବିକ୍ରି ହେବ। ଡିସେମ୍ବର ୯ରେ କଟକ ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ ଖେଳାଯିବ।

● ମଣ୍ଡିରେ ପଡ଼ିଛି ୨ ଲକ୍ଷ କ୍ୟୁଣ୍ଟାଲରୁ ଅଧିକ ଧାନ

# ଝିପିଝିପି ବର୍ଷା ଯୋଗୁଁ ଚାଷୀ ଛାନିଆ

**ବରଗଡ଼,୧।୧୨(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲାରେ ନଭେମ୍ବର ୨୮ ତାରିଖରୁ ଧାନ ମଣ୍ଡି ଖୋଲିଥିଲେ ମଧ୍ୟ ଚାରି ଦିନ ବିତି ଯାଇଥିଲେ ହେଁ ଏଯାଏଁ ଧାନ ବିକ୍ରି କରିପାରିନାହାନ୍ତି ଚାଷୀ ୫୦ ପ୍ରତିଶତରୁ ଅଧିକ ଧାନ ଅମଳ ହୋଇ ମଣ୍ଡିରେ ପଡ଼ି ରହିଛି। ଚାଷୀଙ୍କ ଟୋକନ ମଧ୍ୟ ଆସି ପଡ଼ି ରହିଛି। କିନ୍ତୁ ସରକାର ବର୍ତ୍ତମାନ ସୁଦ୍ଧା ଧାନ ବରଗଡ଼ ଜିଲ୍ଲାରୁ ଉଠାଇ ପାରି ନାହାନ୍ତି। ରାଜ୍ୟ ସରକାର ଓ ମିଲର୍ସ ମଧରେ ଚାଲିଥିବା ଥିବା ବିବାଦ ଏ ଯାଏଁ ତୁଟି ପାରିନାହିଁ ଅନ୍ୟ ପଟେ ଆଜି ସକାଳୁ ହୋଇଥିବା ଅଦିନିଆ ବର୍ଷା ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରି ଦେଇଛି।



କେଉଁ ଜାଗାରେ ଖୋଲା ଆକାଶ ତଳେ ଧାନ ପଡ଼ି ରହିଥିବା ବେଳେ ଅନ୍ୟ କେଉଁଠି ରାଜା ରାସ୍ତାରେ ଶୁଖାଯାଉଥିବା ଧାନ ଭିଜିବାରେ ଲାଗିଛି। ଯାହାକୁ ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁସାରେ ଏକ ଲକ୍ଷ ୬୩ ହଜାରରୁ ଅଧିକ ଚାଷୀ ପଞ୍ଜିକରଣ କରିଛନ୍ତି। ତେବେ ୫ ହଜାରରୁ ଅଧିକ ଚାଷୀ ବରଗଡ଼ ଜିଲ୍ଲାରେ ପଞ୍ଜିକରଣରୁ ବାଦ ପଡିଛନ୍ତି। ବରଗଡ଼ ଜିଲ୍ଲାରେ ପ୍ରାୟତଃ ୨ଲକ୍ଷରୁ ଅଧିକ ଧାନ ଜିଲ୍ଲାର ବିଭିନ୍ନ ମଣ୍ଡିରେ ପଡ଼ି ରହିଛି। ଧାନ କିଣାବିକା ପ୍ରକ୍ରିୟାର ଅବ୍ୟବସ୍ଥାକୁ ନେଇ ଆଜି କଳାପାଣି ମଣ୍ଡିରେ ଜିଲ୍ଲାର ବିଭିନ୍ନ ଚାଷୀ ସଂଗଠନ ପକ୍ଷରୁ ଏକ ଜରୁରୀ କାଳୀନ ବୈଠକ ଡକାଯାଇଥିଲା। ଏହି ବୈଠକ ସମୟରେ ବରଗଡ଼ ଜିଲ୍ଲାର ଖାଦ୍ୟ ଯୋଗାଣ ଅଧିକାରୀ ଓ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବରଗଡ଼ ଅତିରିକ୍ତ ତହସିଲଦାର ଘଟଣାସ୍ଥଳକୁ ଆସି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା କରି ଖୁବଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଚାଷୀ ସଂଗଠନ ପକ୍ଷରୁ ଆଜି ଧାନ ନ ଉଠିଲେ ଯେ କୌଣସି ମୁହୂର୍ତ୍ତରେ ଚାଷୀ ରାଜ୍ୟ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ଧାନ କିଏ କିଣିବ, କେତେ ଟଙ୍କାରେ କିଣିବ, କେବେ କିଣିବ ଏହାକୁ ନେଇ ଦ୍ୱନ୍ଦ୍ୱ ଜାରି ରହିଛି। ଆଶା ଆଶଙ୍କାରେ ଚାଷୀ। କେବେ ଉଠିବ ଧାନ। ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶୃତି ପାଳନ ହେବ ତ। ନା ଆନ୍ଦୋଳନକୁ ଓହ୍ଲାଇବେ ଚାଷୀ।

■ ଭଦ୍ରକରେ ଭୁଶୁଡୁଛି ବିଜେଡି ଗଡ଼

# ଦଳ ଛାଡ଼ିଲେ ଆଉ ଜଣେ ବ୍ଲକ୍ ଅଧ୍ୟକ୍ଷ

## ୩ ଦିନରେ ୪ ବ୍ଲକ ଅଧ୍ୟକ୍ଷ ଦଳ ଛାଡ଼ିଲେଣି



**ବାସୁଦେବପୁର,୧।୧୨(ସଂଚାର ବ୍ୟୁରୋ):** ଭଦ୍ରକ ବିଜେଡିରେ ବଡ଼ ହଟଚମଟ। ସୋମବାର ପୁଣି ଜଣେ ବ୍ଲକ ଅଧ୍ୟକ୍ଷ ଛାଡ଼ିଛନ୍ତି ଦଳ। ତାଙ୍କୁ ମିଶାଇଲେ ମାତ୍ର ତିନି ଦିନରେ ୪ ଜଣ ବ୍ଲକ ଅଧ୍ୟକ୍ଷ ଦଳ ଛାଡ଼ିଛନ୍ତି। ସୂଚନା ଅନୁସାରେ, ସୋମବାର ବିଜେଡ଼ିର ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଇସ୍ତଫା ଦେଇଛନ୍ତି। ସେ ବ୍ୟକ୍ତିଗତ କାରଣ ଦର୍ଶାଇ ବିଜେଡିରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ତେବେ ସେ ନିଜ ଇସ୍ତଫା ପତ୍ର ଜିଲ୍ଲା ବିଜୁ ଜନତା ଦଳ ସଭାପତିଙ୍କୁ ପଠାଇଛନ୍ତି। ଏହା ପୂର୍ବରୁ ଗତ ଶନିବାର ବ୍ୟକ୍ତିଗତ କାରଣ ଦର୍ଶାଇ ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ଏବଂ ଭଣ୍ଡାରୀପୋଖରୀ ବ୍ଲକ୍ ଅଧ୍ୟକ୍ଷା ସୁମତି ସେଠୀ ଇସ୍ତଫା ଦେଇଥିଲେ। ସେହିଭଳି ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ମଧ୍ୟ ଇସ୍ତଫା ଦେଇଥିଲେ। ଅବଶ୍ୟ ତାଙ୍କ ନାଁରେ ବିଜେଡି ହିଁ ଅଭିଯୋଗ ଆଣିଥିଲା। ଦଳ ଅଭିଯୋଗ କରିଥିଲା ଯେ, ବନ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇଙ୍କ ନିଜ ନାମରେ ଭେଣ୍ଡର୍ କୋଡ ଜରିଆରେ ମହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ଯୋଜନାରେ ମିଳୁଥିବା ଟଙ୍କା ହଡ଼ପ କରିଛନ୍ତି। ଏମିତିକି ଅନେକ ଫଲ୍ସ ବିଲ କରି କୋଟିଏରୁ ଅଧିକ ଟଙ୍କା ହଡପ କରିଥିବାର ପ୍ରମାଣ ସ୍ୱରୂପ ଭେଣ୍ଡର କୋଡ ସର୍ବସାଧାରଣରେ ଉପସ୍ଥାପନ କରିଛି। ତେବେ ଅଭିଯୋଗ ପରେ ବିଜେଡିର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଇଛନ୍ତି ବ୍ଲକ ଅଧ୍ୟକ୍ଷ।

● ଅଭିଯୋଗ ପ୍ରକୋଷ୍ଠକୁ ଆସି ନିରାଶ ହେଲେ

# ଜୀବନ ହାରିବାକୁ ମହିଳାଙ୍କ ଉଦ୍ୟମ



**ଗଜପତି,୧।୧୨(ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଅଭିଯୋଗ ନେଇ ଆସିଥିଲେ କିନ୍ତୁ ନିରାଶ ହେଲେ। ଶେଷରେ ଜୀବନ ଶେଷ କରିଦେବାକୁ ଉଦ୍ୟମ କରିଥିଲେ। ପୋଲିସ ବଞ୍ଚାଇଦେଲେ ମହିଳାଙ୍କ ଜୀବନ। ଗଜପତି ଜିଲ୍ଲା ଗୁରାଣ୍ଡି ଥାନା ମହାଦେଇପୁରର ମନାସୀ ଜେନା ନାମକ ଜଣେ ମହିଳା ଟଙ୍କା ନେଣଦେଣ ସଂପର୍କରେ ବାରମ୍ବାର ଅଭିଯୋଗ କରିଥିଲେ। ହେଲେ ଥାନା ଅଧିକାରୀ କୌଣସି ସମାଧାନ କରିନଥିଲେ। ପ୍ରତି ବଦଳରେ ସଂପୃକ୍ତ ମହିଳାଙ୍କୁ ଯୌନ ଇଚ୍ଛାକୁ ଚରିତାର୍ଥ କରିବା ପାଇଁ ବିଭିନ୍ନ ସ୍ଥାନକୁ ଡାକୁଥିବା ଅଭିଯୋଗ କରିଛନ୍ତି ମହିଳା। ଏଥିରେ ରାଜି ନହେବାରୁ ସେ ଦେଇଥିବା ଅଭିଯୋଗ ଭିତ୍ତିରେ ମାମଲା ରୁଜୁ ନକରି ହଇରାଣ କରାଯାଉଛି। ଏନେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଫେରାଦ ହେବା ସହ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଥାନା ଅଧିକାରୀଙ୍କ ଏଭଳି କାର୍ଯ୍ୟ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରିଥିଲେ। ହେଲେ କୌଣସି ସୁଫଳ ମିଳିନାହିଁ। ଆଜି ସେହି ସମାନ ଅଭିଯୋଗ ନେଇ ମହିଳା ଜଣକ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଆସିଥିଲେ। ସେଠାରେ ମଧ୍ୟ ସେ କୌଣସି ସୁଫଳ ନପାଇ ନିରାଶ ହେବା ପରେ ସେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଝରକା ରେଲିଂରେ ନିଜେ ପିନ୍ଧିଥିବା ଶାଢ଼ୀରେ ଜୀବନ ଶେଷ କରିବା ପାଇଁ ଉଦ୍ୟମ କରିଥିଲେ। ହେଲେ ଉପସ୍ଥିତ ପୋଲିସ କର୍ମଚାରୀମାନେ ଅଟକାଇ ଦେଇଥିଲେ। ଫଳରେ ମହିଳା ବଞ୍ଚି ଯାଇଥିଲେ ମଧ୍ୟ ତୁରନ୍ତ ଗୁରାଣ୍ଡି ଥାନା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ତେବେ ମହିଳାଙ୍କ ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ ତଦନ୍ତ ହେଲେ ସବୁ ସ୍ପଷ୍ଟ ହେବ ବୋଲି ଗୁରାଣ୍ଡି ଥାନା ଅଧିକାରୀ କହିଛନ୍ତି।

ଉପସ୍ଥିତ ପୋଲିସ କର୍ମଚାରୀଙ୍କ ବୁଦ୍ଧି ଯୋଗୁଁ ଜଣେ ମହିଳାଙ୍କ ଜୀବନ ବଞ୍ଚିଯାଇଛି। ତେବେ ଥାନା ଅଧିକାରୀ ଦାୟିତ୍ୱରେ ଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଏଭଳି ଆଚରଣକୁ ନେଇ ସାଧାରଣରେ ନିନ୍ଦା କରାଯିବା ସହ ନିରପେକ୍ଷ ତଦନ୍ତ ପାଇଁ ଦାବି କରିଛନ୍ତି। ମହିଳାଙ୍କ ଅଭିଯୋଗ ଆଧାରରେ ତଦନ୍ତ କରିବା ପାଇଁ ଏସଡିପିଓଙ୍କୁ ଦାୟିତ୍ୱ ଦିଆଯାଇଛି। ତଦନ୍ତରେ ଯିଏ ଦୋଷୀ ବୋଲି ଜଣାପଡ଼ିବ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସପି କହିଛନ୍ତି। ନ୍ୟାୟ ପାଇଁ ଲୋକେ ଥାନାର ଦ୍ୱାରସ୍ଥ ହୁଅନ୍ତି। ଯଦି ସେହି ଥାନା ମୁଖିଆଙ୍କ ଏଭଳି ଆଚରଣ ରୁହେ ତାହେଲେ ସାଧାରଣ ଜନତା କେମିତି ନ୍ୟାୟ ପାଇବେ ତାହା ପ୍ରଶ୍ନ କରିଛନ୍ତି ସାଧାରଣ ଲୋକେ।

# ଯାଜପୁରରେ ଚଳିତ ବର୍ଷ ୮୦ ଏଡ୍‌ସ ରୋଗୀ ଚିହ୍ନଟ

**ଯାଜପୁର,୧।୧୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ଚଳିତ ବର୍ଷ ନୂଆ ୮୦ ଜଣ ଏଡସ ରୋଗୀ ଚିହ୍ନଟ ହେବା ଜିଲ୍ଲା ପାଇଁ ଏକ ସତର୍କ ଘଣ୍ଟି ସଦୃଶ ହୋଇଥିବା ବେଳେ ବିଶ୍ୱ ଏଡ୍‌ସ ଦିବସରେ ଏଡ୍‌ସ ନିୟନ୍ତ୍ରଣ ପାଇଁ ସମସ୍ତେ ଆନ୍ତରିକତାର ସହ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଛି। ୨୦୦୩ ମସିହାରୁ ଏଡ୍‌ସ ରୋଗ ପରୀକ୍ଷଣ ଆରମ୍ଭ ହୋଇଥିଲା। ୨୧ ବର୍ଷ ମଧ୍ୟରେ ଜିଲ୍ଲାରେ ଲକ୍ଷାଧିକ ଲୋକଙ୍କୁ କାଉନସେଲିଂ କରାଯାଇଛି। ମୋଟ ୫ ଲକ୍ଷ ୨୨ ହଜାର ୮୨୪ ଜଣଙ୍କୁ କାଉନସେଲିଂ କରାଯାଇଥିବା ବେଳେ ୫ ଲକ୍ଷ ୬୦୨ ଜଣଙ୍କ ରୋଗ ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରୁ ୫୨୬ ପୁରୁଷ ଓ ୩୫୩ ମହିଳା ଏଡ୍‌ସ ରୋଗୀ ଚିହ୍ନଟ ହୋଇଛନ୍ତି। ଗତ ୨୧ ବର୍ଷ ମଧ୍ୟରେ ୮୦ ଜଣ ପୁରୁଷ ଓ ୩୭ ଜଣ ମହିଳାଙ୍କ ମୃତ୍ୟୁ ହୋଇଛି। ଏହି ଦୃଷ୍ଟିରୁ ଯାଜପୁର ଜିଲ୍ଲା ଏଡ୍‌ସ ରୋଗୀ ତାଲିକାରେ 'ସି' ସ୍ଥାନରେ ଥିବାରୁ ଏଠାରେ ଅନ୍ୟ ଜିଲ୍ଲା ପରି ଏଡ୍‌ସ ନିୟନ୍ତ୍ରଣ ଓ ଆୟତ ୟୁନିଟ ଗଠନର ଆବଶ୍ୟକତା ରହିଛି ବୋଲି ଜଗନ୍ନାଥ ରୁରାଲ ଡେଭଲପମେଟ ଅର୍ଗାନାଇଜେସନ ସମେତ ବିଭିନ୍ନ ମହଲରୁ ଦାବି ହୋଇଛି। ବିଶ୍ୱ ଏଡସ ଦିବସ ୨୦୨୫ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପାଳିତ ହୋଇଯାଇଛି। ଏକ ବିଶାଳ ସଚେତନତା ରାଲି ସଚେତନତାର ବାର୍ତ୍ତା ଦେଇ ସହର ପରିକ୍ରମା କରିଥିଲା। ଉକ୍ତ ରାଲିକୁ ଯାଜପୁର ମେଡିକାଲ କଲେଜର ଅଧିକ୍ଷକ ଡାକ୍ତର ମନୋଜ ସେନାପତି ଏବଂ ଜିଲ୍ଲା ଏଡସ ନିୟନ୍ତ୍ରଣ ଅଧିକାରୀ ଡାକ୍ତର ଗୋପାଳ ଚନ୍ଦ୍ର ମଲିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

# ରାଜ୍ୟରେ ଏଚ୍‌ଆଇଭି ସଂକ୍ରମିତଙ୍କ ସଂଖ୍ୟା ୬୬ ହଜାରରୁ ଅଧିକ

**ଭୁବନେଶ୍ୱର, ୧।୧୨(ସଂଚାର ବ୍ୟୁରୋ):** ଡିସେମ୍ବର ୧କୁ ବିଶ୍ୱ ଏଡସ୍ ଦିବସ ଭାବେ ପାଳନ କରାଯାଇଛି। ଏନେଇ ଚାଲିଛି ବ୍ୟାପକ ସତଚତନତା, ହେଲେ କମୁବାର ନାଁ ଧରୁନି ସଂକ୍ରମଣ। ରାଜ୍ୟରେ ଏଡସ୍ ଆକ୍ରାନ୍ତଙ୍କ ସଂଖ୍ୟାରେ ସର୍ବାଗ୍ରେ ଗଞ୍ଜାମ ଜିଲ୍ଲା। ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକ ଏଡସ୍ ଭଳି ମାରାତ୍ମକ ରୋଗ ଦ୍ୱାରା କବଳିତ। ତେବେ ଯୁବପିଢ଼ି ଓ କିନ୍ନରଙ୍କ ମଧ୍ୟରେ ଏହି ରୋଗର ସ୍ଥିତି ଉଦବେଗଜନକ ନେଇ ବିଭିନ୍ନ ସର୍ଭେରୁ ଜଣାପଡ଼ିଛି।

ବଢୁଛି ସଚେତନତା, କମୁନି ସଂକ୍ରମଣ



ଗଞ୍ଜାମ ଜିଲ୍ଲାରେ ଦୀର୍ଘ ବର୍ଷ ଧରି ଚାଲିଛି ଏଡସ୍ ନିୟନ୍ତ୍ରଣ କାର୍ଯ୍ୟକ୍ରମ। ରାଜକୋଷରୁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। ତଥାପି ସଂକ୍ରମିତଙ୍କ ସଂଖ୍ୟା ବଢୁଛି। ଗଞ୍ଜାମ ଜିଲ୍ଲାର ୧୫ ରୁ ୨୨ ବର୍ଷର କଲେଜ ଛାତ୍ର ଓ କିନ୍ନର ମଧ୍ୟ ଆକ୍ରାନ୍ତ। ନିଶା କାରବାର, ଅସୁରକ୍ଷିତ ଓ ଅପ୍ରାକୃତିକ ଯୌନ ସମ୍ପର୍କକୁ ଏଥିପାଇଁ ଦାୟୀ କରାଯାଉଛି। ୨୦୦୦ରୁ ୨୦୨୫ ଅକ୍ଟୋବର ଶେଷ ସୁଦ୍ଧା ରାଜ୍ୟରେ ଏଚ୍‌ଆଇଭି ସଂକ୍ରମିତଙ୍କ ସଂଖ୍ୟା ୬୬,୧୨୧। ସେଥିମଧ୍ୟରୁ ଏଆରଟି ସେଣ୍ଟରରେ ପଞ୍ଜୀକୃତଙ୍କ ସଂଖ୍ୟା ୫୪ ହଜାର ୩୬୦। ମୃତ ରୋଗୀଙ୍କ ସଂଖ୍ୟା ୧୩ ହଜାର ୪୫୭। ଗତ ୫ ବର୍ଷରେ ଗଞ୍ଜାମରେ ପଞ୍ଜୀକୃତ ୧୯ ହଜାର ୪୦ ସଂକ୍ରମିତ, ୧୮୮୦ ମୃତ। ପୁରୁଷ ୧୦ହଜାର ୯୮୮, ମହିଳା ୫ ହଜାର ୮୧୯, ୧୦୭୭ ଗର୍ଭବତୀ, ୧୬୪ କିନ୍ନର ଓ ୯୯୨ଜଣ ଶିଶୁ। ଜିଲ୍ଲାରେ ସଂକ୍ରମଣ ନିୟନ୍ତ୍ରଣ ପାଇଁ ରାଜ୍ୟ କିମ୍ବା ଜାତୀୟ ଏଡସ୍ ନିୟନ୍ତ୍ରଣ ସମିତି ପକ୍ଷରୁ ସେଭଳି କିଛି କରାଯାଉ ନଥିବା ଅଭିଯୋଗ ହୋଇଛି। ନିରାକରଣ ଓ ସଚେତନତା କ୍ଷେତ୍ରରେ ଅଣଦେଖା କରାଯାଉଥିବାରୁ ଏଭଳି ସ୍ଥିତି ଉପୁଜୁଥିବା ଅଭିଯୋଗକୁ ସ୍ୱୀକାର କରିଛନ୍ତି ଜିଲ୍ଲା ଏଡ୍ସ ନିରାକରଣ ଓ ପ୍ରତିରୋଧ ୟୁନିଟ ମୁଖ୍ୟ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର




# ମାସ ଆରମ୍ଭରୁ କମିଲା ଏଲ୍‌ପିଜି ସିଲିଣ୍ଡରର ଦାମ୍



ନୂଆଦିଲ୍ଲୀ,୧।୧୨: ଡିସେମ୍ବର ୧ରେ ଭାରତରେ ଅନେକ ପରିବର୍ତ୍ତନ ଆସିଥିଲା। ଏହି ପରିବର୍ତ୍ତନଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଏଲପିଜି ସିଲିଣ୍ଡରର ମୂଲ୍ୟ। ଘରୋଇ ସିଲିଣ୍ଡରର ମୂଲ୍ୟରେ କୌଣସି ହ୍ରାସ ହୋଇନଥିବା ରିପୋର୍ଟ କରାଯାଇଛି। ତଥାପି, ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ୧୦ଟଙ୍କା ହ୍ରାସ କରାଯାଇଛି, ଯାହା ଜନସାଧାରଣଙ୍କୁ ଆଶ୍ୱସ୍ତି ଦେବ ବୋଲି ଆଶା କରାଯାଉଛି।

ଏହି ହ୍ରାସ ସହିତ, ଦିଲ୍ଲୀରେ ୧୯ କିଲୋଗ୍ରାମ ସିଲିଣ୍ଡରର ମୂଲ୍ୟ ଏବେ ୧୫୯୦.୫୦ରୁ ହ୍ରାସ ପାଇ ୧୫୮୦ ହୋଇଛି। କୋଲକାତାରେ, ଏକ ବାଣିଜ୍ୟିକ ସିଲିଣ୍ଡର ଏବେ ୧୬୯୪ ରୁ ହ୍ରାସ ପାଇ ୧୬୮୪ ରେ ଉପଲବ୍ଧ ହେବ। ମୁମ୍ବାଇରେ, ଏକ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ୧୫୪୨ରୁ ହ୍ରାସ ପାଇ ୧୫୩୧.୫୦ ହୋଇଛି। ଚେନ୍ନାଇରେ, ଏକ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ୧୭୫୦ରୁ ହ୍ରାସ ପାଇ ୧୭୩୯.୫୦ ହୋଇଛି। ଡିସେମ୍ବର ୧ ତାରିଖରେ ଘରୋଇ ସିଲିଣ୍ଡରର ମୂଲ୍ୟ ଅପରିବର୍ତ୍ତିତ ରହିଥିଲା। ଫଳସ୍ୱରୂପ, ଦିଲ୍ଲୀରେ ୧୪.୨ କିଲୋଗ୍ରାମ ସିଲିଣ୍ଡରର ମୂଲ୍ୟ ୮୫୩ ରେ ରହିଛି। ମୁମ୍ବାଇରେ ଘରୋଇ ସିଲିଣ୍ଡରର ମୂଲ୍ୟ ୮୫୨.୫୦ ଟଙ୍କା, ଲକ୍ଷ୍ନୌରେ ୮୯୦.୫୦ ଟଙ୍କା, କାରଗିଲରେ ୯୮୫.୫୦ ଟଙ୍କା, ପୁଲୱାମାରେ ୯୬୯ ଟଙ୍କା ଏବଂ ବାଗେଶ୍ୱରରେ ୮୯୦.୫୦ ଟଙ୍କା ରହିଛି।

ଏହା ଉଲ୍ଲେଖନୀୟ ଯେ ଗତ ମାସରେ ମଧ୍ୟ ୧୪.୨ କିଲୋଗ୍ରାମ ଘରୋଇ ସିଲିଣ୍ଡରର ମୂଲ୍ୟ ୮୫୩ ଟଙ୍କାରେ ଅପରିବର୍ତ୍ତିତ ରହିଥିଲା। ଏପ୍ରିଲରେ ଘରୋଇ ଏଲପିଜିର ମୂଲ୍ୟ ପ୍ରତି ସିଲିଣ୍ଡର ପାଇଁ ୫୦ ଟଙ୍କା ବୃଦ୍ଧି କରାଯାଇଥିଲା। ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଅଏଲ କର୍ପୋରେସନ (ଆଇଓସି), ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ବିପିସିଏଲ) ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ଏଚପିସିଏଲ) ପ୍ରତ୍ୟେକ ମାସର ପ୍ରଥମ ଦିନରେ ବେଞ୍ଚମାର୍କ ଆନ୍ତର୍ଜାତୀୟ ଇନ୍ଧନର ହାରାହାରି ମୂଲ୍ୟ ଏବଂ ବିଦେଶୀ ମୁଦ୍ରା ବିନିମୟ ହାର ଆଧାରରେ ଏଟିଏଫ ଏବଂ ଏଲପିଜି ମୂଲ୍ୟ ସଂଶୋଧନ କରନ୍ତି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୯,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୯,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୯,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୯,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୯,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୯,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୯,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୯,୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୦,୬୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୯,୮୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୯,୮୨୦ ଓ ୧,୧୯,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୭୬,୦୦୦ ଟଙ୍କା ହୋଇଛି।

# ତମାଖୁ ଉପରେ ଲାଗିବ ଚଢ଼ା ସେସ୍

### ଉଚ୍ଚ ଟିକସ ବର୍ଗରେ ରହିବ ପାନ ମସଲା, ସିଗାରେଟ୍



ନୂଆଦିଲ୍ଲୀ, ୧।୧୨: ସିଗାରେଟ୍, ପାନ ସମଲା ଓ ଗୁଟ୍‌ଖା ଭଳି ତମାଖୁ ଉପରେ ଚଢ଼ା ସେସ୍ ଲଗାଇବା ଲାଗି କେନ୍ଦ୍ର ସରକାର ପ୍ରସ୍ତୁତ ହୋଇଛନ୍ତି। ଏହି ହାନିକାରକ ସାମଗ୍ରୀଗୁଡ଼ିକର ବ୍ୟବହାର ନିରୁତ୍ସାହିତ କରିବାକୁ ସରକାର ଟିକସକୁ ଉଚ୍ଚା ରଖିବାକୁ ଚାହୁଛନ୍ତି। ସମ୍ପ୍ରତି ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବ୍ୟବସ୍ଥାରେ ଏହି ସାମଗ୍ରୀଗୁଡ଼ିକ ଉପରେ ଉଚ୍ଚା ଟିକସ ଲଗାଯାଇଛି। ରାଜ୍ୟଗୁଡ଼ିକୁ ଦିଆଯାଉଥିବା କ୍ଷତିପୂରଣ ରାଶି ଯୋଗାଡ଼ କରିବାକୁ ସେହି ସେସ୍ ଲଗାଯାଇଥିଲା। ଖୁବ୍‌ଶୀଘ୍ର ଜିଏସ୍‌ଟି କ୍ଷତିପୂରଣ ସମୟସୀମା ଶେଷ ହେବାକୁ ଯାଉଛି। ତେଣୁ ତମାଖୁ ଉପରେ ଚଢ଼ା ଟିକସ ବଜାୟ ରଖିବା ଲାଗି ସରକାର ଏକ ନୂଆ ବିଲ୍ ଉପସ୍ଥାପନ କରିବାକୁ ଯାଉଛନ୍ତି। ଆସନ୍ତାକାଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ସ୍ୱାସ୍ଥ୍ୟ ସୁରକ୍ଷା ଜାତୀୟ ସୁରକ୍ଷା ସେସ୍ ବିଲ୍ ୨୦୨୫ ଉପସ୍ଥାପନ କରିବେ। ଯେଉଁ ସବୁ ସାମଗ୍ରୀଗୁଡ଼ିକ ଉପରେ କ୍ଷତିପୂରଣ ସେସ୍ ଲଗାଯାଇଛି ତାହାର ଟିକସକୁ ଉଚ୍ଚା ରଖିବା ଲାଗି କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କରେ ମଧ୍ୟ ସଂଶୋଧନ ସମ୍ପର୍କିତ ବିଲ୍ ଉପସ୍ଥାପନ କରିବା ଯୋଜନା ରହିଛି। କୋଭିଡ୍ ମହାମାରୀ ସମୟରେ ରାଜ୍ୟଗୁଡ଼ିକୁ ଜିଏସ୍‌ଟି କ୍ଷତିପୂରଣ ଦେବା ଲାଗି ବିପୁଳ ଋଣ କରାଯାଇଥିଲା। ସେହି ଋଣ ପରିଶୋଧ କରିବା ଲାଗି କ୍ଷତିପୂରଣ ସେସ୍‌ର ସମୟ ସୀମାକୁ ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଆଉ କିଛି ମାସ ପରେ ସେହି ଅବଧି ଶେଷ ହେବାକୁ ଯାଉଥିବାରୁ ସରକାର ଆଗୁଆ ପ୍ରସ୍ତୁତି ସ୍ୱରୂପ ନୂଆ ବିଲ୍ ଜରିଆରେ ତମାଖୁ ଉପରେ ଚଢ଼ା ଟିକସ ବଜାୟ ରଖିବା ନିଶ୍ଚିତ କରିବାକୁ ଚାହୁଛନ୍ତି। ନିକଟରେ ଜିଏସ୍‌ଟିରେ କରାଯାଇଥିବା ସଂସ୍କାର ସମୟରେ ତମାଖୁ ଉପରେ ଲଗାଯାଇଥିବା ଟିକସରେ କୌଣସି ପରିବର୍ତ୍ତନ କରାଯାଇନଥିଲା। ତମାଖୁ ସମେତ ହାନିକାରକ ଓ ବିଳାସପୂର୍ଣ୍ଣ ଉତ୍ପାଦଗୁଡ଼ିକ ଉପରେ ୪୦ ପ୍ରତିଶତର ଟିକସ ଲଗାଯାଇଛି।

# ସିମ୍ ସହ ଲିଙ୍କ୍ ହେବ ହ୍ୱାଟସ୍‌ଆପ୍

ନୂଆଦିଲ୍ଲୀ, ୧।୧୨: ସାଇବର ଠକେଇର ମୁକାବିଲା କରିବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ମେସେଜିଂ ଆପ୍‌ଗୁଡ଼ିକୁ ସିମ୍ ବାଇଣ୍ଡିଂ କରିବାକୁ କହିଛନ୍ତି। ଏହାର ଅର୍ଥ ହେଉଛି ଯେଉଁ ଡିଭାଇସ୍‌ରେ ସିମ୍ ଥିବ କେବଳ ସେଥିରେ ଏହି ଆପ୍‌ଗୁଡ଼ିକ କାମ କରିବ। ଏଥି ସହିତ ୱେବ୍ ଆଧାରିତ ସେବାକୁ ପ୍ରତି ୬ ଘଣ୍ଟାରେ ଆପେ ଲଗ୍‌ଆଉଟ୍ କରିବା ପାଇଁ ବ୍ୟବସ୍ଥା କରିବାକୁ କମ୍ପାନିଗୁଡ଼ିକୁ କୁହାଯାଇଛି। ଟେଲିକମ୍ ବିଭାଗ ଜାରି କରିଥିବା ଏହି ନିର୍ଦ୍ଦେଶ ହ୍ୱାଟସ୍‌ଆପ୍, ଟେଲିଗ୍ରାମ, ସିଗ୍‌ନାଲ୍, ଅରଟଇ, ସ୍ନାପ୍‌ଚାଟ୍, ସେୟାରଚାଟ୍ ଆଦିକୁ ପ୍ରଭାବିତ କରିବ। ପଞ୍ଜୀକରଣ ସମୟରେ ଯେଉଁ ସିମ୍ ବ୍ୟବହାର କରାଯାଇଥିଲା ତାହା ଲଗାତାର ଭାବେ ସିମ୍ ସହ ଲିଙ୍କ୍ ହୋଇରହିବାକୁ କମ୍ପାନିଗୁଡ଼ିକ ନିଶ୍ଚିତ କରିବେ। ଡିଜାଇସ୍‌ରେ ସିମ୍ ନଥିଲେ ସେବା ଆପେ ବନ୍ଦ ହୋଇଯିବ। କେତେକ ମେସେଜିଂ ସଂସ୍ଥା ଗ୍ରାହକଙ୍କ ମୋବାଇଲ୍ ନମ୍ବରକୁ ପରିଚୟ ଭାବେ ବ୍ୟବହାର କରୁଛନ୍ତି। ସିମ୍ ଉପଲବ୍ଧ ନଥିବା ଡିଭାଇସ୍‌ରେ ମଧ୍ୟ ସେମାନଙ୍କ ସେବା ଉପଲବ୍ଧ ହେଉଥିବା ଜଣାପଡ଼ିବା ପରେ ସରକାର ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ସରକାରଙ୍କ ଏହି ନିର୍ଦ୍ଦେଶ ଏକାଧିକ ଡିଭାଇସ୍ ବ୍ୟବହାର କରୁଥିବା ଓ ନିୟମିତ ବିଦେଶ ଭ୍ରମଣ କରୁଥିବା ଲୋକମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିବା ଆଶଙ୍କା ଦେଖାଦେଇଛି। ସିମ୍ ବାଇଣ୍ଡିଂ ହେଲେ ନିଜର ଏକାଧିକ ଫୋନ୍ ଓ ଟାବେଲଟ୍‌ରେ ଗୋଟିଏ ନମ୍ବରର ଆକାଉଣ୍ଟ୍ ବ୍ୟବହାର କରୁଥିବା ଲୋକମାନେ ଆଉ ସେହି ସୁବିଧା ପାଇବେ ନାହିଁ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପରିବର୍ତ୍ତନ ହୋଇନାହିଁ। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୪ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।



# ଏଚ୍-୧ବି ଭିସା ବନ୍ଦକରିବା ଉଚିତ ନୁହେଁ

ନୂଆଦିଲ୍ଲୀ, ୧।୧୨: ଏଚ-୧ବି ଭିସା ବିବାଦ ଲାଗି ରହିଥିବା ବେଳେ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ତଥା ଆମେରିକାର ସଫଳ ଉଦ୍ୟୋଗୀ ଟେସ୍ଲା ସିଇଓ ଏଲନ ମସ୍କ ଭାରତୀୟ ପ୍ରତିଭାର ପ୍ରଶଂସା କରିଛନ୍ତି। ଭାରତୀୟ ପ୍ରତିଭାକୁ ନିଯୁକ୍ତି ଦେଇ ଆମେରିକା ବର୍ଷ ବର୍ଷ ଧରି ଲାଭବାନ ହୋଇଛି ବୋଲି ମସ୍କ କହିଛନ୍ତି। ଭାରତୀୟ ଯୁବ ଉଦ୍ୟୋଗୀ ଜିରୋଧା ସହସଂସ୍ଥାପକ ନିଖିଲ କାମାଥଙ୍କ ପିପୁଲ ବାଏ ଡବ୍ଲ୍ୟୁଟିଏଫ୍ ପଡକାଷ୍ଟରେ ସାକ୍ଷାତ୍କାର ଦେଇ ଏପରି କହିଛନ୍ତି ମସ୍କ। କାମାଥଙ୍କ ପଡକାଷ୍ଟରେ ମସ୍କ ସାକ୍ଷତକାର ଦେବା ନେଇ ଦୀର୍ଘଦିନ ହେଲା ଚର୍ଚ୍ଚା ହୋଇ ଆସୁଥିଲା।ଏବେ ତାଙ୍କ ସହ ଲମ୍ବା ଆଲୋଚନା କରିଛନ୍ତି ମସ୍କ। ପୂର୍ବରୁ ଏଚ-୧ବି ଭିସାର ଦୁରୁପଯୋଗ ଓ ପୂର୍ବ ସରକାରରେ ଅତ୍ୟଧିକ କୋହଳ ମନୋଭାବ ଯୋଗୁ ଦେଶରେ ଆଣ୍ଟି-ଇମିଗ୍ରେସନ(ପ୍ରବାସୀ ବିରୋଧୀ ମନୋଭାବ) ଭାବ ପ୍ରକାଶ ପାଉଛି ବୋଲି ମସ୍କ କହିଛନ୍ତି। ଏହି ଆଲୋଚନା ସମୟରେ କାମାଥ ଆମେରିକାରେ ଥିବା ଭାରତୀୟ ପ୍ରତିଭା ଯଥା- ମାଇକ୍ରୋସଫ୍ଟର ସିଇଓ ସତ୍ୟ ନାଡେଲା ଏବଂ ଗୁଗୁଲ୍ ଅପରେସନର ନେତୃତ୍ୱ ନେଉଥିବା ସୁନ୍ଦର ପିଚାଇଙ୍କ ଭଳି ଦକ୍ଷ ଏବଂ ଯୋଗ୍ୟ ଭାରତୀୟମାନଙ୍କ କଥା କହିଥିଲେ। ଏମାନେ ବର୍ଷ ବର୍ଷ ଧରି ଯେଉଁମାନେ ବର୍ଷ ବର୍ଷ ଧରି ଆମେରିକାର ଆର୍ଥିକ ପ୍ରଗତିରେ ଅବଦାନ ରଖିଛନ୍ତି ବୋଲି କାମାଥ କହିଥିଲେ।



### ଆମେରିକା ଭାରତୀୟ ପ୍ରତିଭାଙ୍କଠାରୁ ବହୁତ ଲାଭବାନ ହୋଇଛି: ମସ୍କ

ଏହାପରେ ମସ୍କ କହିଥିଲେ ଯେ "ମୁଁ ଭାବୁଛି ଆମେରିକା ଆସିଥିବା ପ୍ରତିଭାଶାଳୀ ଭାରତୀୟମାନଙ୍କ ଦ୍ୱାରା ଆମେରିକା ଅତ୍ୟନ୍ତ ଲାଭବାନ ହୋଇଛି।"

ଆମେରିକାର ଇମିଗ୍ରେସନ ଆଣ୍ଡ କଷ୍ଟମ୍ସ ଏନଫୋର୍ସମେଣ୍ଟ ଛାତ୍ର ଏବଂ ବିନିମୟ ପରିଦର୍ଶକ କାର୍ଯ୍ୟକ୍ରମର ବାର୍ଷିକ ରିପୋର୍ଟ ଅନୁଯାୟୀ୨୦୨୪ମସିହାରେ ଆମେରିକାରେ ଥିବା ସମସ୍ତ ବିଦେଶୀ ଛାତ୍ରଙ୍କ ମଧ୍ୟରୁ ଭାରତୀୟ ଛାତ୍ରଙ୍କ ସଂଖ୍ୟା୨୭%ଥିଲା,ଯାହା ପୂର୍ବ ବର୍ଷ ତୁଳନାରେ୧୧.୮%ବୃଦ୍ଧି ପାଇଛି। ଏକଥାକୁ ଉଲ୍ଲେଖ କରି କାମାଥ କହିଥିଲେ ବର୍ତ୍ତମାନ ସ୍ଥିତିରେ ସାମାନ୍ୟ ସୁଧାର ଆସୁଛିବୋଲି କାମାଥକହିଥିଲେ। ତେବେ ଆମେରିକାର ଦକ୍ଷ ଶ୍ରମିକଙ୍କ ଅଭାବ ହୃଦବୋଧ କରି ଡୋନାଲ୍ଡ ଟ୍ରମ୍ପ ଏଚ-୧ବିଭିସା କାର୍ଯ୍ୟକ୍ରମକୁ ସମର୍ଥନ କରିଥିଲେ। ତେବେ ଏହାର କିଛି ଦିନ ପରେ,ରିପବ୍ଲିକାନ କଂଗ୍ରେସଓମ୍ୟାନ୍ ମାର୍ଜୋରି ଟେଲର ଗ୍ରୀନ୍ କିନ୍ତୁ ଏହାକୁ ଧୀରେ ଧୀରେ ଶେଷ କରିବାକୁ ଏକ ବିଲ୍ ଆଣିବାକୁ ଘୋଷଣା କରିଥିଲେ।ସେ ଦାବି କରିଥିଲେ ଯେ ଏହି ଭିସା ନିୟମ ଆମେରିକୀୟ କର୍ମଚାରୀଙ୍କ ସ୍ଥାନରେ ବିଦେଶୀଙ୍କୁ ନିଯୁକ୍ତି ଦେବ। ଏନେଇ ମସ୍କ କହିଥିଲେ "ବାଇଡେନ୍ ପ୍ରଶାସନ ଅଧୀନରେ, ଏହା ମୂଳତଃ ସମ୍ପୂର୍ଣ୍ଣ ମାଗଣା ଥିଲା, କୌଣସି ସୀମା ନିୟନ୍ତ୍ରଣ ନଥିଲା। ଯଦି ଆପଣଙ୍କ ପାଖରେ ସୀମା ନିୟନ୍ତ୍ରଣ ନାହିଁ, ତେବେ ଆପଣ ଏକ ଦେଶ ହୋଇପାରିବେ ନାହିଁ। ତେଣୁ, ବାଇଡେନ୍ ସମୟରେ ବିପୁଳ ପରିମାଣର ଅବୈଧ ପ୍ରବାସୀ ହୋଇଥିଲା। ଏହା ପ୍ରକୃତରେ କିଛିଟା ନକାରାତ୍ମକ ପ୍ରଭାବ ପକାଇଥିଲା।"

# ବଜାରକୁ ଆସିଲାଣି ମଣିଷକୁ ସଫା କରିବା ମେସିନ୍

ନୂଆଦିଲ୍ଲୀ, ୧।୧୨: ପ୍ରଯୁକ୍ତିବିଦ୍ୟା ଜଗତରେ ପ୍ରତିଦିନ ନୂଆନୂଆ ଜିନିଷ ଦେଖିବାକୁ ମିଳିଥାଏ। ଏହି କ୍ରମରେ ଦେଖିବାକୁ ଗଲେ ଜାପାନରେ ଉଦ୍ଭାବନ ହୋଇଥିବା ଏକ ମ୍ୟାସିନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି। ଏହି ମ୍ୟାସିନ ମଣିଷକୁ ସଫା କରୁଥିବା ନେଇ ଦାବି କରାଯାଉଛି। ୱାସିଂ ମେସିନରେ ପୋଷାକ ସଫା କରାଯାଉଥିବା ତ ସମସ୍ତେ ଜାଣିଛନ୍ତି କିନ୍ତୁ ମଣିଷକୁ ସଫା କରିବା ମେସିନ ଆସିବା ନିଶ୍ଚିତ ଭାବେ ଏକ ଚିକିତ କଲା ଭଳି ଖବର ରହିଛି। ଏହି ମେସିନ କିଛି ମିନିଟ୍ ମଧ୍ୟରେ ସହଜ ଓ ସୁବିଧାରେ ମଣିଷର ସମ୍ପୂର୍ଣ୍ଣ ଶରୀରକୁ ସଫା କରିଦେଉଛି। ଜାପାନ କମ୍ପାନି ସାଇନ୍ସ ପ୍ରଥମ ମାନବ ୱାସିଂ ମେସିନ୍ ଲଞ୍ଚ କରିଛି। ଏହି ମେସିନରେ ମଣିଷ ଚିତ ହୋଇ ଶୋଇପଡ଼ିବା ପରେ ଆପଣାଛାଏଁ ଏକ ଢାଙ୍କୁଣୀ ଘୋଡ଼ାଇ ହୋଇଯାଇଥାଏ। ତା'ପରେ ମେସିନ୍ ସ୍ୱୟଂଚାଳିତ ଭାବରେ ପାଣି ପକାଇ, ଫେଣ କରି କୋମଳ ମସାଜ୍ ଭଳି କୌଶଳ ବ୍ୟବହାର କରି ଶରୀରକୁ ସଫା କରିଦେଇଥାଏ। ସ୍ନାନ ସମୟରେ ମେସିନରେ ସଙ୍ଗୀତ ବାଜିବାର ବି ସୁବିଧା ଖଞ୍ଜା ଯାଇଛି। ଏହି ଡିଭାଇସର ଏକ ପ୍ରୋଟୋଟାଇପ୍ ଚଳିତ ବର୍ଷ ଓସାକାରେ ଅନୁଷ୍ଠିତ ବିଶ୍ୱ ଏକ୍ସପୋରେ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଦର୍ଶନୀରେ ମ୍ୟାସିନକୁ ଦେଖିବାକୁ ପ୍ରବଳ ଭିଡ଼ ଲାଗିଥିଲା। ଛଅ ମାସ ଧରି ଚାଲିଥିବା ଏକ୍ସପୋରେ ୨.୭ ନିୟୁତରୁ ଅଧିକ ଲୋକ ଯୋଗ ଦେଇଥିଲେ। ଏହି ମେସିନ୍ ୧୯୭୦ ଓସାକା ଏକ୍ସପୋରେ ପ୍ରଦର୍ଶିତ ଏକ ପୁରୁଣା ମଡେଲର ଆଧୁନିକ ରୂପ।

## ନଭେମ୍ବରରେ ବଢ଼ିଲା ଜିଏସ୍‌ଟି କଲେକ୍ସନ




### ଅକ୍ଟୋବର ତୁଳନାରେ ଭଲ ରହିଲା କଲେକ୍ସନ

ନୂଆଦିଲ୍ଲୀ, ୧।୧୨: କେନ୍ଦ୍ର ସରକାର ନଭେମ୍ବରରେ ହୋଇଥିବା ଜିଏସଟି କଲେକ୍ସନ ତଥ୍ୟ ଜାରି କରିଛନ୍ତି। ନଭେମ୍ବରରେ ଜିଏସଟିରୁ ୧.୭୦ ଲକ୍ଷ କୋଟି ଟଙ୍କା ଆୟ ହୋଇଛି। ବାର୍ଷିକ ଆଧାରରେ ଏଥିରେ ୦.୭%ର ବୃଦ୍ଧି ହୋଇଛି। ତଥ୍ୟ ଅନୁସାରେ, ବର୍ଷେ ତଳେ ଅର୍ଥାତ ୨୦୨୪ ନଭେମ୍ବରରେ ସରକାର ୧.୬୯ ଲକ୍ଷ କୋଟି ଟଙ୍କା ଜିଏସଟିରୁ ଆୟ ହୋଇଥିଲା। ସେହିଭଳି ଗତ ମାସ ଅର୍ଥାତ ଅକ୍ଟୋବର ତୁଳନାରେ ନଭେମ୍ବରର କଲେକ୍ସନ ୨୬ ହଜାର କୋଟି ଟଙ୍କା କମିଛି। ଅକ୍ଟୋବରରେ ବାର୍ଷିକ ୪.୬%ର ବୃଦ୍ଧି ସହ ୧.୯୬ ଲକ୍ଷ କୋଟି ଟଙ୍କା ଜିଏସଟି ସଂଗ୍ରହ ହୋଇଥିଲା। ଏହା ପୂର୍ବରୁ ୨୦୨୫ ଏପ୍ରିଲରେ ରେକର୍ଡ ୨.୩୭ ଲକ୍ଷ କୋଟି ଟଙ୍କା ଏବଂ ମେ ମାସରେ ୨.୦୧ ଲକ୍ଷ କୋଟି ଟଙ୍କାର ଜିଏସଟି ସଂଗ୍ରହ ହୋଇଥିଲା। ଏହା ପୂର୍ବରୁ ସେପ୍ଟେମ୍ବର ୨୨ରେ ଆବଶ୍ୟକୀୟ ସାମଗ୍ରୀ ଉପରେ କେବଳ ଦୁଇଟି ସ୍ଲାବ୍ ୫% ଏବଂ ୧୮%ରେ ଜିଏସଟି ଲାଗୁ ହୋଇଛି। ସରକାର ଟ୍ୟାକ୍ସ ସିଷ୍ଟମକୁ ସହଜ କରିବା ପାଇଁ ଏଭଳି କରିଛନ୍ତି। ଏହାଦ୍ୱାରା ଦୈନନ୍ଦିନ ସାମଗ୍ରୀ ଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ସ, କାର ମଧ୍ୟ ଶସ୍ତା ହୋଇଛି।

## ଲଞ୍ଚ ହେଲା ହିମାଳୟନ ୪୫୦ର ସ୍ପେଶାଲ ଏଡିସନ୍

ନୂଆଦିଲ୍ଲୀ, ୧।୧୨: ରୟାଲ ଏନଫିଲ୍ଡ ମୋଟୋଭର୍ସ ୨୦୨୫ ରେ ହିମାଳୟନ ୪୫୦ ମାନା ବ୍ଲାକ ଏଡିସନ୍ ଲଞ୍ଚ କରିଛି।




ଏହା ପୂର୍ବରୁ କମ୍ପାନୀ ଏହାକୁ ଇଆଇସିଏମଏ ୨୦୨୫ ରେ ମଧ୍ୟ ପ୍ରଦର୍ଶନ କରିଥିଲା। ଏହା ହିମାଳୟନ ୪୫୦ ର ଏକ ସ୍ପେଶାଲ ଏଡିସନ୍ ମଡେଲ, ଯାହାର ଡିଜାଇନ୍ ପ୍ରେରଣା ଭାରତର ସର୍ବୋଚ୍ଚ ମୋଟର ଚଳାଚଳ ରାସ୍ତା ମଧ୍ୟରୁ ଅନ୍ୟତମ ମାନା ପାସରୁ ନିଆଯାଇଛି। ହିମାଳୟନ ୪୫୦ ପୂର୍ବରୁ ଏକ ଆଡଭେଞ୍ଚର ବାଇକ୍ ଭାବରେ ଜଣାଶୁଣା, କିନ୍ତୁ ଏହି ମାନା ବ୍ଲାକ ଏଡିସନ୍‌କୁ କିଛି ନୂଆ ଫିଚର୍ସ ଏବଂ କସମେଟିକ୍ ଅପଡେଟ୍ ଦେଇ ଆହୁରି ସ୍ୱତନ୍ତ୍ର କରାଯାଇଛି। ଯଦି ଆପଣ ହିମାଳୟନ ୪୫୦ ମାନା ବ୍ଲାକ ଏଡିସନ୍ ଏଡିସନ୍ କିଣିବାକୁ ଚିନ୍ତା କରୁଛନ୍ତି, ତେବେ ଏହି ବାଇକ୍ ନିୟମିତ ହିମାଳୟନ ୪୫୦ ଠାରୁ କିପରି ଭିନ୍ନ ଆସନ୍ତୁ ଏହା ବିଷୟରେ ଜାଣିବା। ରୟାଲ ଏନଫିଲ୍ଡ ହିମାଳୟନ ୪୫୦ ମାନା ବ୍ଲାକ ଏଡିସନ୍ ହେଉଛି ଏହି ବାଇକ୍ ଲାଇନଅପ୍ ର ସବୁଠାରୁ ପ୍ରିମିୟମ୍ ଭାରିଆଣ୍ଟ। ଏହାର ମୂଲ୍ୟ ହାନଲେ ବ୍ଲାକ୍ ଭାରିଆଣ୍ଟ ଠାରୁ ଅଧିକ। ମାନା ବ୍ଲାକ୍ ଏଡିସନ୍ ର ମୂଲ୍ୟ ୩.୩୭ ଲକ୍ଷ ଟଙ୍କା (ଏକ୍ସ-ଶୋରୁମ୍) ରହିଛି, ଯାହା ଏହାକୁ ହିମାଳୟ ସିରିଜର ସବୁଠାରୁ ମହଙ୍ଗା ବାଇକ୍ କରିଥାଏ। ହିମାଳୟନ ୪୫୦ ମାନା ବ୍ଲାକ ଏଡିସନ୍‌ର ସବୁଠାରୁ ବଡ ଆକର୍ଷଣ ହେଉଛି ଏହାର ନୂଆ ଷ୍ଟେଲ୍‌ଥ ବ୍ଲାକ୍ ରଙ୍ଗ। ଏହି ସେଡ୍ ଫୁଏଲ ଟ୍ୟାଙ୍କ, ସାଇଡ୍ ପ୍ୟାନେଲ୍ ଏବଂ ଅନେକ ମେଟାଲ ପାର୍ଟରେ ଏକ ମ୍ୟାଟ୍ ଏବଂ ସାଟିନ୍ ଫିନିସ୍ ଦେଇଥାଏ। ଇଞ୍ଜିନ୍ କେସିଂ, ଚେସିସ୍ ଏବଂ ରିମ୍ ମଧ୍ୟ ଏକ ଡାର୍କ ଥିମ୍ ରେ ଅଛି, ଯାହା ବାଇକ୍ କୁ ଜବରଦସ୍ତ ଏବଂ ପ୍ରିମିୟମ୍ ଲୁକ୍ ଦେଇଥାଏ। ଏହି ସ୍ପେଶାଲ ଏଡିସନରେ ରାଲି କିଟ୍ ପୂର୍ବରୁ ଷ୍ଟାଣ୍ଡାର୍ଡ ଅଟେ। ଏହି କିଟ୍ ରେ ସାମିଲ ରହିଛି ରାଲି-ଷ୍ଟାଇଲ୍ ରିୟର କାଉଲ୍, ୱାନ-ପିସ୍ ରାଲି ସିଟ୍, ଆଲୁମିନିୟମ୍ ବ୍ରେସ ସହିତ ରାଲି-ଷ୍ଟାଇଲ୍ ହ୍ୟାଣ୍ଡଗାର୍ଡ, ହାଇ-ମାଉଣ୍ଟେଡ୍ ରାଲି ମଡଗାର୍ଡ ଇତ୍ୟାଦି। ଏହି ସମସ୍ତ ଫିଚର୍ସ କାରଣରୁ, ଏହି ବାଇକ୍ ଆଡଭେଞ୍ଚର ଏବଂ ଅଫ୍-ରୋଡିଂ ପାଇଁ ଅଧିକ ସକ୍ଷମ ହୋଇଯାଏ। ହିମାଳୟନ ୪୫୦ ମାନା ବ୍ଲାକ ଏଡିସନ୍‌ରେ କ୍ରସ୍ ସ୍ପୋକ୍ ହ୍ୱିଲ୍ ସହିତ ଟ୍ୟୁବ୍ ଲେସ୍ ଟାୟାର ରହିଛି। ଅଫ୍-ରୋଡିଂ ପାଇଁ ଏହା ଏକ ବ୍ୟବହାରିକ ଏବଂ ଉପଯୋଗୀ ଫିଚର୍। ଟ୍ୟୁବଲେସ୍ ଟାୟାର ରହିବା ଦ୍ୱାରା ପଙ୍କଚର ହେବା ସମୟରେ ଆରୋହୀଙ୍କୁ ଅଧିକ ଅସୁବିଧା ହୁଏ ନାହିଁ ଏବଂ ବାଇକର ପାୱାର ମଧ୍ୟ ବୃଦ୍ଧି ପାଇଥାଏ।

ସଂଚାର
SANCHAR
ମଙ୍ଗଳବାର ୨ ଡିସେମ୍ବର ୨୦୨୫
ସ୍ୱାସ୍ଥ୍ୟ




# ମାନସିକ ଓ ଶାରିରୀକ ସୁସ୍ଥ ରହିବେ କିପରି



ଆଜିର ବ୍ୟସ୍ତ ବହୁଳ ବିବ୍ରତ ବିଷାଦ ସାଙ୍ଗକୁ କ୍ଲାନ୍ତ କର୍ମମୟ ଜୀବନରେ ମଣିଷ ଯେତେବେଳେ ଅଶାନ୍ତିରେ ବାଟବଣା ହୋଇ ଘୂରିବୁଲୁଛି ଟିକେ ଶାନ୍ତି ପାଇବାକୁ ଆଜିର ଦୁନିଆରେ ଏକ ପ୍ରକାର ଅସମ୍ଭବ ହୋଇଯାଇଛି। ଏହି ଶାନ୍ତି ଟିକିଏ କିପରି ମଣିଷକୁ ମିଳିପାରିବ ସେଥିପାଇଁ ଜାପାନୀମାନେ ୫ଟି ଶୈଳୀକୁ ଅନୁସରଣ କରିଥାନ୍ତି। ଏହି ଅଭ୍ୟାସ ସବୁକୁ ଯଦି ଜଣେ ଧରି ଚାଲିବ ତେବେ କୌଣସି ଅଶାନ୍ତିର ବଶବର୍ତ୍ତୀ ହେବ ନାହିଁ। ଏହି ଅଭ୍ୟାସ ସବୁ କରିବାକୁ ହେଲେ ମନକୁ ପ୍ରଥମେ ଦୃଢ଼ କରିବା ଦରକାର। ତେବେ ଯାଇ ଜଣେ ମାନସିକ ଓ ଶାରିରୀକ ସୁସ୍ଥ ଅନୁଭବ କରିପାରିବ।

ଶୋଗନାଇ: ଆଜିର ସଭ୍ୟତାରେ ମଣିଷ ବେଳେବେଳ ନିଜ ନିୟନ୍ତ୍ରଣରେ ନଥିବା ସାମଗ୍ରୀ ପାଇବାକୁ ସଂଘର୍ଷ କରୁଛି କିନ୍ତୁ ପାଇପାରୁ ନାହିଁ। ସେଥିପାଇଁ ଏଥିପ୍ରତି ସମୟ ନଷ୍ଟ ନ କରି ମନକୁ ଅନ୍ୟତ୍ର କାର୍ଯ୍ୟରେ ଲଗାଇବା ଉଚିତ। ସରଳ ଭାଷାରେ ବୁଝାଇବାକୁ ଗଲେ ଲୋଭକୁ ଛାଡ଼ିବା ଉଚିତ।

ଶିରୀନ- ୟକୁ: ଏକ ସୁନ୍ଦର ଶାନ୍ତ ପରିବେଶରେ କିଛି ସମୟ ନିଜ ଭିତରେ କାଟିବା। ସୋସିଆଲ୍ ମିଡିଆରୁ କିଛି ସମୟ ଦୂରେଇ ରଖିପାରିଲେ ଆମେ ମନାରେ ଶାନ୍ତି ଆଣି ପାରିବା।

ନେନବୁସ୍ସୁ: ଏହା ଏକ ସରଳ ଏବଂ ଶକ୍ତିଶାଳୀ ଉପାୟ ଯାହା ମନକୁ ବାସ୍ତୁବାଦୀ ଚିନ୍ତାରୁ ସ୍ଥାନାନ୍ତରିତ କରିଥାଏ। ଈଶ୍ୱରଙ୍କ ଧ୍ୟାନ-ତପ-ଜପରେ ନିଜର କିଛି ସମୟ କାଟିବା ଦରକାର। ଏପରି ଦ୍ୱାରା ମନକୁ ହାଲୁକା ଲାଗେ ଓ ସକାରାତ୍ମକ ଚିନ୍ତାଧାରା ଆସିଥାଏ।

ଗମାନ: ଯେକୌଣସି କାର୍ଯ୍ୟପ୍ରତି ମନକୁ ଦୃଢ଼ ପାଇବାର ଇଚ୍ଛା ଶକ୍ତି ରହିବା ଦରକାର। ସେଥିପାଇଁ ଗୋଟିଏ କାର୍ଯ୍ୟରେ ମନକୁ କେନ୍ଦ୍ରିତ କରି ନିଷ୍ପତ୍ତି ନେବା ଉଚିତ। ଯାହାଦ୍ୱାରା ଆମକୁ ଲକ୍ଷ୍ୟ ସ୍ଥାନରେ ପହଞ୍ଚିବାକୁ ସହଜ ହୋଇଥାଏ।

ଓ୍ୱବି-ସବି: ଜୀବନରେ ସବୁକିଛି କ୍ଷଣସ୍ଥାୟୀ। ଗୋଟଏ ଜିନିଷକୁ ମନ ଭିତରେ ରଖି ମନକୁ ଚାପଗ୍ରସ୍ତ କରନ୍ତୁନି। ସମୟ ସହିତ ମଣିଷକୁ ଚାଲିବାକୁ ପଡ଼ିଥାଏ। ସେଥିପାଇଁ ମନରେ ବାରମ୍ବାର ଗୋଟିଏ କଥା ପ୍ରତି ଘାରି ନ ହୋଇ ଅନ୍ୟ କାର୍ଯ୍ୟରେ ମନ ନିବେଶ କରିପାରିଲେ ମନକୁ ଶାନ୍ତି ମିଳିଥାଏ।

# ଖାଲିପେଟରେ ଖାଆନ୍ତୁ କଦଳୀ ଦୂର ହେବ ପେଟ ସମସ୍ୟା

ସୁସ୍ଥ ରହିବାକୁ କିଏ ବା ନଚାହେଁ। ସୁସ୍ଥ ରହିଲେ ମଣିଷ ସବୁ କାର୍ଯ୍ୟ କରିବାକୁ ସମର୍ଥ ହେଇଥାଏ। ହେଲେ ବର୍ତ୍ତମାନ ସମୟରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖା ଦେଉଛି ଯାହା ଫଳରେ ଲୋକେ ଦିନ କୁ ଦିନ ରୋଗାଗ୍ରସ୍ଥ ହେଉଛନ୍ତି। ହେଲେ ଆଜି ଆପଣଙ୍କୁ ଏପରି ଗୋଟିଏ ଫଳ ବିଷୟରେ କହିବୁ ଯାହାକୁ ଆପଣମାନେ ଖାଇଲେ ସମ୍ପୂର୍ଣ୍ଣ ସୁସ୍ଥ ରହିପାରିବେ। ତେବେ ଆସନ୍ତୁ ଜାଣିବା ସେହି ଫଳର ନାମ କ'ଣ ?

ଏହି ଫଳର ନାମ ହେଉଛି 'କଦଳୀ'। ଏହି ଫଳଟିରେ କାର୍ବୋହାଇଡ୍ରେଟ୍, ଭିଟାମିନ୍ ଏ, ଭିଟାମିନ୍ ସି, ଭିଟାମିନ୍ ବି-୬, ଆଇରନ୍, ଫସଫରସ୍, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଜିଙ୍କ, ସୋଡିୟମ ଏବଂ ପୋଟାସିୟମ ଭଳି ଉପାଦାନ ପ୍ରଚୁର ପରିମାଣରେ ରହିଛି। ଏହି ଫଳକୁ ସଠିକ୍ ପରିମାଣରେ ଏବଂ ସଠିକ୍ ଉପାୟରେ ଖାଇଲେ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ସାବ୍ୟସ୍ତ ହୋଇପାରେ। ଏଥି ସହ ଆସନ୍ତୁ ଜାଣିବା ଏହି ଫଳକୁ ଖାଇବାର ଲାଭ। କଦଳୀରେ ଥିବା ଉପାଦାନଗୁଡିକ ଆପଣଙ୍କ ଅନ୍ତନଳୀର ସ୍ୱାସ୍ଥ୍ୟକୁ ବହୁତ ପରିମାଣରେ ଉନ୍ନତ କରିପାରେ। ପେଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଏହି ଫଳକୁ ଡାଏଟ ପ୍ଲାନରେ ମଧ୍ୟ ସାମିଲ୍ କରିପାରିବେ। ଏଥି ସହ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ପାଇଁ ମଧ୍ୟ କଦଳୀ ଖାଇପାରିବେ। ଆପଣ ଦିନସାରା କ୍ଲାନ୍ତ ଏବଂ ଦୁର୍ବଳ ଅନୁଭବ କରୁଛନ୍ତି କି ? ତେବେ ଆପଣ ପ୍ରତିଦିନ ଖାଲି ପେଟରେ କଦଳୀ ଖାଇବା ଆରମ୍ଭ କରନ୍ତୁ। କଦଳୀ ଖାଇ ଆପଣଙ୍କ ଦିନ ଆରମ୍ଭ କଲେ ଆପଣ ସାରା ଦିନ ଏନର୍ଜିଟିକ୍ ଅନୁଭବ କରିପାରିବେ। ଏହା ବ୍ୟତୀତ ଯଦି ଆପଣ ଆପଣଙ୍କର ଓଜନ କମ୍ କରିବାକୁ ଚାହୁଁଛନ୍ତି, ତେବେ ପ୍ରତିଦିନ ଗୋଟିଏ କଦଳୀ ଖାଇବା ଆରମ୍ଭ କରନ୍ତୁ। କଦଳୀରେ



ମିଳୁଥିବା ଉପାଦାନଗୁଡିକ ଆପଣଙ୍କ ଶରୀରର ମେଟାବୋଲିଜିମ୍ ବୃଦ୍ଧି କରିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। କଦଳୀକୁ ହାର୍ଟ ହେଲ୍ଥ ପାଇଁ ମଧ୍ୟ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। କଦଳୀକୁ ସଠିକ୍ ପରିମାଣରେ ଖାଇବା ଦ୍ୱାରା ହୃଦ୍ ରୋଗର ଆଶଙ୍କା ହ୍ରାସ ପାଇପାରେ। ଏହା ବ୍ୟତୀତା, ଯଦି ଆପଣ ବ୍ଲଡ ପ୍ରେସରକୁ କଣ୍ଟ୍ରୋଲ କରିବାକୁ ଚାହୁଁଛନ୍ତି, ତେବେ ଆପଣ କଦଳୀ ମଧ୍ୟ ସେବନ କରିପାରିବେ। କଦଳୀ ଖାଲି ଶରୀରକୁ ସୁସ୍ଥ ରଖେନାହିଁ ବରଂ ତ୍ୱଚାରେ ମଧ୍ୟ ଚମକ ଆଣିଥାଏ। ଯଦି ଆପଣ ସବୁଦିନ ସକାଳୁ ଗୋଟିଏ କଦଳୀ ଖାଇବା ଅଭ୍ୟାସ୍ କରନ୍ତି, ତେବେ ଆପଣଙ୍କ ତ୍ୱଚା ଗ୍ଲୋ କରିବାକୁ ଆରମ୍ଭ ହେବ। ଏଥି ସହ ଅନେକ ଲୋକ ନିଜ ଡାଏଟ୍ ପ୍ଲାନରେ କଦଳୀକୁ ମଧ୍ୟ ସାମିଲ୍ କରିଥାନ୍ତି। ତେବେ ଆପଣ ସବୁଦିନ କଦଳୀ ଖାଆନ୍ତୁ ଦେଖିବେ ଆପଣ ସମ୍ପୂର୍ଣ୍ଣ ଫିଟ୍ ରହବେ ଏବଂ ଆପଣଙ୍କୁ ରିଲାକ୍ସ ମଧ୍ୟ ଲାଗିବ।

# ଶୀତଦିନେ ପିଅନ୍ତୁ ଗୋଲମରିଚ ପାଣି



ଗୋଲମରିଚକୁ ଆମେ ବିଭିନ୍ନ ଖାଦ୍ୟ ହେଉ ଅବା ଚା'ରେ ବ୍ୟବହାର କରିଥାଉ। ଏହାଦ୍ୱାରା ଶରୀରକୁ ଅନେକ ପ୍ରକାର ଫାଇଦା ମିଳିଥାଏ। ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଏବଂ ଆଣ୍ଟି ଇନ୍ଫ୍ଲାମେଣ୍ଟାରୀ ଗୁଣ ସ୍କିନ ଏବଂ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ହେଲେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ କେବଳ ଗୋଲମରିଚ ନୁହେଁ ଏହାର ପାଣି ମଧ୍ୟ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବରଦାନ ସାବ୍ୟସ୍ତ ହୋଇପାରେ। ଗୋଲମରିଚ ପାଣି ପ୍ରସ୍ତୁତ କରିବା ପାଇଁ ଆପଣ ଏକ କପ୍ ପାଣିକୁ ଗରମ କରନ୍ତୁ। ଏଥିରେ ଟିକେ ଗୋଲମରିଚ ଗୁଣ୍ଡ ମିଶାନ୍ତୁ ଏବଂ ଏହାକୁ ଥରେ ଭଲ ଭାବରେ ଫୁଟାନ୍ତୁ ଏବଂ ଏହାକୁ ଛାଣି ପିଅନ୍ତୁ। ଆପଣ ଗୋଲମରିଚ ପାଣିର ସ୍ୱାଦ ବଢାଇବା ପାଇଁ ମହୁ କିମ୍ବା ଲେମ୍ବୁ ରସ ମଧ୍ୟ ବ୍ୟବହାର କରିପାରିବେ। ତେବେ ଆସନ୍ତୁ ଜାଣିବା ଗୋଲମରିଚ ପାଣି ପିଇବାର କିଛି ଆଶ୍ଚର୍ଯ୍ୟଜନକ ସ୍ୱାସ୍ଥ୍ୟ ଉପକାରିତା ବିଷୟରେ।

ପେଟ ପାଇଁ ଲାଭଦାୟକ– ଗୋଲମରିଚ ପାଣି ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏସିଡ଼ିଟି ଭଳି ପେଟ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଏହି ପୋଷକ ତତ୍ତ୍ୱ ଭରପୂର ପାନୀୟ ମଧ୍ୟ ପିଇପାରିବେ। ଯଦି ଆପଣ ନିଜ ଶରୀରକୁ ଡିଟକ୍ସାଇଫାଏ କରିବାକୁ ଚାହୁଁଛନ୍ତି, ତେବେ ଆପଣ ଗୋଲମରିଚ ପାଣି ମଧ୍ୟ ପିଇବା ଆରମ୍ଭ କରିପାରିବେ। ଥଣ୍ଡା ଓ କାଶ– ଶୀତ ଋତୁରେ ଥଣ୍ଡା, କାଶ ଓ ଜର ଭଳି ସମସ୍ୟା ବହୁତ ବଢ଼ିଯାଇଥାଏ। ଗୋଲମରିଚ ପାଣି ପିଇବା ଦ୍ୱାରା ଏଭଳି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାରୁ ବହୁ ପରିମାଣରେ ମୁକ୍ତି ମିଳିଥାଏ। ଆସ୍ଥମା ଏବଂ ବ୍ରୋଙ୍କାଇଟିସ୍ ଭଳି ଗୁରୁତର ସମସ୍ୟାରେ ପୀଡିତ ରୋଗୀମାନଙ୍କୁ ମଧ୍ୟ ଗୋଲମରିଚ ପାଣି ପିଇବାକୁ ପରାମର୍ଶ ଦିଆଯାଇଛି। ଏହା ବ୍ୟତୀତ ଆପଣଙ୍କ ସୂଚନା ପାଇଁ କହିରଖୁଛୁ ଯେ ଗୋଲମରିଚ ପାଣିରେ ଥିବା ସମସ୍ତ ଔଷଧୀୟ ଗୁଣ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। କେତେବେଳେ ପିଇବା ଅଧିକ ଲାଭଦାୟକ- ପ୍ରାୟତଃ ସକାଳେ ଖାଲି ପେଟରେ ଗୋଲମରିଚ ପାଣି ପିଇବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦିଆଯାଏ। ଗୋଲମରିଚ ପାଣି ଆପଣଙ୍କ ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। ତଥାପି, ଭଲ ଫଳାଫଳ ପାଇବା ପାଇଁ, ଆପଣ ଏକ ସୀମା ମଧ୍ୟରେ ଔଷଧୀୟ ଗୁଣରେ ପରିପୂର୍ଣ୍ଣ ଏହି ପାନୀୟକୁ ପିଇବା ଉଚିତ୍। ନଚେତ୍ ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ସକରାତ୍ମକ ପରିବର୍ତ୍ତେ ନକାରାତ୍ମକ ପ୍ରଭାବ ପକାଇପାରେ।



# ସନ୍ତୁଳିତ ଖାଦ୍ୟ ଓ ସୁସ୍ଥ ଜୀବନ

ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଖାଦ୍ୟ ମଧ୍ୟ ସାତ୍ତ୍ୱିକ ହେବା ଉଚିତ। ଖାଦ୍ୟର ମାନ, ମାତ୍ରା ଓ ସମୟ ମଧ୍ୟ ଠିକ୍ ନିର୍ଦ୍ଧାରଣ ହେବା ଉଚିତ। ଆହାର ଗ୍ରହଣ ପୂର୍ବରୁ ଭଗବାନଙ୍କୁ ଅର୍ପଣ କଲେ ଭଲ। ଖାଇବା ସମୟରେ କଥାବାର୍ତ୍ତା କରନ୍ତୁ ନାହିଁ ଏବଂ ଶାନ୍ତ ମନରେ ଭୋଜନ କରନ୍ତୁ। ଖାଇବା ପରେ ପରେ କୋଲ୍ଡ ଡ୍ରିଙ୍କ୍ସ ପିଅନ୍ତୁ ନାହିଁ କିମ୍ବା ଆଇସକ୍ରିମ ଖାଆନ୍ତୁ ନାହିଁ। ଖାଇବାର ଠିକ୍ ପୂର୍ବରୁ ଏବଂ ପରେ ପାଣି ପିଅନ୍ତୁ ନାହିଁ। ଏହାର ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ। ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡାଦି ଗରିଷ୍ଠ ଭୋଜନ ନିୟମିତ ବା ଅତ୍ୟଧିକ ସେବନ ଶରୀର ପାଇଁ କ୍ଷତିକାରକ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୁଚାରୁ ରୂପେ ହେବା ଆବଶ୍ୟକ। ଯଦି ଏହାର ପରିପାକ ଠିକ୍ ରୂପେ ନ ହୁଏ, ତେବେ ଏହାକୁ ଅପକ୍ୱ ଖାଦ୍ୟ କୁହାଯାଏ। ଏହାଦ୍ୱାରା ଖାଦ୍ୟ ପେଟରେ ଶଢ଼େ ଏବଂ ଟକ୍ସିକ୍ ବା ବିଷ ସୃଷ୍ଟି ହୋଇଥାଏ। ଏହାଦ୍ୱାରା ପ୍ରଥମେ ଗ୍ୟାସ୍ ତା'ପରେ ଏସିଡିଟି (ଅମ୍ଳ), ଅଲ୍ସର, ନାଳଝାଡ଼ା, ଆଣ୍ଠୁଗଣ୍ଠିବାତ, କୋଲେଷ୍ଟ୍ରରଲ୍ ବଢ଼ିବା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ ଆଦି ରୋଗ ଆମ ଶରୀରରେ ସୃଷ୍ଟି ହୋଇଥାଏ।



# ଶୀତଦିନେ ଗ୍ଲୋଇଂ ତ୍ୱଚା ପାଇଁ ଆଲୋଭେରା ଜେଲ୍

ଶୀତ ଋତୁରେ ଆମ ତ୍ୱଚାରେ ଅନେକ ପରିବର୍ତ୍ତନ ଘଟେ। ଏହି ଋତୁରେ ଚର୍ମର ଶୁଷ୍କତା ମଧ୍ୟ ବୃଦ୍ଧି ପାଇଥାଏ। ଏହି କାରଣରୁ, ଚର୍ମ ସମ୍ବନ୍ଧୀୟ ସମସ୍ୟାର ଆଶଙ୍କା ବଢ଼ିଥାଏ। ତେଣୁ ଏହି ଋତୁରେ ସ୍କିନକୁ ମଶ୍ଚରାଇଜ୍ କରିବା ନିହାତି ଜରୁରୀ। ଶୀତଦିନେ ଚର୍ମର ଯତ୍ନ ନେବା ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଗ୍ଲୋଇଂ ସ୍କିନ୍ ପାଇବା ପାଇଁ, ଆପଣ ଉପଯୁକ୍ତ ସ୍କିନ କେୟାର ରୁଟିନ ସହିତ ନିଜ ଡାଏଟର ବି ଯତ୍ନ ନେବା ଉଚିତ୍। ମୁହଁଠୁ ଆରମ୍ଭ କରି କେଶ ପର୍ଯ୍ୟନ୍ତ ସମସ୍ତ ସମସ୍ୟାର ସମାଧାନ କରିବାରେ ଆଲୋଭେରା ସାହାଯ୍ୟ କରିଥାଏ। ଥଣ୍ଡା ପାଗରେ ଚର୍ମରେ ଆର୍ଦ୍ରତା ବଜାୟ ରଖିବା ପାଇଁ ଆପଣ ଆଲୋଭେରା ଜେଲ୍ ପ୍ରୟୋଗ କରିପାରିବେ। ଆଣ୍ଟିଅକ୍ସିଡାଣ୍ଟ ସହିତ ଏହାର ଆଣ୍ଟି-ଇନ୍ଫ୍ଲାମେଟୋରୀ ଏବଂ ଆଣ୍ଟି-ଫଙ୍ଗଲ୍ ଗୁଣ ମଧ୍ୟ ଥାଏ। ତେଣୁ ଏହାର ବ୍ୟବହାର ଚର୍ମ ସମ୍ବନ୍ଧୀୟ ସମସ୍ୟାକୁ ହ୍ରାସ କରିଥାଏ। କିନ୍ତୁ ଶୀତଦିନେ ଆଲୋଭେରା ଜେଲ୍ କିପରି ବ୍ୟବହାର କରାଯାଏ ତାହା ମଧ୍ୟ ଜାଣିବା ଉଚିତ୍। ତେବେ ଶୀତଦିନେ ଗ୍ଲୋଇଂ ସ୍କିନ୍ ପାଇଁ ଆଲୋଭେରା ଜେଲ୍ ସହିତ କେଉଁ ଜିନିଷଗୁଡିକ ମିଶାଇ ବ୍ୟବହାର କରିବା ଉଚିତ୍ ଆସନ୍ତୁ ଜାଣିବା।

ଆଲୋଭେରା ଏବଂ ବାଦାମ ତେଲର ମିଶ୍ରଣକୁ ପ୍ରୟୋଗ କଲେ ମୁହଁରେ ଥିବା ଅନେକ ଦିନର ଦାଗ କମିଯାଏ। ବାଦାମ ତେଲରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ଇ ଥାଏ, ଯାହା ସ୍କିନକୁ ଗ୍ଲୋଇଂ କରିବାରେ ସାହାଯ୍ୟ କରିଥାଏ। ବାଦାମ ତେଲକୁ ଟିକେ ଆଲୋଭେରା ଜେଲରେ ମିଶାଇ ଶୋଇବା ପୂର୍ବରୁ ଏହାକୁ ଲଗାନ୍ତୁ। ଏହା ଆପଣଙ୍କ ତ୍ୱଚା ପାଇଁ ବହୁତ ଲାଭଦାୟକ ହେବ।

ଗ୍ଲୋଇଂ ସ୍କିନ୍ ପାଇଁ ଆଲୋଭେରା ଏବଂ ନଡିଆ ତେଲର ମିଶ୍ରଣ ମଧ୍ୟ ବହୁତ ଭଲ ହୋଇଥାଏ। ଆପଣଙ୍କୁ କହିରଖୁଛୁ ଯେ ନଡିଆ ତେଲରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ 'ଇ' ସହିତ ଅନେକ ମିନେରାଲସ ମଧ୍ୟ ମିଳିଥାଏ। ଏହାକୁ ପ୍ରୟୋଗ କରିବା ଦ୍ୱାରା ସ୍କିନ ଡ୍ରାଏ ହୋଇନଥାଏ। ଆପଣ ଏହାକୁ ବେକ, ହାତ ଏବଂ ପାଦରେ ମଧ୍ୟ ଲଗାଇ ପାରିବେ।

ଆପଣ ଆଲୋଭେରା ଜେଲରେ ହଳଦୀ ମିଶାଇ ଏହାକୁ ମୁହଁରେ ଲଗାଇ ପାରିବେ। ହଳଦୀରେ ଆଣ୍ଟି-ଇନ୍ଫ୍ଲାମେଟୋରୀ ଏବଂ ଆଣ୍ଟି-ଫଙ୍ଗଲ୍ ଗୁଣ ରହିଛି। ଏହାକୁ ପ୍ରୟୋଗ କରିବା ଦ୍ୱାରା କେବଳ ଗ୍ଲୋଇଂ ସ୍କିନ୍ ହୁଏ ନାହିଁ ବରଂ ଇନଫେକ୍ସନରୁ ମଧ୍ୟ ମୁକ୍ତି ମିଳିଥାଏ। ଆପଣ ଗାଧୋଇବା ପୂର୍ବରୁ ଆଲୋଭେରା ଜେଲ ସହିତ ମିଶ୍ରିତ ଏକ ଚାମଚ ହଳଦୀ ପ୍ରୟୋଗ କରିପାରିବେ। ଏହି ମିଶ୍ରଣକୁ ଅତି କମରେ ୧୦ ମିନିଟ୍ ପାଇଁ ପ୍ରୟୋଗ କରନ୍ତୁ। ତଥାପି, ଆଲୋଭେରା ଜେଲ ସହିତ କୌଣସି ପ୍ରକାରର ପରୀକ୍ଷଣ କରିବା ପୂର୍ବରୁ ସ୍କିନର ଏକ ପ୍ୟାଚ୍ ଟେଷ୍ଟ କରନ୍ତୁ। ଏହି ପ୍ୟାଚ୍ ଟେଷ୍ଟ ପରେ ଆପଣ ନିଶ୍ଚୟ ଜାଣିପାରିବେ ଆଲୋଭେରା ଆପଣଙ୍କ ସ୍କିନ ପାଇଁ ଠିକ ଅଛି କି ନାହିଁ।

## ୫ରେ ପ୍ରାଥମିକ ଶିକ୍ଷକ ମହାସଂଘର ବିଧାନସଭା ଘେରାଉ

● ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



**ବାଲିଆପାଳ,୧।୧୨ (ସଂଚାର ବ୍ୟୁରୋ):** ପ୍ରାଥମିକ ଶିକ୍ଷକ ମହାସଂଘ ବାଲିଆପାଳ ତରଫରୁ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରୀ ଙ୍କୁ ଦୁଇ ଦଫା ସମ୍ବଳିତ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ମୂଳ ପଦବୀକୁ ଅପଗ୍ରେଡ କରି ଲେବେଲ ନଅ ଅନୁଯାୟୀ ମୂଳ ବେତନ ୩୫, ୪୦୦ ପ୍ରଦାନ ତଥା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ ସହ ଛଅ ବର୍ଷର ଠିକା କାର୍ଯ୍ୟ କାଳ କୁ ମୂଳ ଚାକିରୀରେ ଗଣନା କରି ଛଅ ଟି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ କରିବା ଦାବିରେ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନାଙ୍କୁ ସଂଘ ପକ୍ଷରୁ ଏହି ଦାବି ପତ୍ର ପ୍ରଦାନ କରାଯାଇଛି। ଆସନ୍ତା ଡ଼ିସେମ୍ବର ପାଞ୍ଚ ତାରିଖରେ ଭୁବନେଶ୍ୱରରେ ବିଧାନ ସଭା ଘେରାଓ ରେ ବାଲିଆପାଳ ବ୍ଲକ୍ ର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ଆନ୍ଦୋଳନ କୁ ଜୋରଦାର କରାଯିବ ବୋଲି ସଂଘ ତରଫରୁ ଘୋଷଣା କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଶିକ୍ଷକ ନେତା ସୁବାସ ଚନ୍ଦ୍ର ଭଞ୍ଜ, ନିତାଇ ଚରଣ ରାଉଳ, ପୂର୍ଣ୍ଣେନ୍ଦୁ ଦାସ, ସୁଶାନ୍ତ ଗିରି, ବ୍ୟୋମକେଶ ସାହୁ, ଧନଞ୍ଜୟ ଦେ, ସତ୍ୟବ୍ରତ ତ୍ରିପାଠୀ, ଜ୍ୟୋତିପ୍ରକାଶ ଜେନା, ପବନ ଦେ, ସୁରଥ ପ୍ରମାଣିକ, ଅତୁଲ ସାହୁ, ଅରୁଣ ପତି, ନିହାର ରଞ୍ଜନ ଜେନା, ସନ୍ତୋଷ ଜେନା, ଜଗନ୍ନାଥ ଦାସ, ଧର୍ମପଦ ମହାପାତ୍ର, ଶକୁନ୍ତଳା ପ୍ରଧାନ, ହେମନ୍ତ ମହାନ୍ତି, କେଶବ ପାତ୍ର, ମନୋରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ପ୍ରଧାନମନ୍ତ୍ରୀ ସଡ଼କ ମରଣଯନ୍ତା

**ବୈଁଶିଙ୍ଗା,୧।୧୨ (ସଂଚାର ବ୍ୟୁରୋ):** ଯେଉଁ ଦେଶର ରାସ୍ତା ସୁନ୍ଦର ସେ ଦେଶ ସେତେ ଉନ୍ନତ।ଆମ ଭାରତର କେନ୍ଦ୍ର ତଥା ରାଜ୍ୟ ସରକାର ସହର ସହିତ ଗ୍ରାମ ସଂଯୋଗ ପାଇଁ କୋଟି କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ସଡ଼କ ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ ଯୋଜନା କରୁଛନ୍ତି ସତ ମାତ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ନିମ୍ନମାନର କାର୍ଯ୍ୟ ପାଇଁ ବର୍ଷେ ଦୁଇ ବର୍ଷ ମଧ୍ୟରେ ଖରାପ ହୋଇଯାଉଛି। ଜିଲ୍ଲା ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନ ୧୮ନମ୍ବଜାତୀୟ ରାଜପଥର ଜରକା ଠାରୁ ବୈଦିପୂର୍ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲେ ମଧ୍ୟ ବିଭାଗ ଏହି ରାସ୍ତାର ମରାମତି କରିବାର ନାମ ଧରୁନଥିବାରୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଯାନ ବାହାନ ଚଳା ଚଳରେ



ବାଧା ଉପୁଜିଛି। ଏହି ରାସ୍ତାର ୭.୩୭୦କିମି ରାସ୍ତା ତିଆରି ନିମନ୍ତେ ୨ କୋଟି୪୮ ଲକ୍ଷ ୮୮. ୯୬୪ ଲକ୍ଷ ଅର୍ଥ ମଞ୍ଜୁରୀ କରାଯାଇତା ୨୮.୧୧.୨୧ରେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଏବଂ ବିଧାୟକ ସନାତନ ବିଜୁଳି ଙ୍କ ଦ୍ୱାରା ଶୁଭ ଦିଆଯାଇଥିବା ବେଳେ ୨୦୨୨ ମସିହା ଜୁଲାଇ ମାସ ରେ ଶେଷ ହେବା ସହିତ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣା ବେକ୍ଷଣ ହେବାର ଚୁକ୍ତି ରହିଛି।ମାତ୍ର ଏହି ରାସ୍ତା ମରାମତି ନହେବାରୁ ଏହା ସିଧା ସଳଖ ବିଭାଗ ର ଅପାରଗତା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି, ଅର୍ଥ ଥାଇ ମଧ୍ୟ ଅବଧି ଶେଷ ହେବାକୁ ଆହୁରି ଦେଢ଼ ବର୍ଷ ରହିଥିବାବେଳେ ମରାମତି ନହେବା କାରଣ କଣ ବୋଲି ସାଧାରଣ ରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି। ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ତାହା ନଦେଖିଲେ ବିଶ୍ୱାସ ହେବ ନାହିଁ। ଏହି ରାସ୍ତା ମରାମତି ହେବା ଠାରୁ ରକ୍ଷଣା ବେକ୍ଷଣର ଅବଧି ଶେଷ ହେଉଥିବା ବେଳେ ବଡ଼ସାହି ବିଧାୟକ ତାଙ୍କର ୫ ବର୍ଷ ଅବଧି ଶେଷ କରି ଦ୍ୱିତୀୟ ଥର ବିଧାୟକ ହୋଇଥିଲେ ମଧ୍ୟ ଏହି ଅଞ୍ଚଳ ଗସ୍ତ କରି ନାହାନ୍ତି କି ଏହି ରାସ୍ତାର ଅବସ୍ଥା ଦେଖି ନାହାନ୍ତି। ଉକ୍ତ ରାସ୍ତା ଦେଇ ସୁବର୍ଣ୍ଣ ରେଖା କେନାଲ ଯାଉ ଥିବା ବେଳେ ଓ ଏହି ରାସ୍ତା ଉପରେ କେନାଲ ନିମନ୍ତେ ଏକ ପୋଲ ନିର୍ମାଣ ରାସ୍ତା ଉପରେ ନିର୍ମିତ ହେବାକୁ ଥିବାରୁ ଏଥିପାଇଁ ଲୋକଙ୍କ ନିମନ୍ତେ ଓ ଯାନ ବାହାନ ଚଳା ଚଳର ସୁବ୍ୟବସ୍ଥା ନିମନ୍ତେ କେନାଲ ବିଭାଗ ମଧ୍ୟ ଯତ୍ନବାନ ହେବା ଜରୁରୀ ଅଟେ। ଏତଦ ବ୍ୟତିତ ଏହି ରାସ୍ତା ଜାରକା ରୁ ମେର୍ଦା ମଧ୍ୟରେ ମରାମତି ନସାରିବା ପୂର୍ବରୁ ଅବସ୍ଥା ଶୋଚନୀୟ ହୋଇ ପଡ଼ିଲାଣି, କଂକ୍ରିଟ ରାସ୍ତା ଉପରୁ ଲୋକ ଙ୍କ ଭରସା ତୁଟି ଗଲାଣି, କଂକ୍ରିଟ ଉଠି ରାସ୍ତା ଯାକ ଖାଲରେ ଭର୍ତ୍ତି ହେବାସହ ରାସ୍ତା ଉପରେ ହମ୍ପସ ନିର୍ମାଣ ଯୋଗୁଁ ଜରୁରୀକାଳୀନ ସେବାରେ ବ୍ୟାଘାତ ସୃଷ୍ଟି ହେଉଛି, ବିଶେଷ ଭାବେ ୧୦୮ ଆମ୍ବୁଲାନ୍ସ ଓ ଦମକଳ ପାଇଁ ବିପଦ ସୃଷ୍ଟି କରୁଛି। ବିଭାଗୀୟ ଅଧିକାରୀ ଙ୍କ ନଜର ପଡୁ ନାହିଁ କି ରାଜନେତା ଙ୍କ ଦୃଷ୍ଟି ମଧ୍ୟ ନପଡ଼ିବାରୁ ୫ ଗୋଟି ପଞ୍ଚାୟତ ର ୫୦୦୦ ହଜାର ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଓ ଏହି ରାସ୍ତା ଦେଇ ଚଳା ଚଳ କରୁଥିବା ଯାତ୍ରୀବାହୀ ବସ ମଧ୍ୟ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଏତଦ ବ୍ୟତିତ ସାଇକେଲ ଯୋଗେ ଯିବା ଆସିବା କରୁଥିବା ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀ ମାନେ ଦୁର୍ଘଟଣା ର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଯଥା ଶୀଘ୍ର ମରାମତି କରିବାକୁ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଦାବି ହେଉଛି।

## ହ୍ୟୁମାନ ସାଗରଙ୍କ ଶ୍ରଦ୍ଧାଞ୍ଜଳି ସଭା ପାଳିତ



**ନୀଳଗିରି,୧।୧୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲାର ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅନ୍ତର୍ଗତ ସନ୍ତରାଗଡିଆ ବଜାର ଦୁର୍ଗା ମଣ୍ଡପ ସମ୍ମୁଖରେ ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସନ୍ତରାଗଡିଆ ବଜାର କମିଟି ତଥା ସନ୍ତରାଗଡିଆ ସାଂସ୍କୃତିକ ଓ କଳାକାର ମଞ୍ଚର ସଦସ୍ୟ ମାନେ ଉପସ୍ଥିତ ରହି ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ଅଭୁଲା ଜୀବନି ଏବଂ କଳା ଜଗତର ସଂଗୀତ ପ୍ରତି ଅବଦାନ ବିଷୟରେ ସମବେତ ଜନତା ମତବ୍ୟକ୍ତ କରିଥିବା ବେଳେ ତାଙ୍କର ଅମର ଆତ୍ମା ର ସଦ୍ଗତି କାମନା କରିଥିଲେ। ଖୁବ କମ୍ ସମୟରେ ମାତ୍ର ୧୦ ରୁ ୧୨ ବର୍ଷ ମଧ୍ୟରେ ୨୦ହଜାରରୁ ଉର୍ଦ୍ଧ ସଂଗୀତରେ ନିଜର କଣ୍ଠ ଦାନ କରି ସମଗ୍ର ଓଡିଶାରେ ପରିଚୟ ସୃଷ୍ଟି କରିବା ସହିତ ନିଜକୁ ଅକ୍ଷୟ ମହାନ୍ତି (ଖୁକା ଭାଇ)ଙ୍କ ପରି ଘରେ ଘରେ ପ୍ରତିଟି ଯୁବ ପ୍ରାଣରେ ସଂଗୀତ ପାଇଁ ଦୁର୍ବଳତା ସୃଷ୍ଟି କରି ପାରିଥିଲେ।

## ଓଏଏସ ସ୍ତରରେ ବଦଳି: ଓଡ଼ଗାଁ ବିଡିଓ ହେଲେ ପ୍ରୀତିବାଳା



**ନୟାଗଡ଼,୧।୧୨(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଓଏଏସ ସ୍ତରରେ ବଦଳି କରାଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଚିଠି ନଂ ୩୩୪୫୩ ରେ ୧୦ଜଣ ବିଡ଼ିଓଙ୍କ ବଦଳି ବିଭିନ୍ନ ବ୍ଲକକୁ ବଦଳି କରାଯାଇଛି। ଉକ୍ତ ଚିଠିରେ ନୟାଗଡ଼ ଜିଲ୍ଲାକୁ ଜଣେ ବିଡ଼ିଓଙ୍କୁ ବଦଳି କରାଯାଇଛି। ରାଜସ୍ୱ ବିଭାଗରୁ ପଞ୍ଚାୟତିରାଜ ବିଭାଗକୁ ପରିବର୍ତ୍ତନ କରିଥିବା ଓଏଏସ୍ ଅଫିସର୍ ପ୍ରୀତିବାଳା ରଣାଙ୍କୁ ଓଡ଼ଗାଁ ବିଡ଼ିଓ ଭାବେ ନିଯୁକ୍ତ କରାଯାଇଛି। ପ୍ରୀତିବାଳା ରଣା ପୂର୍ବରୁ ଗଣିଆ ତହସିଲଦାର ଭାବେ ଉନ୍ନତ ମାନର କାର୍ଯ୍ୟ କରି ସ୍ଥାନୀୟ ଜନସାଧାରଣଙ୍କ ନିକଟର ହୋଇ ପ୍ରଶଂସା ସାଉଁଟି ପାରିଛନ୍ତି।

## ଆଞ୍ଚଳିକ ପରିବହନ ବିଭାଗ ଆନୁକୂଲ୍ୟରେ ଶୂନ ମୃତାହତ ପକ୍ଷ ପାଳିତ



**ବରଗଡ଼,୧।୧୨(ସଂଚାର ବ୍ୟୁରୋ):** ସ୍ଥାନୀୟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସର ରେ ଆର୍ ଟି ଓ ବରଗଡ଼ ଙ୍କ ଆନୁକୁଲ୍ୟରେ ସଡକ ଦୁର୍ଘଟଣା ଜନିତ ଶୁନ ମୃତାହତ ପକ୍ଷ ପାଳିତ ହୋଇ ଯାଇଛି। ନଭେମ୍ବର ୧୬ ରୁ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପକ୍ଷ ପାଳନ ଅବସର ରେ ବିଭିନ୍ନ ଦିବସ ରେ ବିଭିନ୍ନ ଜନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।ତେବେ ଏହି ପକ୍ଷ ର ଅନ୍ତିମ ଦିବସ ରେ ସଡ଼କ ସୁରକ୍ଷା ମଂଚ ଆନୁକୁଲ୍ୟରେ ବରଗଡ଼ ଆର୍ ଟି ଓ ଇଂ ସାବୁଆ ମାଝୀ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ 'ସଡ଼କ ସୁରକ୍ଷା ଜୀବନ ରକ୍ଷା' ପାଇଁ ଏକ ସେମିନାର ଅନୁଷ୍ଠିତ ହୋଇଥିଲା।ଉକ୍ତ କାର୍ଯ୍ୟକ୍ରମ ରେ ବରଗଡ଼ ର ବିଭିନ୍ନ ସାମାଜିକ ସାଂସ୍କୃତିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମେତ ବୁଦ୍ଧିଜୀବୀ ସାମିଲ ହୋଇ ସଡ଼କ ସୁରକ୍ଷା ପାଇଁ ସୁଚିନ୍ତିତ ମତାମତ ଉପସ୍ଥାପନ କରି କିପରି ଶୁନ ମୃତାହତ ହେବ ସେ ବିଷୟ ରେ ବିଭିନ୍ନ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ।କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ତରଣି ସୁନାଙ୍କ ସଂଯୋଜନା ରେ ସଡ଼କ ସୁରକ୍ଷା ଲୋକ ନୃତ୍ୟ ପରିବେଷଣ କରାଯାଇଥିଲା।

## ବ୍ଲକ ଏବିଇଓ ଶାନ୍ତିଲତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଧାମନଗର,୧।୧୨(ସଂଚାର ବ୍ୟୁରୋ):** ଧାମନଗର ମାଟିର ଝିଅ ତଥା ଯାଜପୁର ଜିଲ୍ଲା ରସୁଲପୁର ବ୍ଲକର କାର୍ଯ୍ୟରତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ଶାନ୍ତିଲତା ରାଉତ ନଭେମ୍ବର ୩୦ରେ ଅବସର ଗ୍ରହଣ କରିଛନ୍ତି। ଉକ୍ତ ଦିନ ରସୁଲପୁର ବିଇଓ ଅଫିସ ତରଫରୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଅବଶିଷ୍ଟ ସୁସ୍ଥ ଓ ନିରାମୟ ଜୀବନ କରାଯାଇଥିଲା। ଏହି ଅବସରରେ ଶ୍ରୀମତୀ ଶାନ୍ତିଲତା ରାଉତଙ୍କୁ ତାଙ୍କ ଜନ୍ମ ମାଟି ଧାମନଗର ରେ ପହଞ୍ଚିବା ପରେ ତାଙ୍କୁ ବିପୁଳ ସ୍ୱାଗତ



ଓ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଶିକ୍ଷକ ସଂଘର କର୍ମକର୍ତ୍ତା ଓ ସମାଜସେବୀ, ଶିକ୍ଷାବିତ, ଜନସାଧାରଣଙ୍କ ପକ୍ଷରୁ ଏନ୍ଏସିଅଧିନ ବିଜୁ ପଟ୍ଟନାୟକ ଛକଠାରୁ ଏକ ବିଶାଳ ଆକର୍ଷଣୀୟ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ବାସଭବନ ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରେ ଏବିଇଓ ହେମେନ୍ଦ୍ର ନାଥ ମହାନ୍ତିଙ୍କ ସଂଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଶିକ୍ଷକ ସଂଘ ମହାସଚିବ ଚାରୁଲତା ମହାପାତ୍ର,ଅଧ୍ୟାପକ ଚିତ୍ତରଞ୍ଜନ ଦାଶ,ପଦ୍ମନାଭ ତ୍ରିପାଠୀଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରି ଅବଶିଷ୍ଟ ଜୀବନ ସୁସ୍ଥ ଓ ନିରାମୟ ହେଉ ଏହାହିଁ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।ଶେଷରେ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ପଳାସ ସରପଞ୍ଚଙ୍କୁ ମାଡ଼ ଅଭିଯୋଗ, ଥାନାରେ ମାମଲା

**କଳାହାଣ୍ଡି,୧।୧୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ପଳାସ ପଞ୍ଚାୟତ ର ସରପଞ୍ଚ ପ୍ରଭାକର ସେଠି ଙ୍କୁ ମଥୁରା ଗ୍ରାମ ର କିଛି ଯୁବକ ମାଡ଼ ମାରି ଥିବା ଅଭିଯୋଗ ହୋଇଅଛି। ଏ ସଂକ୍ରାନ୍ତରେ ସରପଞ୍ଚ ଜୁନାଗଡ଼ ଥାନା ରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଜୁନାଗଡ଼ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛନ୍ତି। ସୂଚନା ମତେ ପଳାସ ସରପଞ୍ଚ ପ୍ରଭାକର ସେଠି କୌଣସି ଏକ କାମ ରେ ମହିଚଳା ଗ୍ରାମ କୁ ଯାଉଥିବା ବେଳେ ଗୌଡ଼ ସର୍ଗିଗୁଡା ଛକ ନିକଟରେ ମଥୁରା ଗ୍ରାମର କିଛି ଯୁବକ ଜବରଦସ୍ତି ଅଟକାଇ ବାଇକ ରେ ଆଣି ମଥୁରା ଢ଼ାବା ନିକଟରେ ଓଲ୍ହାଇ ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ସଙ୍ଗବଦ୍ଧ ହୋଇ ମାଡ଼ ମାରିଥିଲେ। ଏ ସଂକ୍ରାନ୍ତ ରେତଦନ୍ତ ଜୁନାଗଡ଼ ଥାନା ରେ ସରପଞ୍ଚ ସେଠି ଙ୍କ ତରଫରୁ ଜୁନାଗଡ଼ ଥାନା ରେ ଏକ ଲିଖିତ ଅଭିଯୋଗ ହୋଇଅଛି। ଏନେଇ ଜୁନାଗଡ଼ ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬/୨, ୨୯୬, ୧୧୫/୨, ୩୫୧/୨, ୩/୫ଏଟ୍ରୋସିଟି ଆକ୍ଟ ୩/୧ଆର, ୩/୧ଏସ, ୩/୨ଭିଏ ର ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟା ଚାଲୁରଖିଛନ୍ତି। ଅନ୍ୟ ପକ୍ଷରେ ଅଭିଯୁକ୍ତ ମାନଙ୍କ ପକ୍ଷରୁ ଏକ ପାଲଟା ଅଭିଯୋଗ କରିଥିବା ଜୁନାଗଡ଼ ଥାନା ଅଧିକାରୀ ଶେଷଦେବ ବେହେରା ପ୍ରକାଶ କରିଛନ୍ତି। ଅଭିଯୋଗକାରି ଜଣେ ନିର୍ବାଚିତ ଜନପ୍ରତିନିଧି ହୋଇଥିବା ବେଳେ ନିକଟରେ ମଧ୍ୟ ସଦର ବିଧାୟକଙ୍କୁ ମଧ୍ୟ ହତ୍ୟା ଧମକ ହୋଇଥିବା ଅଭିଯୋଗ ହୋଇଥିଲା। ଯାହା ଫଳରେ କଳାହାଣ୍ଡିରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ଆଙ୍ଗୁଳି ନିର୍ଦ୍ଦେଶ ହେଉଛି। ଏଣୁ ଏଇ ଘଟଣା କୁ ନେଇ ବିଭିନ୍ନ ସଂଗଠନ ପକ୍ଷରୁ ଦୃଢ଼ ନିନ୍ଦା କରିବା ସହ ଜିଲ୍ଲା ପୁଲିସ ପ୍ରଶାସନ ଏଥିନେଇ ଯତ୍ନବାନ ହେବାକୁ ଦାବୀ ହେଉଛି।

## ବ୍ଲକ ଗସ୍ତରେ କେନ୍ଦ୍ର ଯୁଗ୍ମ ସଚିବ



**ଫୁଲବାଣୀ,୧।୧୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କୁ କେନ୍ଦ୍ର ଗୃହ ଏବଂ ଶହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ର ଯୁଗ୍ମ ସଚିବ ରୁପା ମିଶ୍ର ଶୁକ୍ରବାର ଗସ୍ତରେ ଆସି ଫିରିଙ୍ଗିଆ ବ୍ଲକ ର ବିଭିନ୍ନ ଗାଁ ବୁଲିବା ସହ ବିଭିନ୍ନ ଉନ୍ନୟନ ମୂଳକ କାମ ର ସମୀକ୍ଷା କରିବା ସହ ସ୍ୱୟଂ ସହାୟକ ଗୋଷ୍ଠି ର ମହିଳା ମାନଙ୍କ ସହ ଆଲୋଚନା କରିଥିଲେ। ଶୁକ୍ରବାର ସଚିବ ଙ୍କ ଗସ୍ତ ସମୟରେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ଙ୍କ ସହ ବିଡ଼ିଓ ଅନୁପ ଅଭିଷେକ ବେହେରା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଚିତ୍ରଞ୍ଜନ ଶତପଥୀ ଓ ବ୍ଲକ ର ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ସଚିବ ପ୍ରଥମେ କେଳାପଡା ପଞ୍ଚାୟତ ର କାୟାଲମ୍ବା ଗାଁ ରେ ସ୍ୱୟଂ ସହାୟକ ଗୋଷ୍ଠି ର ମହିଳା ମାନଙ୍କ ଦ୍ୱାରା ହୋଇଥିବା ହଳଦୀ ଚାଷ, ବନ୍ଧଗଡ଼ ପଂଚାୟତ ର ମଣିପଦର ଠାରେ ହୋଇଥିବା ଷ୍ଟ୍ରବେରୀ, ଗେଣ୍ଡୁଫୁଲ ଓ ମାଣ୍ଡିଆ ଚାଷ, ରତଙ୍ଗ ପଞ୍ଚାୟତ ର ପୋଡାପଡା ଠାରେ ଜଳସେଚନ ର ବ୍ୟବସ୍ଥା ସହ ସେଠିକାର ବିନ୍ସ ଚାଷ, ପଲାବୃଡି ପଞ୍ଚାୟତ ର ଡ୍ରାଏଗନ ଫ୍ରୁଟ ଚାଷ ବୁଲି ଦେଖିଥିଲେ ପରେ ସଚିବ ବନ୍ଧଗଡ଼ ଠାରେ ଥିବା ହଳଦୀ ପ୍ରକ୍ରିୟା କରଣ କେନ୍ଦ୍ର କସମ କୁ ଦେଖିବା ସହ ଅଞ୍ଚଳରେ କିଭଳି ଭାବରେ ଅଧିକ ପରିମାଣରେ ହଳଦୀ ଚାଷ ହୋଇପାରିବ ଓ ଜଳ ସେଚନ ର ବ୍ୟବସ୍ଥା କିପରି ହୋଇ ପାରିବ ସେବିଷୟରେ ଜିଲ୍ଲାପାଳ ଓ ଜିଲ୍ଲା କୃଷି ଅଧିକାରୀ ଙ୍କୁ ପରାମର୍ଶ ଦେଇଥିଲେ।

## ଭୀଷ୍ମଗିରିରେ ପଞ୍ଚାୟତ ସ୍ତରୀୟ ଜନଶୁଣାଣି ଅନୁଷ୍ଠିତ

**ଦିଗପହଣ୍ଡି,୧।୧୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକର ଭୀଷ୍ମଗିରି ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଦିଗପହଣ୍ଡି ବିଡିଓ ଅନାମିକା ପାଣ୍ଡେଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ମହାନଗର ନିଗମ ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ, ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ସରପଞ୍ଚ ଗାୟତ୍ରୀ ବ୍ରହ୍ମା, ଅତିରିକ୍ତ ବିଡିଓ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ,



ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ଏହି ଜନଶୁଣାଣିରେ ୨୧ ଜଣ ହିତାଧିକାରୀ ନୂତନ ରାସନ କାର୍ଡ, ବିଭିନ୍ନ ଭତ୍ତା ଏବଂ ଆବାସିକ ଗୃହ କାର୍ଯ୍ୟାଦେଶ ନିମନ୍ତେ ଆବେଦନ କରିବା ସହ ନିଜର ସମସ୍ୟା ଉପସ୍ଥାପନ କରିଥିଲେ। ଉପସ୍ଥିତ ବିଭାଗୀୟ ଅଧିକାରୀମାନେ ଲୋକଙ୍କ ସମସ୍ୟା ଶୁଣି ଏହାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ।

## ଏଡ୍ସ ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




**ଭେଡେନ,୧।୧୨(ସଂଚାର ବ୍ୟୁରୋ):** ବିଶ୍ୱ ଏଡ଼ସ ଦିବସ ଅବସରରେ ଭେଡେନ ସ୍ଥିତ ଆଞ୍ଚଳିକ କିଷାନ ମହାବିଦ୍ୟାଳୟ ପରିସରରେ ଯୁବ ରେଡ଼କ୍ରସ ଓ ରେଡ଼ ରିବନ କ୍ଲବ ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଳା ସାହୁ ଉଦଘାଟନ କରିଥିବା ବେଳେ ଅନୁଷ୍ଠିତ ଶିବିରରେ ୩୦ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବରଗଡ଼ ରକ୍ତ ଭଣ୍ଡାରର ଅମରଜିତ ମହାନ୍ତି, ରେବତୀକାନ୍ତ ସାହୁ, ମହେନ୍ଦ୍ର ମେହେର, କୃଷ୍ଣଚନ୍ଦ୍ର ସାହୁ ଙ୍କ ସମେତ କର୍ମଚାରୀ ରକ୍ତ ସଂଗ୍ରହ ରେ ସହଯୋଗ କରିଥିଲେ। ମହାବିଦ୍ୟାଳୟ ର ଯୁବ ରେଡ଼କ୍ରସ ପରାମର୍ଶଦାତା ଅଧ୍ୟାପକ ବିନୋଦ ବିହାରୀ ଭୋଇ, ଅଧ୍ୟାପିକା ଡ଼ ସୁଜାତା ମେହେରକାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟ ର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ।

## କାର୍ଯ୍ୟରତ ବିପିଏମଙ୍କ ବଦଳିର ପ୍ରତିବାଦ

**ତିହିଡ଼ି,୧।୧୨(ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର ସ୍ୱାସ୍ଥ୍ୟକର୍ମୀ, ସୁପରଭାଇଜର ଓ ଆଶାକର୍ମୀମାନେ ଧାରଣା ଦେବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ବ୍ଲକ ପ୍ରକଳ୍ପ ପରିଚାଳକ(ବିପିଏମ)ଶାନ୍ତିଲତା ମିଶ୍ରଙ୍କ ବଦଳି ପ୍ରତିବାଦରେ ଏହି ପଦକ୍ଷେପ ନିଆଯାଇଥିବା ଜଣାଯାଇଛି। ବଦଳି ବାତିଲ ନ ହେବା ଯାଏ ସେମାନେ ଆନ୍ଦୋଳନ ଚାଲୁ ରଖିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ବିପିଏମ୍ ମିଶ୍ରଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଜଣେ ନୂଆ ବିପିଏମଙ୍କୁ ନିଯୁକ୍ତି ଦିଆଯାଇଛି। ତେବେ ନୂଆ ବିପିଏମ୍ ସୋମବାର କାର୍ଯ୍ୟରେ ଯୋଗଦେବାକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିବା ବେଳେ ଆନ୍ଦୋଳନକାରୀମାନେ ତାଙ୍କୁ ବିରୋଧ କରି ଯୋଗଦେବାକୁ ଦେଇ ନ ଥିଲେ। ଅପରପକ୍ଷେ ବିପିଏମ ମିଶ୍ରଙ୍କ ବଦଳି ବେଆଇନ ଦର୍ଶାଇ ଆନ୍ଦୋଳନ କରାଯାଇଥିବା ଜଣାଯାଇଛି।

## ପ୍ରକଳ୍ପ ବଦଳାଇବା ପାଇଁ ଜମିର ଭୁଲ୍ ତଥ୍ୟ ଦେଲେ ଟାଙ୍ଗରପାଳି ବିଡିଓ



**ସୁନ୍ଦରଗଡ଼,୧।୧୨(ସଂଚାର ବ୍ୟୁରୋ):** ଟାଙ୍ଗରପାଳି ବ୍ଲକ ଯୋଗୀମାଲ ଗ୍ରାମ ଭିତରେ ବର୍ଷା ପାଣି ନିଷ୍କାସନ ପାଇଁ ଦୀର୍ଘ ବର୍ଷରୁ ଏକ କଲଭର୍ଟ ତିଆରି ହୋଇଥିଲା। ଏକ ସିମେଣ୍ଟ ବୋଝେଇ ଟ୍ରକ ଉକ୍ତ ସିମେଣ୍ଟ କଲଭର୍ଟ କୁ ଭାଙ୍ଗି ଦେଇ ଚାଲିଗଲା। ଗ୍ରାମବାସୀ ନୂତନ କଲଭର୍ଟ ତିଆରି କରିବା ପାଇଁ ପଲ୍ଲୀସଭା, ଗ୍ରାମସଭା ତଥା ସରପଞ୍ଚଙ୍କୁ ବାରମ୍ବାର ଅନୁରୋଧ କରିବା ପରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ପଞ୍ଚାୟତ ସମିତି ଟାଙ୍ଗରପାଲି ବ୍ଲକ ତରଫରୁ ଏକ କଲଭର୍ଟ ୪ ଲକ୍ଷ ଟଙ୍କାର ଅନୁମୋଦନ ହୋଇଥିଲା। ବିଶ୍ୱସ୍ତ ସୂତ୍ରରୁ ଜଣା ପଡ଼ିଛି ବ୍ଲକର ଏକ କରିତ୍ କର୍ମା କର୍ମଚାରୀଙ୍କ ପ୍ରରୋଚନାରେ ପଡ଼ି ଅକ୍ଟୋବର ୧୪ ତାରିଖ ବିଡ଼ିଓ ଉକ୍ତ ଜମିର କିସମ ରୟତି ବୋଲି ଜିଲ୍ଲା ନିର୍ବାହୀ ଅଧିକାରୀଙ୍କୁ ଲେଖି ଜଣାଇ ଥିଲେ, ଉକ୍ତ ଚିଠି ଅନୁସାରେ ନଭେମ୍ବର ୩ ତାରିଖ ନିର୍ବାହୀ ଅଧିକାରୀ ଉକ୍ତ ଜାଗା ଫରେଷ୍ଟ ଜମି ଏଣୁ ଉକ୍ତ ଜାଗାରେ ପ୍ରକଳ୍ପ ଯୋଗ୍ୟ ନୁହେଁ ଏବଂ ଅନ୍ୟ ଗ୍ରାମକୁ ପରିବର୍ତନ କରି ବିଡ଼ିଓଙ୍କ ପାଖକୁ ଜଣାଇଲେ। ଠିକ୍ ସେହି ନଭେମ୍ବର ୩ ତାରିଖ ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ସୁପରଭାଇଜର ମନୋଜ ରାୟ, ଆର ଆଇ ଶ୍ରୀକାନ୍ତ ଚୌଧୁରୀ, ସହକାରୀ ଯନ୍ତ୍ରୀ ମାନସ ନେଟି ଏବଂ କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ମୁଣ୍ଡା ଉପସ୍ଥିତ ରହି ମିଳିତ ଚିହ୍ନଟ ପରେ ଜମିର କିସମ୍ ମାହାରା ବୋଲି ଦର୍ଶାଇଥିଲେ।

## ଭାଷା ବିକାଶର ଅଭିନବ କାର୍ଯ୍ୟକ୍ରମ 'ଅତୁଟ ବନ୍ଧନ'



**ବାଲେଶ୍ୱର,୧।୧୨(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ଅନୁଷ୍ଠାନର ଉପସଭାପତି ନାଟ୍ୟକାର ନିରଞ୍ଜନ ରାଉତ ଓ ପ୍ରଭାତୀ ରାଉତଙ୍କ ୫୫ତମ ବିବାହବାର୍ଷିକୀ ଉପଲକ୍ଷେ ଏକ ବିଶେଷ କାର୍ଯ୍ୟକ୍ରମ 'ଅତୁଟ ବନ୍ଧନ' ଅନ୍ୟତମ ଉପସଭାପତି ଗାଳ୍ପିକ ନିବାରଣ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସାରସ୍ୱତ ସାଧକ ସାଧିକାମାନଙ୍କୁ ପ୍ରେରଣା ମୁଖ୍ୟତଃ ପରିବାରରୁ ହିଁ ମିଳିଥାଏ। ପତି ପତ୍ନୀଙ୍କ ମଧ୍ୟରେ ଜଣେ କିଏ ସାରସ୍ୱତ ସାଧନାରେ ବ୍ରତୀ ଥିବାବେଳେ ଅନ୍ୟଜଣଙ୍କର ଉତ୍ସାହ ଓ ପ୍ରେରଣା ତାଙ୍କୁ ବାଣୀସାଧନାରେ ଅଗ୍ରସର ହେବାକୁ ପ୍ରେରିତ କରିଥାଏ। ଏତତ୍ବ୍ୟତୀତ ଗୋଟିଏ ଅନୁଷ୍ଠାନର ସଦସ୍ୟମାନଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ଦୃଢ଼ କରିବା ସହିତ ଜଣେ ଅନ୍ୟଜଣଙ୍କୁ ଅତି ନିକଟରୁ ଚିହ୍ନିବା ଉଦ୍ଦେଶ୍ୟରେ ଏହିଭଳି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ନିରଞ୍ଜନ ରାଉତ ଓ ପ୍ରଭାତୀ ରାଉତଙ୍କୁ ୫୫ତମ ବିବାହବାର୍ଷିକୀ ଅବରସରେ ସମ୍ବର୍ଦ୍ଧିତ କରାଯିବା ସହ ଲମ୍ବୋଦର ନାୟକ ଓ ଉର୍ମିଳା ନାୟକ ଏବଂ ଦେବାଶିଷ ସିଂହ ଓ ତୃପ୍ତିରାଣୀ ପାତ୍ର ପ୍ରଭୃତି ସାହିତ୍ୟିକ ଦମ୍ପତିଙ୍କୁ ବରିଷ୍ଠ ସଦସ୍ୟ ଶରତ କୁମାର ମହାପାତ୍ର, ରମାକାନ୍ତ ନାୟକ ଓ ଅରୁଣା ରାୟଙ୍କଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

## ଦାରିଙ୍ଗବାଡ଼ି ଅଞ୍ଚଳରେ ଝିପିଝିପି ବର୍ଷା: ଚିନ୍ତାରେ ଚାଷୀ

**ଦାରିଙ୍ଗବାଡ଼ି,୧।୧୨(ସଂଚାର ବ୍ୟୁରୋ):** ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିରେ ପାଣିପାଗରେ ପରିବର୍ତ୍ତନ ଆସିଛି। ସୋମବାର ଭୋର ସମୟରୁ ଝିପିଝିପି ବର୍ଷା ଲାଗିରହିଥିବା ସହ ପ୍ରବଳ ଶୀତ ଅନୁଭୂତ ହୋଇଛି। ରାତ୍ରକାଳୀନ ଥଣ୍ଡାରେ ହ୍ରାସ ପାଇଥିବା ବେଳେ ଦିନରେ କୋହଲା ପାଗ ଓ ମେଘୁଆ ପାଗ ଯୋଗୁ ଶୀତ ଦ୍ୱିଗୁଣିତ ହୋଇଛି। ସର୍ବନିମ୍ନ ତାପମାତ୍ରା ୧୧. ୦୫ ଡିଗ୍ରୀ ରହିଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ସେପଟେ ହଠାତ୍ କାରଣରୁ ଧାନଚାଷୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଏବେ ଅଞ୍ଚଳରେ ଧାନକଟା ଚାଲିଥିବା ବେଳେ ଅନେକ ଚାଷୀଙ୍କ କ୍ଷେତରେ ଧାନ କଟାଯାଇ ପଡ଼ିଛି। ଅମଳ କାର୍ଯ୍ୟ ସରିନାହିଁ ଫଳରେ କ୍ଷେତରୁ ସୁରକ୍ଷିତ ସ୍ଥାନକୁ ଚାଷୀ ଅମଳ ଧାନ ଓ କଟାଯାଇ ରଖାଯାଇଥିବା ଧାନବିଡ଼ାକୁ ନେବାକୁ ଉଦ୍ୟମ କରୁଥିବା ବାଡ଼ାବାଙ୍ଗା ପଞ୍ଚାୟତ ପଦ୍ମପଲିର ଧାନଚାଷୀ ସୁରଞ୍ଜନ ପ୍ରଧାନ କହିଛନ୍ତି ହଠାତ ବର୍ଷା ଯୋଗୁ ଚାଷୀକୁଳ ପ୍ରଭାବିତ ହୋଇଥିବା ଜଣାପଡ଼ିଛି।

# ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନଶୁଣାଣି

## ମୋଟ ୨୨୭ଗୋଟି ଅଭିଯୋଗର ହେଲା ଶୁଣାଣି



**ବାରିପଦା,୧।୧୨(ସଂଚାର ବ୍ୟୁରୋ):** ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ହେମକାନ୍ତ ସୟ ଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଆରମ୍ଭ ହୋଇଯାଇଛି। ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଖିବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ, ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡ ର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୨୭ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା। ଉକ୍ତ ୨୨୭ଗୋଟି ଅଭିଯୋଗ ମଧ୍ୟରୁ ୨୦୯ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ, ୧୮ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ୧୧ଟି ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ୪ଜଣ ଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୫, ୦୦୦/-ଟଙ୍କା ଓ ରେଡ କ୍ରସ ରୁ ୦୬ ଜଣଙ୍କୁ ୩୫, ୦୦୦/-ଟଙ୍କା ମଂଜୁର କରିଛନ୍ତି ଆଜିର ଜନ ଅଭିଯୋଗ ଶୁଣାଣୀରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ବିଶ୍ୱ ଏଡ୍ସ ଦିବସ: ରାମଜୀ କଲେଜରେ ସଚେତନତା ସଭା, ଶୋଭାଯାତ୍ରା ଅନୁଷ୍ଠିତ

**ଦିଗପହଣ୍ଡି,୧।୧୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକର ଭୀଷ୍ମଗିରି ଗ୍ରାମ ସ୍ଥିତ ରାମଜୀ କଲେଜ ପରିସରରେ ସୋମବାର ଦିନ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

ଡିଗ୍ରୀ କଲେଜ ଅଧ୍ୟକ୍ଷ ନିହାର ରଞ୍ଜନ କରଙ୍କ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ରାମଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପିକା ପ୍ରିୟଙ୍କା ପଣ୍ଡା ଯୋଗ ଦେଇଥିଲେ। ଅଧ୍ୟାପିକା କୁମାରୀ ପ୍ରିୟଦର୍ଶିନୀ ପ୍ରଧାନ, ଅଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା, ଦେବଦତ୍ତ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ସଭାରେ ଏଡସ୍ର କାରଣ ଓ ନିରାକରଣ ସମ୍ପର୍କରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥିବୃନ୍ଦ ସଚେତନତା ହିଁ ଏଡସ୍ ରୋଗ ନିରାକରଣର ମୁଖ୍ୟ ମାଧ୍ୟମ ବୋଲି ମତ ଦେଇଥିଲେ। ଯୁବ ରେଡକ୍ରସ୍ ଉପଦେଷ୍ଟା ଅଧ୍ୟାପକ ରଞ୍ଜନ ଗୌଡ଼ ଧନ୍ୟବାଦ ଅର୍ପଣ କରିବା ପରେ ଶେଷରେ ଛାତ୍ରୀଛାତ୍ରମାନେ ଏକ ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ।